ବର୍ଷ-୨୪, ସଂଖ୍ୟା-୧୧୪
ଭୁବନେଶ୍ୱର
୧୫ ମଇ, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 114
Bhubaneswar
15 May, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଭୁବନେଶ୍ୱରରେ ରୋଡ୍ ସୋ' କରିବେ ମୁଖ୍ୟମନ୍ତ୍ରୀ

## ଗଙ୍ଗନଗର ଛକରୁ ରୁପାଲି ଛକ ପର୍ଯ୍ୟନ୍ତ ଯିବ ଶୋଭାଯାତ୍ରା

ଭୁବନେଶ୍ୱର,୧୪।୫(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରେ ରାଜଧାନୀ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ ସୋ' କରିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରୋଡ ସୋ' ଆସନ୍ତା ୧୬ତାରିଖରେ ରାଜଧାନୀରେ ଆୟୋଜନ ହେବ। ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଙ୍ଗନଗର ଛକରୁ ରୋଡ୍ ସୋ' ଆରମ୍ଭ କରିବେ। ଗୋପବନ୍ଧୁ ଛକ, ଡିଏଭି ଛକ, ଏଚଡିଏଫସି ବ୍ୟାଙ୍କ ଛକ, ନୂଆସାହି, ବେହେରା ସାହି, ନିକ୍କୋ ପାର୍କ ଛକ ଓ ବାୟାବାବା ମଠ ଦେଇ ରୁପାଲି ଛକ ପର୍ଯ୍ୟନ୍ତ ଏହି ସୋ' ଚାଲିବ। ମୁଖ୍ୟମନ୍ତ୍ରୀଙ୍କ ରୋଡ ସୋ' ବେଳେ ବ୍ୟାରିକେଡିଂ କରାଯିବ। ଏହାସହ କର୍ଡନ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବ। ରୋଡ ସୋ' ସମୟରେ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ରହିବେ।




ଉଚ୍ଚ ବିଲଡିଂ ଗୁଡ଼ିକରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ। ରୋଡ ସୋ' ପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି ପୁଲିସ। ଏନେଇ ସୂଚନା ଦେଇଛନ୍ତି ଡିସିପି ପ୍ରତୀକ ସିଂ।

ଗତ ୧୦ ତାରିଖ ରାତି ପ୍ରାୟ ୯ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରେ ରୋଡ ସୋ' କରିଥିଲେ। ମୋଦୀଙ୍କ ରୋଡ୍ ସୋ' ବିଜେପି ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ବାଣୀବିହାର ଛକରେ ପହଞ୍ଚି ଥିଲା। ମୋଦୀଙ୍କ ରାଲିରେ ପୂରା ଜନପଥଟି ମୋଦୀ ପଥ ପାଲଟି ଯାଇଥିଲା। ମୋଦୀଙ୍କ ସମର୍ଥକମାନେ ବିଜେପି ପତାକା ଧରିଥିଲେ। ମୋଦୀ ନାରା ଲଗାଉଥିଲେ। ପ୍ରାୟ ୨ ଲକ୍ଷ ଲୋକଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା।

## ପ୍ରଦୀପ ପାଣିଗ୍ରାହୀ ଗୁରୁତର; ଏମ୍ସ ସ୍ଥାନାନ୍ତର

ଭୁବନେଶ୍ୱର,୧୪।୫(ମହାଭାରତ): ବିରୋଧୀଙ୍କ ଆକ୍ରମଣରେ ଆହତ ହୋଇଥିବା ବ୍ରହ୍ମପୁର ବିଜେପି ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ପ୍ରଦୀପଙ୍କ ପଞ୍ଜରା ହାଡରେ ଆଘାତ ଲାଗିଥିବା ସୂଚନା ମିଳିଛି। ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁରରୁ ଏମସରେ ଭର୍ତ୍ତି କରାଯାଇଥିବା ନେଇ ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି।

ଗତକାଲି ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ଭୋଟ ସରିବା ପରେ ଉତ୍କଳମଣି ୟୁପି ସ୍କୁଲ ବୁଥ ଆଗରେ ପ୍ରଦୀପ ପାଣିଗ୍ରାହୀ ସମର୍ଥକ ଓ ସ୍ୱାଧୀନ ବିଧାନସଭା ପ୍ରାର୍ଥୀ ଶିବଶଙ୍କର ଦାସ ସମର୍ଥକଙ୍କ ମଧ୍ୟରେ କୌଣସି କାରଣ ପାଇଁ ହାତାହାତି ହୋଇଥିଲା। ଏହି ଗଣ୍ଡଗୋଳ ସମୟରେ ଶିବଶଙ୍କର ପ୍ରଦୀପଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ଆଜି ସକାଳେ ପ୍ରଦୀପଙ୍କୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ପୁଲିସ ଏହି ଘଟଣାରେ ଶିବଶଙ୍କର ଦାସଙ୍କୁ ଥାନାରେ ଅଟକ ରଖିଛି। ଶିବଶଙ୍କରଙ୍କୁ ଗୋଷାଣୀ ନୂଆଗାଁ ଥାନାରେ ପୁଲିସ ଅଟକ

# ଆଜି ନବୀନ-ଶାହା-ରାହୁଲଙ୍କ ପ୍ରଚାର







ଭୁବନେଶ୍ୱର,୧୪।୫(ମହାଭାରତ): ଓଡ଼ିଶାରେ ସରିଛି ପ୍ରଥମ ପର୍ଯ୍ୟାୟ ମତଦାନ। ଏବେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଅଣ୍ଟା ଭିଡ଼ିଛନ୍ତି ତିନି ରାଜନୈତିକ ଦଳ। ସମ୍ବଲପୁର, ଆସ୍କା, କନ୍ଧମାଳ, ବରଗଡ଼, ସୁନ୍ଦରଗଡ଼ରେ ପଡ଼ିବ ମତଦାନ। ଏହା ପୂର୍ବରୁ ନିଜ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ମଇଦାନକୁ ଓହ୍ଲାଇବେ ହେଭିଓ୍ୱେଟ୍ ନେତା। ବଡ଼ କଥା ହେଉଛି, ଗୋଟିଏ ଦିନରେ ବିଜେପି ଓ ବିଜେଡିର ଦୁଇ ଶୀର୍ଷ ନେତାଙ୍କ ପ୍ରଚାରରେ ଉଠିବ ପଡ଼ିବ ପ୍ରଚାର ମଇଦାନ। ଆସନ୍ତାକାଲି ଓଡ଼ିଶା ଗସ୍ତରେ ଗୃହମନ୍ତ୍ରୀ ଅମିତ ଶାହ ଆସୁଥିବା ବେଳେ ସମ୍ବଲପୁରରେ ପ୍ରଚାର କରିବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ସେହିପରି କଂଗ୍ରେସର ମନୋବଳ ବଢ଼ାଇବା ପାଇଁ ରାହୁଲ ଗାନ୍ଧୀ ମଧ୍ୟ ଆସୁଛନ୍ତି ଓଡ଼ିଶା। ନିର୍ବାଚନୀ ମାହୋଲ ଭିତରେ ତିନି ରାଜନୈତିକ ଦଳର ଏହି ବଡ଼ ଚେହେରା ଯେତେବେଳେ ମଇଦାନକୁ ଓହ୍ଲାଇବେ, ସେତେବେଳର ଦୃଶ୍ୟ ବେଶ୍ ରୋଚକ ରହିବ। ଗୋଟିଏ ପଟେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଅନ୍ୟପଟେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଆଉ କଂଗ୍ରେସକୁ ସଂଜୀବନି ଦେବାକୁ ଆସୁଛନ୍ତି ରାହୁଲ ଗାନ୍ଧୀ। ନିର୍ବାଚନ ଭିତରେ ପୁଣିଥରେ ଓଡ଼ିଶା ଆସୁଛନ୍ତି ବିଜେପିର ଦ୍ୱିତୀୟ ବଡ଼ ଚେହେରା ଅମିତ ଶାହ। ଓଡ଼ିଶା ଗସ୍ତରେ ଆସ୍କାର ସୋରଡା ଓ ବୌଦ୍ଧରେ ଜନସଭା କରିବାର କାର୍ଯ୍ୟକ୍ରମ ରହିଛି। ବଡ଼ କଥା ହେଉଛି, ସନ୍ଧ୍ୟାରେ କଟକରେ ଏକ ବିଶାଳ ରୋଡ୍ ସୋ କରିବେ ଗୃହମନ୍ତ୍ରୀ। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ଆସନ୍ତାକାଲି ସଂଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଦଳୀୟ କର୍ମଶାଳାରେ ଯୋଗ ଦେବେ ଭୁବନେଶ୍ୱରରେ ରାତିଯାପନ କରି ୧୬ତାରିଖି ସକାଳେ ବରଗଡ଼ ଜିଲାର ପଦ୍ମପୁର ଓ ସୁନ୍ଦରଗଡ଼ ଦଳର ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ରାଜ୍ୟ ରାଜନୀତିର ସବୁଠାରୁ ବଡ଼ ପଲିଟିକାଲ ହଟସ୍ପଟ ହେଉଛି ସମ୍ବଲପୁର। ସମୟ ଗଡ଼ୁଥିବା ସହିତ ବବି ଓ ଧର୍ମେନ୍ଦ୍ରଙ୍କ ଟକ୍କର ଜୋରଦାର ହେଉଛି। ଆଉ ଏହି ଆରପାରର ଲଢ଼େଇ ଭିତରେ ବବିଙ୍କ ପାଇଁ ପ୍ରଚାର ମଙ୍ଗ ଧରିବେ ନବୀନ। ଆସନ୍ତାକାଲି ସମ୍ବଲପୁର ସଂସଦୀୟ କ୍ଷେତ୍ର ଦେବଗଡ଼, ଛେଣ୍ଡିପଦା, ଆଠମଲ୍ଲିକରେ ବିଶାଳ ଜନସଭା କରିବେ ବିଜେଡି ସୁପ୍ରିମୋ। ନବୀନଙ୍କ ମାରାଥନ ପ୍ରଚାର ପ୍ରଣବଙ୍କ ପାଇଁ ସଂଜୀବନୀ ହେବ ବୋଲି ଚର୍ଚ୍ଚା ହେଉଛି। ସେପଟେ ରାଉରକେଲାରେ ମଧ୍ୟ ନବୀନଙ୍କର ଆଉଏକ କାର୍ଯ୍ୟକ୍ରମ ରହିଛି।

ଶାହ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ସୋରଡ଼ା ଓ ବୌଦ୍ଧରେ ସାଧାରଣ ସଭାରେ ଯୋଗ ଦେବେ ବୋଲି ଜଣାଯାଇଛି। ଏହାଛଡ଼ା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଟକରେ ରୋଡ୍ ସୋ କରିବେ। ଆସନ୍ତାକାଲି ଓଡ଼ିଶା ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ଦିନ ୧୨ଟା ୩୦ ମିନିଟରେ ଶାହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ବିମାନବନ୍ଦରରୁ ସ୍ୱତନ୍ତ୍ର ବିମାନ ଯୋଗେ ସୋରଡ଼ା ଯିବେ। ସେଠାରେ ଦଳୀୟ ନିର୍ବାଚନୀ କାର୍ଯ୍ୟକ୍ରମରେ ଯୋଗ ଦେବେ ଶାହ। ପରେ ଅପରାହ୍ନ ୩ଟା ୩୦ ମିନିଟରେ ବୌଦ୍ଧରେ ପହଞ୍ଚି ଦଳୀୟ ସମାବେଶରେ ଯୋଗଦେବେ। ସେଠାରୁ ଫେରି ସେ କଟକରେ ରୋଡ୍ ଶୋ' କରିବେ ବୋଲି ବିଜେପି ସୂତ୍ରରୁ ସୂଚନା ମିଳିଛି। ଶୋଭାଯାତ୍ରା ଅପରାହ୍ନ ୪ଟାରୁ ଗୋପବନ୍ଧୁ ବାଗ ଠାରୁ ଆରମ୍ଭ ହୋଇ ବକ୍ସିବଜାର, ତିନିକୋଣିଆ। ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ନୟାସଡ଼କ, ବାଲୁବଜାର, ଚାନ୍ଦିନୀ ଚୌକ, ମହମଦିଆ। ବଜାର ଓ ଶେଖ ବଜାର ହୋଇ ଚଣ୍ଡୀ ମନ୍ଦିର ପାଖରେ ପହଞ୍ଚିବ। ତାଙ୍କୁ ବିପୁଳ ସଂଖ୍ୟାରେ ସ୍ୱାଗତ ସହିତ ଯୋଗଦାନ କରିବା ପାଇଁ କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବତ୍ସ କଟକ ସହର ବାସୀଙ୍କୁ ନିବେଦନ କରିଛନ୍ତି।

### ରାଉରକେଲା, କଟକ ଓ ବଲାଙ୍ଗୀରରେ ଶକ୍ତି ପ୍ରଦର୍ଶନ

ସେପଟେ କଂଗ୍ରେସ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ କାଲି ବଲାଙ୍ଗିରରେ ନିର୍ବାଚନୀ ସଭାକୁ ସମ୍ବୋଧନ କରିବେ ରାହୁଲ ଗାନ୍ଧୀ। ଦିନ ୧୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଁଚିବେ ରାହୁଲ। ଏହାପରେ ସିଧା ବଲାଙ୍ଗୀର ଅଭିମୁଖେ ଯାତ୍ରା କରିବେ। ୪୫ ମିନିଟ୍ ଧରି ସାଧାରଣ ସଭାରେ ରହିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୦ରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ଏହା ପୂର୍ବରୁ ୧୭ରେ ବିଜେପି ରଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଓ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ମଲ୍ଲିକାର୍ଜୁନ ଘଡଗେ ଓଡିଶା ଆସୁଛନ୍ତି।

## ସୋରରେ ରାଜୁଙ୍କ ବଦଳରେ ପର୍ଶୁରାମ ମିଳିଲା ବିଜେପି ଟିକେଟ

ସୋର,୧୪।୫(ମହାଭାରତ): ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ପରିବର୍ତ୍ତନ କରିଛି ବିଜେପି। ଏଠାରେ ଆଗରୁ ରାଜେନ୍ଦ୍ର ଦାସଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଆଜି ଏଥିରେ ପରିବର୍ତ୍ତନ କରାଯାଇଛି। ଦଳ ପର୍ଶୁରାମ ଧଡ଼ାଙ୍କୁ ବିଧାନସଭା ପ୍ରାର୍ଥୀ ଘୋଷଣା କରିଛି। ସୋର ବିଧାୟକ ପର୍ଶୁରାମ ଧଡ଼ା କିଛି ଦିନ ତଳେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ଦଳୀୟ ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଦାସଙ୍କ ନାଁ ବିଜେପି ଘୋଷଣା କରିବାର ପ୍ରାୟ ମାସେରୁ ଉର୍ଦ୍ଧ୍ୱ ସମୟ ବିତିବା ପରେ ବି ସେ ପ୍ରଚାର ମଇଦାନକୁ ଓହ୍ଲାଇ ପାରିଲେନି। ଅନ୍ୟପକ୍ଷରେ ପ୍ରାର୍ଥୀ ପରିବର୍ତ୍ତନ ଦାବିକୁ ଜୋରଦାର କରିଛନ୍ତି ଦଳୀୟ କର୍ମକର୍ତ୍ତା ପ୍ରାର୍ଥୀଙ୍କୁ ନେଇ ବିବାଦ ଉପୁଜିବା ପରେ ବିଜେପି କାର୍ଯ୍ୟାଳୟ ମଧ୍ୟ ସେବେଠୁ ବନ୍ଦ ରହିଛି।

# ୩ ଦିନ ପୂର୍ବରୁ ଆସିବ ମୌସୁମୀ

ନୂଆଦିଲ୍ଲୀ,୧୪।୫(ମହାଭାରତ): ଚଳିତ ବର୍ଷ ମୌସୁମୀ ଶୀଘ୍ର ଆସିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ଦ୍ୱାରା ପ୍ରବଳ ଗରମରୁ ମୁକ୍ତି ମିଳିବାର ଆଶା ରହିଛି। ଦକ୍ଷିଣ-ପଶ୍ଚିମ ମେସୁମୀ ଏହାର ସାଧାରଣ ଆଗମନ ତାରିଖ ପୂର୍ବରୁ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଆଇଏମଡି ପୂର୍ବାନୁମାନ ଅନୁଯାୟୀ, ମେ' ୨୨ ର ହାରାହାରି ଆଗମନ ତାରିଖର ତିନି ଦିନ ପୂର୍ବରୁ ମେ' ୧୯ ସୁଦ୍ଧା ମୌସୁମୀ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚିବାର ସମ୍ଭାବନା ରହିଛି। ଏହି ପ୍ରାରମ୍ଭିକ ଆଗମନକୁ ଏଲ୍ ନିଓ ସିଷ୍ଟମର ଦୁର୍ବଳତା ଏବଂ ଲା ନି ନୋ ସ୍ଥିତିର ସକ୍ରିୟତା ସହିତ ଅନୁକୂଳ ଭାରତ ମହାସାଗର ଡିପୋଲ୍ (ଆଇଓଡି) ଅବସ୍ଥା ପାଇଁ ଦାୟୀ ବୋଲି ପାଣିପାଗ ବିଭାଗ କହିଛି।ପାଣିପାଗ ବିଭାଗ ଚଳିତ ବର୍ଷ ମୌସୁମୀ ସମୟରେ ଭାରତରେ ସାଧାରଣ ବୃଷ୍ଟିପାତ ହେବାର ସମ୍ଭାବନାକୁ ସୂଚିତ କରିଛି। ପୂର୍ବରୁ ଆଇଏମଡି ଚଳିତ ମୌସୁମୀରେ ସାଧାରଣ ବର୍ଷାଠାରୁ ଅଧିକ ପୂର୍ବାନୁମାନ କରିଥିଲା। ଆସନ୍ତା ଦୁଇ ଦିନ ୧୫ରୁ ୧୬ ପର୍ଯ୍ୟନ୍ତ ତାମିଲନାଡୁ, କର୍ଣ୍ଣାଟକ ଏବଂ କେରଳ ଭଳି ଦକ୍ଷିଣ ରାଜ୍ୟରେ ବଜ୍ରପାତ ଏବଂ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।



ଆକଳନ କରାଯାଇଛି ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୧ ସୁଦ୍ଧା କେରଳରେ ପ୍ରବେଶ କରିବ, ବଙ୍ଗୋପସାଗରରୁ କେନ୍ଦ୍ରୀୟ ଭାରତ ଆଡକୁ ମୁହାଁଇବ ଏବଂ ମେ' ୧୯ସୁଦ୍ଧା ଭାରତୀୟ ସୀମାରେ ପହଞ୍ଚିବ। ମହାରାଷ୍ଟ୍ରରେ ମୌସୁମୀ ଜୁନ୍ ୧୦ ସୁଦ୍ଧା ପହଞ୍ଚିପାରେ, ତା'ପରେ ଗୁଜୁରାଟ, ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଏବଂ ବିହାରରେ ଜୁନ୍ ୧୫ ସୁଦ୍ଧା ପହଞ୍ଚିପାରେ। ଜୁନ୍ ୨୦ ସୁଦ୍ଧା ଗୁଜୁରାଟର ଆଭ୍ୟନ୍ତରୀଣ ଅଞ୍ଚଳ, ମଧ୍ୟପ୍ରଦେଶର କେନ୍ଦ୍ରୀୟ ଅଞ୍ଚଳ ଏବଂ ଉତ୍ତରପ୍ରଦେଶର ବିଭିନ୍ନ ଅଞ୍ଚଳରେ ମୌସୁମୀ ପହଞ୍ଚିବ ବୋଲି ଆଶା କରାଯାଉଛି। ଯଦିଓ ପାଣିପାଗ ବିଭାଗ ଏସବୁ ରାଜ୍ୟରେ ମେସୁମୀର ଆଗମନ ପାଇଁ କେଣସି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରି ନାହାନ୍ତି। କିନ୍ତୁ ବିଭାଗ ପକ୍ଷରୁ କ୍ରମାଗତ ଭାବରେ ମେସୁମୀର କାର୍ଯ୍ୟକଳାପ ଉପରେ ନଜର ରଖାଯାଉଛି। ଜୁନ୍ ୨୫ ସୁଦ୍ଧା ହିମାଚଳ ପ୍ରଦେଶ, ଉତ୍ତରପ୍ରଦେଶ ଏବଂ କଶ୍ମୀରରେ ଏବଂ ଜୁନ୍ ୩୦ ସୁଦ୍ଧା ରାଜସ୍ଥାନ, ଦିଲ୍ଲୀ, ହରିୟାଣା ଏବଂ ପଞ୍ଜାବରେ ମୌସୁମୀ ପହଞ୍ଚିବ ବୋଲି ଆଶା କରାଯାଉଛି। ଜୁଲାଇ ୮ ସୁଦ୍ଧା ମୌସୁମୀ ସମଗ୍ର ଦେଶରେ ପହଞ୍ଚିବ ବୋଲି ଆଶା କରାଯାଉଛି।

## ଆଗାମୀ ୪୮ ଘଣ୍ଟା ପରେ ପୁଣି ରାଜ୍ୟରେ ବୃଦ୍ଧି ପାଇବ ତାପମାତ୍ରା

ଭୁବନେଶ୍ୱର,୧୪।୫(ମହାଭାରତ): ଆଗାମୀ ୪୮ ଘଣ୍ଟା ପରେ ପୁଣି ବଢିବ ତାତି। ଏନେଇ ପାଣିପାଗ କେନ୍ଦ୍ର ଭୁବନେଶ୍ୱରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୪୮ ଘଣ୍ଟା ପରେ ରାଜ୍ୟରେ ୨ରୁ ୪ ଡିଗ୍ରି ତାପମାତ୍ରା ବଢିବା ନେଇ ଆକଳନ କରାଯାଇଛି। ଗତ ୨୪ ଘଣ୍ଟାରେ ସର୍ବାଧିକ ବର୍ଷା ୬୪ ମିଲିମିଟର ବର୍ଷା ଢେଙ୍କାନାଳରେ ରେକର୍ଡ ହୋଇଛି। ଆଗାମୀ ୩ ଦିନ ବିକ୍ଷିପ୍ତ ବର୍ଷା ରାଜ୍ୟରେ ଦେଖିବାକୁ ମିଳିବ। ୪ ଦିନ ପରେ ବର୍ଷାର ପରିମାଣ କମି ପାଗ ଶୁଖିଲା ରହିବ।

## ଠିକାଦାରଙ୍କ ଗାଡ଼ି ଉପରେ ଚଢ଼ାଉ କଲା ଆୟକର ବିଭାଗ ମିଳିଲା ୫ କୋଟି

ଭୁବନେଶ୍ୱର,୧୪।୫(ନି.ପ୍ର.): ନିର୍ବାଚନ ସମୟରେ ଆୟକର ବିଭାଗ ଓ ପୁଲିସ ଅଧିକ ସକ୍ରିୟ ରହିଛନ୍ତି। ଆୟଗର ବିଭାଗ ଗାଡ଼ି ଯାଞ୍ଚ ବେଳେ ଏକ ଦାମୀ କାର୍ ଭିତରୁ ୫କୋଟି ଟଙ୍କା ଠାବ କରିଛି। ଭୁବନେଶ୍ୱର ସୂର୍ଯ୍ୟନଗରରେ ଆୟକର ବିଭାଗର



ଚଢ଼ାଉ ବେଳେ ଏହି ଟଙ୍କା ଜବତ ହୋଇଛି।ଆୟକର ବିଭାଗ ପକ୍ଷରୁ କୁହାଯାଇଛି ଯେ, ଏକ ଫର୍ଚୁନର ଗାଡ଼ିରେ ନଗଦ ଟଙ୍କା ନେଇ ଯାଉଥିବା ବେଳେ ଚଢ଼ାଉ କରାଯାଇଥିଲା। ଜବତ ଟଙ୍କା ଯାଜପୁର ଅଂଚଳର ଜଣେ ଠିକାଦାରଙ୍କର ହୋଇଥିବା ଜଣାପଡ଼ିଛି। ସଂପୃକ୍ତ ଠିକାଦାରଙ୍କ ନା ନିହାର ରଂଜନ। ଠିକାଦାର ନିହାର ରଂଜନଙ୍କ ଯାଜପୁର ବାସଭବନରେ ଆୟକର ବିଭାଗ ଏବେ ଚାଉ ଜାରି ରଖିଛି। ସୂଚନାଯୋଗ୍ୟ, ଗତକାଲି ପୁଲିସ ଚେକିଂ ବେଳେ ବୈଦ୍ଧ ଜିଲ୍ଲା ପୁରୁଣାକଟକରେ ମଧ୍ୟ ବିପୁଳ ପରିମାଣର ନଗଦ ଟଙ୍କା ଜବତ ହୋଇଥିଲା। କାରଟି ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପୁଲିସ ଚେକିଂ ବେଳେ ଧରାପଡ଼ିଥିଲା।

# ୧୫ କେଜି ସୁନା ଜବତ

ଭୁବନେଶ୍ୱର,୧୪।୫(ମହାଭାରତ): ନିର୍ବାଚନ ସମୟରେ ଆୟକର ବିଭାଗ ଓ ପୁଲିସ ଅଧିକ ସକ୍ରିୟ ରହିଛନ୍ତି। ଗାଡ଼ି ଯାଞ୍ଚ ବେଳେ ମିଳିଲା ପ୍ରାୟ ୧୫ କେଜି ସୁନା ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ ଗେଟ୍‌ରେ ଗାଡ଼ି ଯାଞ୍ଚ ବେଳେ ଏହି ସୁନା ଧରାପଡ଼ିଛି। ଯାହାର ଆନୁମାନିକ ମୂଲ୍ୟ ୧୦ କୋଟିରୁ ଅଧିକ ହେବ। ନିର୍ବାଚନ ସମୟରେ ଗାଡ଼ି ଯାଞ୍ଚ କଡ଼ାକଡ଼ି ହୋଇଥିବା ବେଳେ ବାଲେଶ୍ୱରରୁ ଆସିଛି ଏପରି ଖବର। ମାମଲାରେ ସିଟି ଆଣ୍ଡ ଜିଏସ୍‌ଟି ତଦନ୍ତ ଚଳାଇଛି। ନିର୍ବାଚନ ପାଇଁ ଆଜି ସନ୍ଧ୍ୟା ପ୍ରାୟ ୬ଟା ବେଳେ ବାଲେଶ୍ୱର ଓ ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ୍ ଟୋଲ୍ ଗେଟ୍‌ରେ ଗାଡ଼ି ଯାଞ୍ଚ କରୁଥିଲା ଫ୍ଲାଇଂ ସ୍କ୍ୱାର୍ଡ। ଠିକ୍ ସେହି ସମୟରେ ପଶ୍ଚିବମଙ୍ଗରୁ ଓଡ଼ିଶାକୁ ଆସୁଥିଲା ସିକ୍ୟୁଏଲ୍ ଲଜିଷ୍ଟିକ ଟ୍ରାନ୍ସପୋର୍ଟ ନାଁର ଏକ ଗାଡ଼ି। ସେହି ଗାଡ଼ିକୁ ଯାଞ୍ଚ କରିଥିଲା ଫ୍ଲାଇଂ ସ୍କ୍ୱାର୍ଡ। ଯାଞ୍ଚ ବେଳେ ପୂଳା ପୂଳା ସୁନା ବାହାରିଥିଲା। ଯାହାର ଓଜନ ପ୍ରାୟ ୧୫ କେଜିରୁ ଅଧିକ ହେବ। ଏନେଇ ଫ୍ଲାଇଂ ସ୍କ୍ୱାର୍ଡ ଗାଡ଼ିରେ ଥିବା କର୍ମଚାରୀଙ୍କୁ ପଚାରିଥିଲେ। ହେଲେ ସେମାନେ ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ। ସୁନା ଚାଲାଣ କରୁଥିବା ଅଭିଯୁକ୍ତଙ୍କ କଥାରେ ତାଳମେଳ ନରହିବାରୁ ଫ୍ଲାଇଂ ସ୍କ୍ୱାର୍ଡ ସମସ୍ତଙ୍କୁ ଧରି ଜଳେଶ୍ୱର ଥାନା ପୁଲିସକୁ ହସ୍ତାନ୍ତର କରିଥିଲା ପୁଲିସ ଗାଡ଼ି ଓ ସୁନାକୁ ଜବତ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ୍ ଜବତ ସୁନାକୁ ଓଜନ କରୁଛି।

# ୮୭ ଜଣଙ୍କ ନାଁରେ ଅପରାଧିକ ମାମଲା

### ଏଡିଆର୍ ରିପୋର୍ଟ

ଭୁବନେଶ୍ୱର,୧୪।୫(ମହାଭାରତ): ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଆସନ ପାଇଁ ଆସିଲା ଏଡିଆର୍ ରିପୋର୍ଟ। ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୬୫ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ। ୨୬୫ ପ୍ରାର୍ଥୀ ମଧ୍ୟରୁ ୮୭ ଜଣଙ୍କ ନାଁରେ ରହିଛି ଅପରାଧିକ ମାମଲା। ୭୦ ଜଣଙ୍କ ନାଁ ରେ ରହିଛି ସାଙ୍ଘାତିକ ଅପରାଧିକ ମାମଲା। ୫ ଜଣଙ୍କ ନାଁ ରେ ରହିଛି ହତ୍ୟା ଭଳି ସଙ୍ଗୀନ ଅପରାଧିକ ମାମଲା। ୧୬ ଜଣଙ୍କ ନାଁରେ ରହିଛି ହତ୍ୟାଉଦ୍ୟମ ଭଳି ଅପରାଧିକ ମାମଲା। ୧୧ ଜଣଙ୍କ ନାଁ ରେ ରହିଛି ମହିଳାଙ୍କ ବିରୋଧରେ ନିର୍ଯାତନା ଭଳି ମାମଲା। ସବୁଠାରୁ ସର୍ବାଧିକ ଅପରାଧିକ ମାମଲାରେ ରହିଛନ୍ତି ବିଜେପିର ପ୍ରାର୍ଥୀ। ବିଜେପିର ୩୫ ଜଣ ପ୍ରାର୍ଥୀମାନଙ୍କ ମଧ୍ୟରୁ ୨୮ ଜଣଙ୍କ ନାଁ ରେ ରହିଛି ଅପରାଧିକ ମାମଲା। ବିଜେଡିର ୩୫ ଜଣ ପ୍ରାର୍ଥୀମାନଙ୍କ ମଧ୍ୟରୁ ୯ ଜଣଙ୍କ ନାଁ ରେ ରହିଛି ଅପରାଧିକ ମାମଲା ଏବଂ କଂଗ୍ରେସର ୩୫ ଜଣ ପ୍ରାର୍ଥୀମାନଙ୍କ ମଧ୍ୟରୁ ୧୭ ଜଣଙ୍କ ନାଁରେ ରହିଛି ଅପରାଧିକ ମାମଲା।

୨୬୫ ଜଣଙ୍କ ମଧ୍ୟରୁ ୯୫ ଜଣ କୋଟିପତି ପ୍ରାର୍ଥୀ। ବିଜେଡିର ୩୦ ଜଣ ପ୍ରାର୍ଥୀ, ବିଜେପିର ୨୪ ଜଣ ପ୍ରାର୍ଥୀ ଏବଂ କଂଗ୍ରେସର ମଧ୍ୟ ୨୪ ଜଣ ପ୍ରାର୍ଥୀ କୋଟିପତି। ଦିଲ୍ଲୀପ ରାୟ ସବୁଠାରୁ ଅଧିକ ଧନୀ ପ୍ରାର୍ଥୀ। ଦିଲ୍ଲୀପ ରାୟଙ୍କ ରହିଛି ୩୧୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି। ଦ୍ୱିତୀୟରେ କଳିକେଶ ନାରାୟଣ ସିଂ ଦେଓଙ୍କ ରହିଛି ୭୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି। ତୃତୀୟରେ ନବୀନ ପଟ୍ଟନାୟକଙ୍କ ରହିଛି ୭୧ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି। ସବୁଠାରୁ କମ୍ ସମ୍ପତ୍ତି ଥିବା ପ୍ରାର୍ଥୀ ହେଉଛନ୍ତି ବୌଦ୍ଧର ସ୍ୱାଧୀନ ପ୍ରାର୍ଥୀ ପ୍ରଦୀପ ସାହୁୟ ତାଙ୍କର ରହିଛି ୭୦୦୦ ଟଙ୍କାର ସମ୍ପତି। ଦ୍ୱିତୀୟ ପର୍ଯ୍ୟାୟରେ ଯେତିକି ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଇଛି, ଯାହା ଟ୍ରେଣ୍ଡ କହୁଛି ଉଭୟ ଅର୍ଥବଳ ଆଉ ବାହୁବଳ ଦେଖିକି ଟିକେଟ ବଣ୍ଟା ଯାଇଛି।

## ପଦ୍ମଶ୍ରୀ ଡ. ଜିତେନ୍ଦ୍ରୀୟ ହରିପାଲ ଅସୁସ୍ଥ

ସମ୍ବଲପୁର,୧୪।୫(ମହାଭାରତ):: ରଙ୍ଗବତୀ ଗୀତର ଗାୟକ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ରୀୟ ହରିପାଲ ସୋମବାର ଅସୁସ୍ଥ ହୋଇପଡ଼ିଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନେଇ ସମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ପାଇବା ପରେ ଏନେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ଏକ ଡାକ୍ତରୀ ଦଳ ପ୍ରଥମେ ଘରକୁ ଯାଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରି ଚିକିତ୍ସିତ ହେଉଛନ୍ତି।

ଶ୍ରୀ ହରିପାଲଙ୍କ ପରିସ୍ରାନଳୀରେ ସଂକ୍ରମଣ ହୋଇଛି। ଏହାସହ ଆସନ୍ତାକାଲି ହାର୍ଣ୍ଣିଆ ଅପରେସନ୍ ହେବ ବୋଲି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପଦ୍ମଶ୍ରୀ ହରିପାଲଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ନନ୍ଦକିଶୋର ପ୍ରଧାନ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ସଚିବ ଓ ସମ୍ବଲପୁର ଜିଲ୍ଲାପାଳଙ୍କ ନଜରକୁ ଆଣିଥିଲେ। ଏହି ସୂଚନା ମିଳିବା ପରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସମ୍ବଲପୁର ମହାନଗର ନିଗମ କମିସନର ବେଦଭୂଷଣ ପଦକ୍ଷେପ ଗ୍ରହଣ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ପଦ୍ମଶ୍ରୀ ଡ. ହରିପାଲଙ୍କ ଘରେ ପହଞ୍ଚିଥିଲେ। ଡାକ୍ତର ଟିକେ କରମାର, ଡାକ୍ତର ଭେଶେଜ ମାଝୀ ତାଙ୍କର ଚିକିତ୍ସା କରୁଛନ୍ତି। ଆଜି ତାଙ୍କର ଅସ୍ତ୍ରୋପଚାର କରାଯିବା ନେଇ ଜଣାପଡିଛି। ଏକ ଡାକ୍ତରୀ ଟିମ୍ ତାଙ୍କର ସ୍ୱତନ୍ତ୍ର ଚିକିତ୍ସା ପାଇଁ ନିୟୋଜିତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ରଖିଛି।



# ବିରୋଧୀ ଟୁରିଷ୍ଟ : ଆମେ ସବୁବେଳେ ରହିବୁ

ଭୁବନେଶ୍ୱର,୧୪।୫(ମହାଭାରତ): କଟକ ଜିଲ୍ଲାର କଟକ ସଦର, କଟକ ଚୌଦ୍ୱାର, ଆଠଗଡ଼, ବଡ଼ମ୍ବା ଓ ବାଙ୍କୀରେ କାର୍ତ୍ତିକ ପାଣ୍ଡିଆନ ଜୋରଦାର ପ୍ରଚାର କରିଛନ୍ତି। ଯିଏ ଆପଣଙ୍କ ସାଙ୍ଗରେ ଦିନରାତି ଛିଡ଼ା ହେବେ, ସୁଖଦୁଃଖରେ ରହିବେ ସେମାନଙ୍କୁ ଆଶୀର୍ବାଦ କରନ୍ତୁ, ଟୁରିଷ୍ଟଙ୍କୁ ନୁହେଁ ବୋଲି କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।


## ପାଣ୍ଡିଆନ୍‌ଙ୍କ ଜୋରଦାର ପ୍ରଚାର

ଜୁନ ୯ ତାରିଖରେ ୧୧.୩୦ରୁ ଅପରାହ୍ନ ୧ ଘଣ୍ଟା ମଧ୍ୟରେ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ହୋଇ ଆପଣଙ୍କ ସେବା କରିବା ପାଇଁ ଦାୟିତ୍ୱ ନେବେ। ପ୍ରଥମ ଦସ୍ତଖତରେ ବିଜୁଳି ବିଲ୍ ଛାଡ଼ କରି ୯୦ ପ୍ରତିଶତ ପରିବାରଙ୍କୁ ଉପକୃତ କରିବେ। ଭୋଟ ଦିନ ବିପୁଳ ସଂଖ୍ୟାରେ ଆସି ଭୋଟ ଦିଅନ୍ତୁ। ଆପଣ ବିଜୁଳି ପାଇବେ, ବିରୋଧୀ କରେଣ୍ଟ ପାଇବେ।

ବିଜେପି କହୁଛି ମାଗଣା ବିଜୁଳି ଦେବ, ୪୦/୫୦ ହଜାର ଟଙ୍କା ଖର୍ଚ୍ଚ କରି ଆପଣ ସୋଲାର ପ୍ୟାନେଲ ଲଗାଇବେ। ସୂର୍ଯ୍ୟ କିରଣରୁ ବିଜୁଳି ମିଳିବ। ଦିନରେ ଲଣ୍ଠନ ଦେଖାଉଛନ୍ତି ବିଜେପି। ବିରୋଧୀ ଆସିଲେ ପଚାରିବେ, କହିଥିଲେ ଦର ଦାମ୍ କମିବ, ଏଲ୍.ପି.ଜି. ପେଟ୍ରୋଲ, ଡିଜେଲ ଦର କମିଲା କି ? ରୋଜଗାର ଦେଲେ କି ?

ଏଥିସହ ବଡ଼ମ୍ବା ବିଧାୟକ ପ୍ରାର୍ଥୀ ଦେବୀ ବାବୁ ଓ ସାଂସଦ ପ୍ରାର୍ଥୀ ସଂତୃପ୍ତ ବାବୁଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଶକ୍ତି ଦିଅନ୍ତୁ। କାମ କରିବାକୁ ସୁଯୋଗ ଦିଅନ୍ତୁ, ସଂତୃପ୍ତ ବାବୁ ବଡ଼ ଚାକିରି ଛାଡ଼ି ଆସିଛନ୍ତି ଆପଣଙ୍କ ସେବା ପାଇଁ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ଶିଳ୍ପ କ୍ଷେତ୍ରରେ ବହୁ ଅଭିଜ୍ଞତା ରହିଛି। ଦେବୀ ବାବୁ ଆପଣଙ୍କ ଅଞ୍ଚଳର ଜଣେ ଜନପ୍ରିୟ ପରିଶ୍ରମୀ ନେତା। ଦୁଇଜଣଙ୍କ ଜରିଆରେ ବଡ଼ମ୍ବା-ନରସିଂହପୁରର ବହୁତ ବିକାଶ ଘଟିବ।

ବଡ଼ମ୍ବା ନିର୍ବାଚନ ମଣ୍ଡଳୀରେ ମନ୍ଦିର ବିକାଶ ପାଇଁ ସବୁଠୁଁ ଅଧିକ ଟଙ୍କା ଦିଆଯାଇଛି। ମାଆ ଭଟାରିକା ମନ୍ଦିର ବିକାଶ ପାଇଁ ୮.୫୦ କୋଟି ଟଙ୍କା, ମାଆ ଚର୍ଚ୍ଚିକା ପୀଠର ବିକାଶ ପାଇଁ ୫.୩୦ କୋଟି ଟଙ୍କା, ସିଂହନାଥ ପୀଠର ବିକାଶ ପାଇଁ ୫.୩୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୧୪୦ କୋଟି ଟଙ୍କାରେ ଗୋପୀନାଥପୁର-ବୈଦେଶ୍ୱର ଟି-ବ୍ରିଜ୍ ନିର୍ମାଣ । ବଡ଼ମ୍ବାରେ ପିଇବା ପାଣି ସମସ୍ୟା ଦୂର ହେବ।



ନବୀନ ବାବୁ ଥିବା ପର୍ଯ୍ୟନ୍ତ କାହା ସହିତ ଅନ୍ୟାୟ ହେବାକୁ ଦେବେ ନାହିଁ। ଏଥିସହ ବଡ଼ମ୍ବା-ନରସିଂହପୁର ବିକାଶର ହିସାବ ଦେଇଥିଲେ କାର୍ତ୍ତିକ ପାଣ୍ଡିଆନ। ସେହିପରି, ବାଙ୍କୀରେ ପ୍ରଚାର ବେଳେ ପାଣ୍ଡିଆନ ବିଜେଡି ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିଲେ।

ସେଠାରେ ମଧ୍ୟ କହିଥିଲେ ଯେ, ନିର୍ବାଚନ ଆସିଲେ ବଡ ବଡ ନେତାମାନେ ଆସିବେ। ଟୁରିଷ୍ଟ ଭଳିଆ। ସେମାନେ ଆସିବେ, ପଳେଇବେ। ୫ ବର୍ଷ ଖୋଜିବେ ପାଇବେ ନାହିଁ । ହେଲେ ବିଜେଡିର ଦୁଇ ପ୍ରାର୍ଥୀଙ୍କୁ ବନ୍ଧୁ ବୋଲି କହି, ଏ ଦୁଇ ଜଣ ବନ୍ଧୁ ୨୪ ଘଣ୍ଟା ଆପଣଙ୍କ ପାଇଁ କାମ କରିବେ ବୋଲି କହିଥିଲେ ପାଣ୍ଡିଆନ୍। ଏଥିସହିତ ନୂଆ ଓଡିଶାରେ ବାଙ୍କୀ ନିର୍ବାଚନ ମଣ୍ଡଳୀ ଗୋଟେ ବହୁତ ସ୍ୱତନ୍ତ୍ର ପରିଚୟ ପାଇବ। ନୂଆ ଓଡିଶାରେ ପାଦ ପଡୁଛି, ବାଙ୍କୀ ମାଟିରେ ମେଟ୍ରୋ ରେଳ ଆସୁଛି ବୋଲି ପାଣ୍ଡିଆନ୍ କହିଛନ୍ତି। ମୁଖ୍ୟମନ୍ତ୍ରୀ ଓଡିଶାକୁ ଶହେ ବର୍ଷକୁ ଆଗକୁ ନେଇ, ନମ୍ବର ଏକ କରିବାକୁ ଦିନ ରାତି ଖଟୁଛନ୍ତି। ହେଲେ ବିଜେପିର ମାନିଫେଷ୍ଟୋ କିନ୍ତୁ ଓଡିଶାକୁ ୨୫ ବର୍ଷ ପଛକୁ ନେଇଯିବ। ୨୫ ତାରିଖ ଭୋଟରେ ଆପଣମାନେ ଦେଖେଇବେ। ୨୫ ବର୍ଷ ପଛକୁ ଯିବାର ଅଛି କି, ୨୫ ବର୍ଷ ଆଗକୁ ଯିବାର ଅଛି। ଏଥିସହିତ ଓଡିଶା ଦୌଡିବ, ଆଗୁଆ ରାଜ୍ୟ ହେବ। ବାଙ୍କୀ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ପାଇବ ବୋଲି କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

## ଟିକ୍କି ଚାଟ୍

ଆବଶ୍ୟକ ସାମଗ୍ରୀ: ଛୋଲ ୧କପ, ଗାଜର୧, ପିଆଜ୧, ଟମୋଟୋ୧, କଞ୍ଚାଲଙ୍କା୨, ତେଲ ୨ ବଡ ଚାମଚ, ଦହି୧କପ, ମିଠା ସୁଣ୍ଠି ୨ବଡ ଚାମଚା, ଧନିଆ ଚଟଣୀ ୨ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

ପ୍ରସ୍ତୁତି ପ୍ରଣାଳୀ : ଛୋଲେକୁ ୩ରୁ୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ । ଏହାପରେ ଅଳ୍ପ ପାଣି ନେଇ ଗାଇଡିଂ କରିଦିଅନ୍ତୁ । ଗାଜର, ପିଆଜ, ଟମାଟୋ ଏବଂ କଞ୍ଚା ଲଙ୍କାକୁ ଛୋଲେ ପେଷ୍ଟରେ ମିଶାନ୍ତୁ । ଲୁଣ ପକାଇ ଭଲ ଭାବେ ମକ୍ସଚର କରି ଏହାକୁ ତାୱାରେ ଛୋଟ ଛୋଟ ଟିକ୍କା ଭଜିନ୍ନାନ୍ତୁ । ଏହା ଭଲ ଭାବେ ଭାଜି ହୋଇଗଲେ ପରେ କାଢି ଦିଅନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଛୋଲେ ଟିକ୍କା । ଆପଣ ଏହାକୁ ଦହି କିମ୍ବା ଚଟଣୀ ସହିତ ପରଷନ୍ତୁ ।



ଖବର

## ପ୍ରେମ ମଧୁର ହେବା ଦରକାର, ଜଟିଳ ନୁହେଁ: କୃତି ସେନନ୍



ନିଜ ଜୀବନରେ ଏକ ସୁନ୍ଦର ରାଜକୁମାର ଭଳି ସ୍ୱାମୀଟେ ପାଇବାକୁ କେଉଁ ଝିଅର ବା ଇଚ୍ଛା ନଥାଏ ! କେହି କେହି ନିଜେ ନିଜର ଲାଇଫ୍ ପାର୍ଟନର୍ ବାଛନ୍ତି ତ କେହି ବ୍ୟବସ୍ଥିତ ବିବାହ ଉପରେ ନିର୍ଭର କରନ୍ତି । ତେବେ ସେଲିବ୍ରିଟିମାନେ ମଧ୍ୟ ନିଜ ଲାଇଫ୍ ପାର୍ଟନର୍ଙ୍କୁ ନେଇ ବେଶ୍ ସଚେତନ । ନିଜ ଜୀବନସାଥୀ କିପରି ହେବା ଦରକାର, ତାଙ୍କ ଭିତରେ କେମିତି ଗୁଣ ଥିବ ଇତ୍ୟାଦି ବିଷୟରେ ନିକଟରେ ପ୍ରକାଶ କରିଛନ୍ତି ଅଭିନେତ୍ରୀ କୃତି ସେନନ୍ । ଚଳିତ ବର୍ଷ ଆରମ୍ଭରୁ କୃତି ତାଙ୍କ ଚଳଚ୍ଚିତ୍ର ପାଇଁ ଲାଇମ୍ ଲାଇଟ୍ରେ ଅଛନ୍ତି । ଏହାବାଦ୍ ତାଙ୍କ ପ୍ରେମିକ କବୀର ବାହିୟାଙ୍କ ସହ ଡେଟିଂ କରୁଥିବା ଗୁଜବ ପାଇଁ ମଧ୍ୟ ଖବରରେ ଅଛନ୍ତି । ହେଲେ ଏ ସଂପର୍କରେ କେଣସି ସୂଚନା ଦେଇନାହାନ୍ତି କୃତି । କିନ୍ତୁ ନିଜ ଭବିଷ୍ୟତର ଆଦର୍ଶ ପତି କେମିତି ହେବ ସେ ବିଷୟରେ ମୁହଁ ଖୋଲିଛନ୍ତ ।

ଏକ ସାକ୍ଷାତ୍କାରରେ ତାଙ୍କୁ ପଚରାଯାଇଥିଲା, ସେ କେମିତି ଜୀବନସାଥୀ ଚାହୁଁଛନ୍ତି ? ଉତ୍ତରରେ ହସି ହସି କୃତି କହିଥିଲେ, ‘ମୁଁ ଜାଣିନାହିଁ ମୁଁ ଯେମିତି ଖୋଜୁଛି ସେମିତି ଜୀବନସାଥୀ ମିଳିବେ କି ନାହିଁ କିମ୍ବା ମୋ ଭଳି କେହି ଅଛନ୍ତି କି ନାହିଁ ! ତେବେ ମୋତେ ଲାଗୁଛି ଆମେ ନିଜ ଉପରେ ଅତ୍ୟଧିକ ଚାପ ପକାଉଛୁ କି ମୋତେ ଏମିତି ପୁଅ ଦରକାର, ସେମିତି ପୁଅ ଦରକାର । ତେବେ ମୁଁ ଏମିତି ଜଣେ ସାଥୀ ଚାହୁଁଛି ଯିଏ ମୋତେ ହସାଇ ପାରିବ, ମୋ ସହିତ ଘଣ୍ଟା ଘଣ୍ଟା କଥା ହୋଇପାରିବ, ମତେ ବୁଝି ପାରିବ, ମୋ କାମକୁ ସମ୍ମାନ ଦେଇପାରିବ ଏବଂ ଏସବୁ ମୋ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସଂପର୍କରେ ସଚ୍ଚୋଟତା ରହିବା ଉଚିତୟ ଆଉ ସବୁଠୁ ବଡ଼ କଥା, ସେ କେୟାରିଂ ହେବା ଉଚିତୟ ପ୍ରେମ ପାଇଁ ସର୍ବଦା ସମୟ ଦେବା ଦରକାରୟ ପ୍ରେମ ସୁନ୍ଦର ଜଟିଳ ନୁହେଁ, ଏହା ସେ ବି ବୁଝିଥିବା ଦରକାର’ ।

## ବ୍ରହ୍ମକପାଳ ତୀର୍ଥ

ବଦ୍ରିନାଥ ଧାମ ନିକଟବର୍ତ୍ତୀ ଅଳକାନନ୍ଦା ନଦୀ ତଟରେ ରହିଛି ବ୍ରହ୍ମକପାଳ ତୀର୍ଥ । ଏହି ତୀର୍ଥସ୍ଥଳୀରେ ପିତୃପକ୍ଷ ଅବସରରେ ପିଣ୍ଡଦାନ ନିମନ୍ତେ ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି । ଏଠାରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ବ୍ରହ୍ମକପାଳ ତୀର୍ଥ ସମ୍ବନ୍ଧରେ ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଏଠାରେ ପିଣ୍ଡ ପାଉଥିବା ପିତୃପୁରୁଷ ମୋକ୍ଷ ତଥା ମୁକ୍ତି ପାଇ ପରମାତ୍ମାଙ୍କ ଠାରେ ବିଲୀନ ହୋଇଯାଇଥାନ୍ତି । ଏଠାରେ ଥରୁଟିଏ ପିଣ୍ଡଦାନ ଏବଂ ତର୍ପଣ କରିବା ପରେ ଅନ୍ୟ ସ୍ଥାନ ପିଣ୍ଡଦାନର ଆବଶ୍ୟକତା ନଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ଥରେ ବେଦ ନିନ୍ଦା କରୁଥିବା କାରଣରୁ ଦେବ ଦେବ ମହାଦେବ କ୍ରୋଧିତ ହୋଇ ବ୍ରହ୍ମାଙ୍କର ଗୋଟିଏ ମୁଣ୍ଡ କାଟି ଦେଇଥିଲେ। ପୂର୍ବରୁ ବ୍ରହ୍ମାଙ୍କର ୫ଟି ମୁଣ୍ଡ ଥିଲା, ଗୋଟିଏ ମୁଣ୍ଡ କଟିଯିବା ପରେ ୪ଟି




ରହିଲା ।ହେଲେ ବ୍ରହ୍ମହତ୍ୟା ଦୋଷ ଲାଗିବାରୁ ଭଗବାନ ଶିବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କର କଟା ମୁଣ୍ଡ ବାହାରିଲା ନାହିଁ । ଭଗବାନ ଶିବ ଅନେକ ତୀର୍ଥ ଭ୍ରମଣ କଲେ, ମାତ୍ର ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ପାଇପାରିଲେ ନାହିଁ । ଶେଷରେ ସେ ବ୍ରହ୍ମକପାଳ ତୀର୍ଥ ନିକଟରେ ପହଞ୍ଚିଲେ। ସେଠାରେ। ଅଳକାନନ୍ଦା ନଦୀରେ ସ୍ନାନ କରିବା ପରେ ବଦ୍ରିକାଶ୍ରମ ଦିଗରେ ଅଗ୍ରସର ହେଲେ। ଏହି ସମୟରେ ଚମତ୍କାର ଘଟିଲା। ମହାଦେବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କ କଟାମୁଣ୍ଡ ବାହାରିଗଲା । ଫଳରେ ବ୍ରହ୍ମକପାଳ ତୀର୍ଥର ଦିବ୍ୟତ୍ୱ ସିଦ୍ଧ ହୋଇପାରିଲା। ସେବେଠାରୁ ବ୍ରହ୍ମକପାଳ ତୀର୍ଥରେ ପିଣ୍ଡଦାନ କରି ପିତୃପୁରୁଷଙ୍କୁ ସମସ୍ତ ପାପଭାରରୁ ମୁକ୍ତି ଦେବା ଲାଗି ଶ୍ରଦ୍ଧାଳୁମାନେ ଏହି ତୀର୍ଥସ୍ଥାନକୁ ଛୁଟି ଆସିଥାନ୍ତି ।

## କେବଳ ମୁଠାଏ ଚାଉଳ ବଦଳାଇଦେବ ଭାଗ୍ୟ

ଅନେକ ସମୟରେ, କଠିନ ପରିଶ୍ରମ ସତ୍ତ୍ୱେ ଆପଣ ଚାହୁଁଥିବା ଫଳାଫଳ ପାଆନ୍ତି ନାହିଁ। ଏହି କାରଣରୁ, ଜୀବନରେ ଅସ୍ଥିରତା ଏବଂ ଅର୍ଥ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ରାଶିରେ ଗ୍ରହର ଦୁର୍ବଳତା ମଧ୍ୟ ଏହିପରି ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏଥିଲାଗି କିଛି ଉପାୟ କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। ତେବେ ଚାଲନ୍ତୁ ଜାଣିବା ଚାଉଳ ମାଧ୍ୟମରେ କିଛି ଏମିତି ଉପାୟ ଯାହା ଆପଣଙ୍କୁ ଏ ସମସ୍ତ ସମସ୍ୟାରୁ ମୁକ୍ତି ଦେବ।

ଦରିଦ୍ରତା ହେବ ଦୂର :ପୂଜା କିମ୍ବା କୌଣସି ଧାର୍ମିକ କାର୍ଯ୍ୟରେ ଚାଉଳର ବିଶେଷ ମହତ୍ୱ ରହିଛି। ଏଥିସହିତ ଏହା ଚନ୍ଦ୍ର ସହିତ ମଧ୍ୟ ଜଡିତ । ତେଣୁ ପ୍ରତିଦିନ କପାଳରେ ଚାଉଳ ତିଳକ ଲଗାନ୍ତୁ। ଏହାଦ୍ୱାରା ରାଶିଫଳରେ ଚନ୍ଦ୍ର ଶକ୍ତିଶାଳୀ ହୋଇଥାନ୍ତି । ଯାହା ଫଳରେ ଅର୍ଥ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ ।

ଦେବୀ ଲକ୍ଷ୍ମୀ ହୋଇଥାନ୍ତି ପ୍ରଶନ୍ନ : ପୂର୍ଣ୍ଣିମା କିମ୍ବା ଯେକୌଣସି ଶୁଭ ସମୟରେ, ଲାଲ ରଙ୍ଗର ଏକ ରେଶମ କପଡ଼ାରେ ୨୧ ଗୋଟି ଚାଉଳକୁ ହଳଦିରେ ରଙ୍ଗ କରି ବାନ୍ଧନ୍ତୁ। ଏହାପରେ ଦେବୀ ଲକ୍ଷ୍ମୀଙ୍କ ଆଗରେ ସେହି କପଡାକୁ ରଖନ୍ତୁ । ଦେବୀଙ୍କୁ ପୂଜା କରିବା ସହିତ କନକଧାରା ସ୍ତୋତ୍ର ପାଠ କରନ୍ତୁ। ତା’ପରେ ସେହି କପାଟରୁ କିଛି ଚାଉଳ ତୁମ ପର୍ସରେ ବାକି ଚାଉଳକୁ ଧନ ରଖୁଥିବା ସ୍ଥାନରେ ରଖନ୍ତୁ। ଏହା



ଦ୍ୱାରା ଅର୍ଥର ଅଭାବ ଦୂର ହେବା ସହିତ ଦେବୀ ଲକ୍ଷ୍ମୀଙ୍କ କୃପା ରହିବ ।

ଧନ ପ୍ରାପ୍ତ ହେବ :ସୋମବାର ଅଧା କିଲୋ ଚାଉଳ ନିଅନ୍ତୁ । ଯେପରି ସେହି ଚାଉଳ ଭଙ୍ଗା ନଥିବ। ତା’ପରେ ଭଗବାନ ଶିବଙ୍କ ମନ୍ଦିରକୁ ଯାଇ ଶିବଲିଙ୍ଗ ଉପରେ ୧ ମୁଷ୍ଟି ଅର୍ପଣ କରନ୍ତୁ । ଅବଶିଷ୍ଟ ଚାଉଳକୁ ଗରିବ ଏବଂ ଅସହାୟ ଲୋକଙ୍କୁ ଦାନ କରନ୍ତୁ । କ୍ରମାଗତ ୫ ସୋମବାରରେ ଏହି ପ୍ରତିକାର କରନ୍ତୁ । ଏହାଦ୍ୱାରା ଧନ ପ୍ରାପ୍ତ ହେବ ।

ମନକାମନା ପୂରଣ ହେବ : ଶୁକ୍ରବାର ରାତି ୧୦ ଟାରେ, ଘରର ଉତ୍ତର ଦିଗରେ ଏକ ଚୌକି ରଖି ସେଥିରେ କଳସ ସ୍ଥାପିତ କରନ୍ତୁ । କଳସରେ ସ୍ୱସ୍ତିକ୍ ଚିହ୍ନ କରି ସେଥିରେ ପାଣି, ଦୁବ, ଚାଉଳ, ୧ ଟଙ୍କା ମୁଦ୍ରା ରଖନ୍ତୁ। ତା’ପରେ ଚାଉଳକୁ ଏକ ଛୋଟ ଥାଳିରେ ଭର୍ତ୍ତି କରି କଳସ ଉପରେ ରଖନ୍ତୁ। ଏହାପରେ ଶ୍ରୀଯନ୍ତ୍ର ସ୍ଥାପନ କରି ଚୌମୁଖି ଦୀପ ଜାଳି ଏହାକୁ ସିନ୍ଦୁର ଏବଂ ଚାଉଳରେ ପୂଜା କରି ଲକ୍ଷ୍ମୀ ସ୍ତୋତ୍ର ପାଠ କରନ୍ତୁ। ଏହା ଦ୍ୱାରା, ଇଚ୍ଛା ପୂରଣ ହେବା ସହିତ ଆର୍ଥିକ ସମସ୍ୟା ମଧ୍ୟ ଦୂର ହେବ ।

## ବାସ୍ତୁ: ପୂର୍ବ-ଉତ୍ତର ଦିଗକୁ ମୁହଁ କରି ଖାଇବା ଉଚିତ

ବାସ୍ତୁ ଶାସ୍ତ୍ରରେ ଦିଗକୁ ସବୁଠୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଇଥାଏ। ଏପରିକି ଭିନ୍ନ ଭିନ୍ନ ଜିନିଷ ପାଇଁ ବାସ୍ତୁ ଶାସ୍ତ୍ରରେ ଭିନ୍ନ ଭିନ୍ନ ଦିଗ ଚୟନ କରାଯାଇଛି। ଘର କରିବା ସମୟରେ ଠିକ୍ ଦିଗରେ ମନ୍ଦିର ଘର, ଶୋଇବା ଘର, ଷ୍ଟୋର ରୁମ୍ ସମେତ ଖାଇବା ଜାଗା ହୋଇ ନ ଥିଲେ ତାହାର ଓଲଟା ଫଳ ମିଳିଥାଏ । ତେଣୁ ବାସ୍ତୁ ଶାସ୍ତ୍ର ଅନୁଯାୟୀ, କେଉଁ ଦିଗକୁ ମୁହଁ କରି ଖାଇଲେ ଶୁଭ ଫଳ ମିଳିଥାଏ ଆଜି ସେ ବିଷୟରେ ଜାଣିବା।

ବାସ୍ତୁ ଅନୁଯାୟୀ, ସବୁବେଳେ ମୁହଁକୁ ପୂର୍ବ ଦିଗ କିମ୍ବା ପୂର୍ବ-ଉତ୍ତର ଦିଗକୁ କରି ଖାଇବା ଉଚିତ । ଏହି ଦିଗ ଦେବତାଙ୍କ ଦିଗ ବୋଲି ବିଶ୍ୱାସ ରହିଛି। ଏହି ଦିଗକୁ ମୁହଁ କରି ଖାଇଲେ ରୋଗ ଦୂର ହୋଇଥାଏ।

–ଦକ୍ଷିଣ ଦିଗକୁ ମୁହଁ କରି ଖାଇବାକୁ ଅଶୁଭ ବିବେଚନା କରାଯାଇଥାଏ। ଏହାଦ୍ୱାରା ପାଚନଜନିତ ସମସ୍ୟା ଦେଖାଦେଇଥାଏ।




–ଦକ୍ଷିଣ ଦିଗକୁ ମୁହଁ କରି ଖାଇଲେ ମାନ ସମ୍ମାନରେ ଆଞ୍ଚ ଆସିଥାଏ।

– ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ଖାଇବା ଦ୍ୱାରା ଭାଗ୍ୟ ଉଜ୍ଜଳ ହୋଇଥାଏ ।

–ଖାଇବା ପୂର୍ବରୁ ହାତ ମୁହଁ ଧୋଇବା ଦ୍ୱାରା ଆୟୁ ବଢ଼ିଥାଏ।

–ଫଟା ବାସନରେ ଖାଇବାକୁ ଅଶୁଭ ବିବେଚନା କରାଯାଏ।

–ଚେୟାରରେ ବସି ଖାଉଥିଲେ ଗୋଡ଼ ହଲାନ୍ତୁ ନାହିଁ, ଏହାକୁ ଦୁର୍ଭାଗ୍ୟ ବୋଲି ବିବେଚନା କରାଯାଇଥାଏ।

–ଖାଇବା ପାତ୍ର ଭଲ ଭାବେ ଧୁଆ ହେବା ଉଚିତ । ଅଇଁଠା ବାସନରେ ଖାଇଲେ ଲକ୍ଷ୍ମୀଙ୍କ କୋପ ପଡ଼ିଥାଏ।

– ଖାଇବା ଟେବୁଲକୁ କେବେ ବି ଫାଙ୍କା ଛାଡ଼ନ୍ତୁ ନାହିଁ । ଉକ୍ତ ଟେବୁଲରେ କିଛି ନା କିଛି ରଖିବା ଦ୍ୱାରା ଉନ୍ନତି ହୋଇଥାଏ।

## କେଶର ଯତ୍ନ ; ମହୁ, ଲେମ୍ବୁରସ

ପ୍ରତ୍ୟେକଙ୍କୁ ଲମ୍ବା, ଘନ କେଶ ଖୁବ ପସନ୍ଦ। ମାତ୍ର ପ୍ରଦୂଷଣ, ଅପରିଷ୍କାର, ଖାଦ୍ୟପେୟ ଆଦି କାରଣରୁ କେଶ ଜନିତ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। କେଶ ପାଇଁ ଏକ ମୁଖ୍ୟ ସମସ୍ୟା ହେଉଛି



ରୂପି। ଏଥିରେ ମୁକ୍ତି ପାଇବା ପାଇଁ ଲୋକେ ବଜାରରେ ମିଳୁଥିବା ବହୁ ଦ୍ରବ୍ୟର ବ୍ୟବହାର କରିଥାଆନ୍ତି । ମାତ୍ର ସହଜ ଘରୋଇ ଉପାୟରେ ଏହି ରୂପି ଜନିତ ସମସ୍ୟାରୁ ମୁକ୍ତି ମିଳିପାରିବ। ଜାଣନ୍ତୁ

ମହୁ ଓ ରସୁଣ -

୨ଚାମଚ ମହୁରେ ୩ ଚାମଚ ରସୁଣ ପେଷ୍ଟ ମିଶାଇ କେଶ ମୂଳରେ ଲଗାନ୍ତୁ। ୧୫ ମିନିଟ ରଖିବା ପରେ ସାମ୍ପୁ କରି ଦିଅନ୍ତୁ। ଏହାକୁ ସପ୍ତାହକୁ ୨ ଥର ଲଗାନ୍ତୁ।

ରସୁଣ ପେଷ୍ଟ -

ରସୁଣ ପେଷ୍ଟ କେଶ ମୂଳରେ ଲଗାଇ ୨୦ ମିନିଟ ରଖନ୍ତୁ। ଏହାପରେ ଏହାକୁ ଧୋଇ ଦିଅନ୍ତୁ। ଏହାମଧ୍ୟ କେଶ ପାଇଁ ଖୁବ ଉତମ ଅଟେ। ଏହାକୁ ସପ୍ତାହକୁ ଥରେ ନିଶ୍ଚୟ ଲଗାନ୍ତୁ।

ଘିକୁଆଁରୀ ଓ ରସୁଣ -

୨ ଚାମଚ ଘିକୁଆଁରୀ ରସରେ ୩ ଚାମଚ ରସୁଣ ପେଷ୍ଟ ମିଶାଇ ଏହାକୁ କେଶର ମୂଳରେ ଲଗାନ୍ତୁ। ଏହାପରେ ଏହାକୁ ୧୫ ରୁ ୨୦ ମିନିଟ ରଖନ୍ତୁ। ନିର୍ଦ୍ଧାରିତ ସମୟ ପରେ କେଶକୁ ଧୋଇ ଦିଅନ୍ତୁ। ଏହା ରୂପିକୁ ସମ୍ପୂର୍ଣ୍ଣ ଦୂର କରିଥାଏ।

ସେଓର ସିରକା ଓ ରସୁଣ ରସ: ୧ ଚାମଚର ରସୁଣ ରସରେ ୨ ଚାମଚ ସେଓର ସିରକା ମିଶାଇ ଏହାକୁ କେଶ ମୂଳରେ ଲଗାଇ ୨୦ ମିନିଟ ରଖନ୍ତୁ। ଏହା ପରେ ସାମ୍ପୁ କରି ଦିଅନ୍ତୁ। ଏହା ମଧ୍ୟ କେଶରୁ ରୂପି ଦୂର କରିଥାଏ।

ରସୁଣ ପେଷ୍ଟ ଓ ଲେମ୍ବୁ ରସ: ରସୁଣ ପେଷ୍ଟ ଓ ଲେମ୍ବୁ ରସକୁ କେଶର ମୂଳରେ ଲଗାନ୍ତୁ। ଏହାକୁ ୧୫ ରୁ ୨୦ ମିନିଟ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ନିଶ୍ଚୟ ଲଗାନ୍ତୁ। ଏପରି କରିବା ଦ୍ୱାରା ରୂପି ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

# ମୋଦିଙ୍କ ନେତୃତ୍ୱରେ ଭାରତ ବିଶ୍ୱଗୁରୁ ହେବ

**ଭୁବନେଶ୍ୱର,୧୪।୫ (ମହାଭାରତ):** ପ୍ରଧାନମନ୍ତ୍ରୀ କାହିଁକି ୪୦୦ ସିଟ୍ ଚାହୁଁଛନ୍ତି, ଏହାକୁ ନେଇ ବିରୋଧୀ ମାନେ ଗୋଟିଏ ମିଛ ନ୍ୟାରେଟିଭ ତିଆରି କରିଛନ୍ତି। ମୋଦି ସମ୍ବିଧାନ ବଦଳାଇବା ଚାହୁଁଛନ୍ତି, ତେଣୁ ୪୦୦ ସିଟ୍ ଦରକାର କରୁଛନ୍ତି ବୋଲି ବିରୋଧୀମାନେ ନ୍ୟାରେଟିଭ୍ କରିଛନ୍ତି। ବିଜେପି ପାଖରେ ପୂର୍ବରୁ ୪୦୦ ସିଟ୍ ଥିଲା। ୩୭୦ ଧାରା ଉଚ୍ଛେଦ, ନାରୀ ଶକ୍ତି ବନ୍ଦନ ଅଧିନିୟମ ଭଳି ବିଲ୍ ପାସ୍ ବେଳେ ସଂସଦରେ ଆମ ସରକାରକୁ ୪୦୦ ରୁ ଅଧିକ ବହୁମତ ମିଳିଆସିଛି। ଆମ ସହ ଯେତେବେଳେ ୪୦୦ ବହୁମତ ଥିଲା, ସେତେବେଳେ ଆମେ ମହିଳାମାନଙ୍କୁ ସଂସଦରେ ସଂରକ୍ଷଣ ଦେଲୁ। ଆମ ସହ ଯେତେବେଳେ ୪୦୦ ବହୁମତ ଥିଲା, ସେତେବେଳେ ଆମେ ସିଏଏ ଲାଗୁ କରି ପଡୋଶୀ ଦେଶରୁ ଆସିଥିବା ସଂଖ୍ୟାଲଘୁ ମାନଙ୍କୁ ନାଗରିକତା ଦେଲୁ। ଆମ ଦେଶର ସଭ୍ୟତା ୫ ହଜାର ବର୍ଷରୁ ବି ଅଧିକ ପୁରୁଣା। ଆମ ଦେଶ ୧୯୪୭ ପରେ ତିଆରି ହୋଇନାହିଁ। ଯେଉଁମାନେ ଭାବୁଛନ୍ତି ଯେ, ଦେଶରେ ସିକ୍ୟୁଲାରିଜିମ୍ ସରିଯିବ ବୋଲି ସେମାନେ ଜାଣିବା ଦରକାର ଆମ ସଭ୍ୟତା ଆରମ୍ଭରୁ ହିଁ ଦେଶ ସିକ୍ୟୁଲାର ଥିଲା। ଭାରତ ସବୁବେଳେ ପୁରା ବିଶ୍ୱର କଲ୍ୟାଣ ଚାହେଁ। ଭାରତର ଲୋକ ମାନେ ହିଁ ୫ହଜାର ବର୍ଷ ହେଲା ସିକ୍ୟୁଲାରିଜିମ୍‌କୁ ସୁରକ୍ଷା ଦେଇ ଆସୁଛନ୍ତି। ଦେଶ ବିଭକ୍ତ ହେଲା ପରେ ଯଦି ପାକିସ୍ତାନ ମୁସଲିମ୍ ରାଷ୍ଟ୍ର ହୋଇପାରିଲା, ତେବେ ଭାରତକୁ ହିନ୍ଦୁରାଷ୍ଟ୍ର କହିଲେ କାହିଁକି କିଛି ଲୋକଙ୍କୁ ଏହା ବାଧୁଛି ବୋଲି ଆସାମ ମୁଖ୍ୟମନ୍ତ୍ରୀ ଡଃ. ହେମନ୍ତ ବିଶ୍ୱଶର୍ମା କହିଛନ୍ତି।

ଭୁବନେଶ୍ୱରରେ ଆୟୋଜିତ ଏକ ପ୍ରବୁଦ୍ଧ ନାଗରିକ ସମ୍ମିଳନୀରେ ଶ୍ରୀ ବିଶ୍ୱଶର୍ମା କହିଛନ୍ତି ଯେ, କଂଗ୍ରେସ ସମୟରେ ହିଁ ସମ୍ବିଧାନ ସହ ଖେଳ ହୋଇଛି। ବିଜେପି ସରକାର ସେ ସମୟରେ ଥିଲେ ଜରୁରୀ କାଳୀନ ସ୍ଥିତି କେବେ ହୋଇନଥାନ୍ତା। ବିଜେପି ୟୁନିଫର୍ମ ସିଭିଲ କୋର୍ଡକୁ ସମର୍ଥନ କରୁଛି। ରାହୁଲ ଗାନ୍ଧୀ ଧରି ବୁଲୁଥିବା ସମ୍ବିଧାନରେ ଏହି ଧାରା ଅଛି କି ନାହିଁ? ହିନ୍ଦୁ ଧର୍ମରେ ଯଦି ଜଣେ ସ୍ୱାମୀର ଗୋଟିଏ ସ୍ତ୍ରୀ ହେବ, ତେବେ ଅନ୍ୟ ଧର୍ମରେ ମଧ ଗୋଟିଏ ସ୍ୱାମୀର ଜଣେ ସ୍ତ୍ରୀ ରହିବା କଥା। ଏହାକୁ ନେଇ ୟୁନିଫର୍ମ ସିଭିଲ କୋର୍ଡ ତିଆରି ହୋଇଛି। ଆମେ ସମ୍ବିଧାନ ବଦଳାଇବାକୁ ଚାହୁଁ ନାହୁଁ। ସମ୍ବିଧାନକୁ ଆହୁରି ମଜବୁତ କରିବା ବିଜେପିର ଲକ୍ଷ୍ୟ। କଂଗ୍ରେସ ସମ୍ବିଧାନକୁ ଅପଭ୍ରଂଶ କରି ଯାଇଛି। କଂଗ୍ରେସ ସରକାର ସମୟରେ ପିଓକେକୁ ନେଇ ଆଲୋଚନା ହେଉନଥିଲା। ବିଜେପି ସରକାର ଆସିଲା ପରେ ପିଓକେ ଆମ ଦେଶର ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି କଲେ। କଂଗ୍ରେସ ଦେଶକୁ ବିକ୍ରି କରିବାକୁ ଚାହୁଁଥିଲା। କଂଗ୍ରେସ ସମୟରେ ପାକିସ୍ତାନ ପତାକା ଧରି ଲୋକମାନେ କାଶ୍ମୀରରେ ଆନ୍ଦୋଳନ କରୁଥିଲେ। କିନ୍ତୁ ବିଜେପି ସରକାର ଆସିଲା ପରେ କାଶ୍ମୀର ଏବଂ ପିଓକେ ଲୋକ ଭାରତର ପତାକା ଧରି ପାକିସ୍ତାନ ବିରୋଧରେ ଆନ୍ଦୋଳନ କରୁଛନ୍ତି। ପୁରା କାଶ୍ମୀର ଭାରତର ଅଂଶ। ପିଓକେକୁ ଭାରତରେ ମିଶାଇବା ପାଇଁ ଆମକୁ ୪୦୦ ସିଟ୍ ଦରକାର। ସଂପୂର୍ଣ୍ଣ କାଶ୍ମୀରକୁ ଭାରତରେ ମିଶାଇବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସିକ୍ୟୁଲାରିଜିମ୍ ନାଁରେ ତୁଷ୍ଟିକରଣ ଭୁଲ।

କଂଗ୍ରେସ ଧର୍ମ ଆଧାରରେ ସଂରକ୍ଷଣ ଦେଉଥିଲା। ଦେଶକୁ ବିଶ୍ୱଗୁରୁ କରିବା ପାଇଁ ବିଜେପି ୪୦୦ ପାର୍ ଚାହୁଁଛି। ସମ୍ବିଧାନକୁ ସୁଦୃଢ଼ କରିବା ପାଇଁ ବିଜେପି ୪୦୦ ପାର୍ ଦରକାର କରୁଛି। କଂଗ୍ରେସ ଚାହୁଁନାହିଁ ଭାରତର ଅର୍ଥନୀତି ବିଶ୍ୱରେ ତୃତୀୟ ସ୍ଥାନରେ ପହଁଚୁ। କଂଗ୍ରେସ ଭାରତ କାହିଁକି ବିଶ୍ୱ ଗୁରୁ ହେବ ବୋଲି ପ୍ରଶ୍ନ ଉଠାଇଛି।




# ମନ୍ତ୍ରୀ ରଣେନ୍ଦ୍ର ସ୍ୱାଇଁଙ୍କ ଫେକ୍ ଫଟୋ ଭାଇରାଲ୍

**ଭୁବନେଶ୍ୱର,୧୪।୫ (ମହାଭାରତ):** ଅାଠଗଡର ବିଧାୟକ ତଥା କୃଷିମନ୍ତ୍ରୀ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କର ଏକ ଫଟୋ ସୋସିଅାଲ ମିଡିଅାରେ ଭାଇରାଲ୍ ହେବାରେ ଲାଗିଛି। ତେବେ ଏହି ଫଟୋ ଭାଇରାଲ୍ ପରେ ଏହା ମିଛ ବୋଲି କହିଛନ୍ତି ଖୋଦ୍ ରଣେନ୍ଦ୍ର। ଏହା ତାଙ୍କର ଏକ ପୁରୁଣା ଫଟୋ ବୋଲି କହିବା ସହ ବିରୋଧୀଙ୍କୁ କଟାକ୍ଷ କରିଛନ୍ତି ରଣେନ୍ଦ୍ର। ଏନେଇ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବା ସହ ଅାଇନଗତ ଲଢେଇ ଲଢିବେ ବୋଲି ରଣେନ୍ଦ୍ର କହିଛନ୍ତି। ଏ ଭାଇରାଲ ଫଟୋ ତାଙ୍କ ନିର୍ବାଚନରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ରାଜା ସ୍ୱାଇଁ କହିଛନ୍ତି। ତେବେ ଭାଇରାଲ୍ ଫଟୋଟିରେ ବିଜେଡି ନେତା ଭି.କେ. ପାଣ୍ଡିଅାନ୍ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମୁଣ୍ଡ ଉପରେ ହାତ ରଖି ଅାଶୀର୍ବାଦ କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ସେହି ଫଟୋକୁ ଫେକ୍ ବୋଲି ଦର୍ଶାଇଛନ୍ତି ରାଜା ସ୍ୱାଇଁ। ନିଜ ସୋସିଅାଲ୍ ମିଡିଅା ହ୍ୟାଣ୍ଡଲ୍ ଉରେ ୨ଟି ଫଟୋ ପୋଷ୍ଟ କରିଛନ୍ତି। ଅନ୍ୟଟି ହେଉଛି ଦିବଙ୍ଗତ ନେତା ଦାମୋଦର ରାଉତ ଅାଶୀର୍ବାଦ କରୁଥିବା ଫଟୋ।




ଯେଉଁ ଫଟୋଟି ଅସଲି। କିନ୍ତୁ ଫେକ୍ ଫଟୋରେ ଦାମଙ୍କ ସ୍ଥାନରେ ପାଣ୍ଡିଅାନଙ୍କ ଫଟୋକୁ ଯୋଡ଼ାଯାଇଛି। ଏନେଇ ରାଜା ଲେଖିଛନ୍ତି, କିଛି ଦୁର୍ବୃତ୍ତ ସୋସିଅାଲ୍ ମିଡ଼ିଅାରେ ଏଭଳି ଏକ ଫେକ୍ ଫଟୋକୁ ଭାଇରାଲ୍ କରି ଚାଲିଛନ୍ତି। ଏଭଳି ମିଥ୍ୟା ଖବରଠାରୁ ଦୂରେଇ ରୁହନ୍ତୁ।

# ଭୋଟର ନେତାଙ୍କୁ ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ

**ଭୁବନେଶ୍ୱର,୧୪।୫ (ମହାଭାରତ):** ନିର୍ବାଚନ ବେଳେ ଭୋଟରଙ୍କ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷିତ ରଖିବାକୁ ନେଇ କଡ଼ା ଚେତାବନୀ ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ। ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ ଭୋଟରଙ୍କ ଅାଧାର ଏବଂ ମୋବାଇଲ୍ ଫୋନ୍ ବିବରଣୀ ସଂଗ୍ରହ କରୁଥିବା ନେଇ ସୂଚନା ମିଳିଛି। ଏହାପରେ ନିର୍ବାଚନୀ ଅଧିକାରୀ ଉଦବେଗ ପ୍ରକାଶ କରି କହିଛନ୍ତି, ଭୋଟରମାନେ ନିଜର ବ୍ୟକ୍ତଗତ ତଥ୍ୟ ପ୍ରଦାନ କରନ୍ତୁ ନାହିଁ। ଏଭଳି ସମ୍ବେଦନଶୀଳ ତଥ୍ୟ ସଂଗ୍ରହ ବନ୍ଦ କରିବାକୁ ରାଜନୈତିକ ଦଳ ଗୁଡ଼ିକୁ ଅନୁରୋଧ କରି ନିକୁଞ୍ଜ ଧଳ। ଏଥିସହ କହିଛନ୍ତି, କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କୁ ଅାଧାର ଓ ମୋବାଇଲ ନମ୍ବର ଦିଅନ୍ତୁ ନାହିଁ ମତଦାତାୟ ଏପରି କରି ଭୋଟରମାନେ ନିଜର ଗୋପନୀୟତା ରକ୍ଷା କରିବା ଅାବଶ୍ୟକ।

ଏହି ଅାଡଭାଇଜରି ବ୍ୟତୀତ ନିକୁଞ୍ଜ ଧଳ ରାଉରକେଲାରେ ର୍ନିବାଚନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଅାଇନ ଶୃଙ୍ଖଳା, ଯୋଗାଯୋଗ ବ୍ୟବସ୍ଥା ଏବଂ ନିର୍ବାଚନ ଖର୍ଚ୍ଚର ତଦାରଖ ସମେତ ର୍ନିବାଚନ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ଦିଗ ଉପରେ ଅନୁଧାନ କରିଛନ୍ତି। ଉଦ୍ଦେଶ୍ୟ ହେଉଛି ଏପରି ଏକ ର୍ନିବାଚନ ସୁନିଶ୍ଚିତ କରିବା ଯାହା କେବଳ ନିରପେକ୍ଷ ଏବଂ ନିରପେକ୍ଷ ନୁହେଁ ବରଂ ଅନ୍ତର୍ଭୁକ୍ତ ଏବଂ କୌଣସି ଅଯଥା ପ୍ରଭାବରୁ ମୁକ୍ତ। ଉଲ୍ଲେଖଯୋଗ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ, ବଲାଙ୍ଗୀର ଲୋକସଭା ଅାସନରେ ମତଦାନ ହେବାକୁ ଯାଉଛି।

ସେହିପରି ସାଇବର ଠକମାନେ ଲୋକଙ୍କୁ ଫୋନ୍ କରି ସେମାନଙ୍କ ଭୋଟର ପରିଚୟ ପତ୍ରର ବିବରଣୀ ଅନଲାଇନରେ ଅପଡେଟ୍ କରିବାକୁ କହୁଛନ୍ତି। ଏପରି ଠକଙ୍କ ନୀତିକୁ ଅାପଣାଇଲେ ସେମାନଙ୍କ ବ୍ୟାଙ୍କ ଅାକାଉଣ୍ଟ ଖାଲି ହୋଇଯାଉଛି। ଏହି ଠକଙ୍କ ଜାଲରେ ଫସିଥିବା ଲୋକଙ୍କୁ ବଞ୍ଚାଇବା ପାଇଁ କମିଶନରେଟ୍ ପୁଲିସ ଲୋକଙ୍କୁ ସଚେତନ ହେବାକୁ ଅନୁରୋଧ କରିଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଏହି ଠକମାନଙ୍କ ବିରୋଧରେ ଲୋକଙ୍କୁ ସଚେତନ କରିବା ପାଇଁ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି।



# ଆଇଟିଆଇ ସହ ଟିପିଏସ୍‌ଓଡିଏଲର ବୁଝାମଣାପତ୍ର ସ୍ୱାକ୍ଷର

**ବ୍ରହ୍ମପୁର,୧୪।୫ (ମହାଭାରତ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ ଓ ବୌଦ୍ଧ ସ୍ଥିତ ସରକାରୀ ଆଇଟିଆଇ କଲେଜ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ଯୋଗୁଁ ଆଇଟିଆଇ ଛାତ୍ରଛାତ୍ରୀଙ୍କ ଏକାଡେମିକ ଓ ଶିଳ୍ପ ସମ୍ବନ୍ଧୀୟ ବ୍ୟାବହାରିକ ଜ୍ଞାନ ମଧ୍ୟରେ ସମନ୍ୱୟ ରହିବା ସହ ସେମାନଙ୍କ ଦକ୍ଷତା ବିକାଶ ଘଟିବ। ଛାତ୍ରଛାତ୍ରୀମାନେ ଶିଳ୍ପ କ୍ଷେତ୍ରରେ ଯୋଗ ଦେବା ପାଇଁ ପ୍ରସ୍ତୁତ ହୋଇପାରିବେ।

ଏହି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଏବଂ ବୌଦ୍ଧର ସରକାରୀ ଆଇଟିଆଇର ପ୍ରିନ୍ସିପାଲ ଇଞ୍ଜିନିୟର ଅବିନାଶ ମିଶ୍ର ଉପସ୍ଥିତ ଥିଲେ। ସହଭାଗିତାକୁ ନେଇ ଉତ୍ସାହିତ ଥିବା ଶ୍ରୀ ଗର୍ଗ କହିଛନ୍ତି, ‘ ଏହି ଏମଓୟୁ ଏକାଡେମିଆ ଓ ଶିଳ୍ପ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ। ଯାହା ଫଳରେ ଛାତ୍ରଛାତ୍ରୀମାନେ ଦକ୍ଷତା ହାସଲ କରି କର୍ମକ୍ଷେତ୍ରରେ ଉତ୍କର୍ଷ ହୋଇପାରିବେ।‘

ଏହି ବୁଝାମଣା ପତ୍ର ଅଧିନରେ ବିଶେଷ କରି ଶିଳ୍ପ ସମ୍ବନ୍ଧୀୟ ତାଲିମ ପ୍ରଦାନ ସହ ସୁରକ୍ଷା ମାନକ ଉପରେ ଗୁରୁତ୍ୱ ଦିଆଯିବ। ଆଇଟିଆଇ ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ତାଲିମ ସୁବିଧା ପାଇବେ ଏବଂ କ୍ଲାସରୁମ୍ ଓ ବ୍ୟାବହାରିକ ଶିକ୍ଷା ସହ ବାସ୍ତବ ଶିଳ୍ପ ଦୁନିଆରେ କାମ କରିବାର ଅନୁଭୂତି ପାଇବେ।

ଟିପିଏସ୍‌ଓଡିଏଲ୍ ଓ ଆଇଟିଆଇ ମଧ୍ୟରେ ଏହା ପଞ୍ଚମ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର, ହିଞ୍ଜିଳିକାଟୁ, ରାୟଗଡ଼ା ଏବଂ ଜୟପୁର ଆଇଟିଆଇ ସହ ଟିପିଏସ୍‌ଓଡିଏଲ୍ ଏମଓୟୁ ସ୍ୱାକ୍ଷର କରି ସାରିଛି ।




# ଆଇପିଏଲ ବେଟିଂ : ୪ ଗିରଫ

**ଭୁବନେଶ୍ୱର,୧୪।୫ (ମହାଭାରତ):** ଅାରମ୍ଭ ହୋଇଯାଇଛି ଦେଶର ସବୁଠାରୁ ଲୋକ ପ୍ରିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅାଇପିଏଲ। ଏହାକୁ ନେଇ ଏବେ ଅାରମ୍ଭ ହୋଇଯାଇଛି ବେଟିଂ। ଗୋଟିଏ ଗୋଟିଏ ବଲ ଉପରେ ଲାଗୁଛି ଲକ୍ଷ ଲକ୍ଷ ଟଙ୍କାର ବେଟିଂ। କିଏ ମାରିବ କେଉଁ ବଲରେ ଛକା ଅାଉ କିଏ କେଉଁ ବଲରେ ମାରିବ ଚୌକା ଏବଂ କେଉଁବଲରେ କେତେ ରନ ହେବ, କିଏ କାହାକୁ ଅାଉଟ କରିବ, କେଉଁ ଓଭରରେ କେତେ ରନ ଯିବ ଓ କେତେ ଉଇକେଟ ପଡିବ ସେନେଇ ଚାଲିଛି ବେଟିଂ। ଗୋଟିଏ ଲେଖାଏଁ ମ୍ୟାଚରେ ଲାଗୁଛି କୋଟି କୋଟି ଟଙ୍କାର ବେଟିଂ। ତେବେ ସୁନ୍ଦରଗଡରେ ଅାଇପିଏଲ ବେଟିଂ ଚାଲିଥିବା ବେଳେ ରାକେଟ ଉପରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ଇଣ୍ଡିଅାନ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନଲାଇନ ବେଟିଂ ଚାଲିଥିଲା। ଖବରପାଇ ସୁନ୍ଦରଗଡ଼ ଉପଖଣ୍ଡ ପୁଲିସ ଉକ୍ତ ସ୍ଥାନରେ ପହଞ୍ଚି ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନଥାନା ଭିତିରିଅାପଡ଼ାର ମିଥୁନ ସାହୁ, ସଂଜୟ ସାହୁ, ସଂଜୟ କୁମାର ସାହୁ, ଖମାରୀପଡ଼ାର ସୁବୋଧ ଚୌଧୁରୀ। ଅଭିଯୁକ୍ତ ମାନଙ୍କ ନିକଟରୁ ନଗଦ ୫ ଲକ୍ଷ ୧୭ ହଜାର ୨ ଶହ ଟଙ୍କା, ଗୋଟିଏ ଲେନଭୋ ଲାପଟପ, ୬ଟି ସ୍ମାର୍ଟ ମୋବାଇଲ ଫୋନ୍, ୩ଟି ବାଇକ୍ ବିଭିନ୍ନ ବ୍ୟାଙ୍କର ଡେବିଟ୍ ଓ କ୍ରେଡିଟ କାର୍ଡ ଜବତ କରାଯାଇଛି ।



# ପ୍ରଜ୍ଞାପ୍ରବାହ ତରଫରୁ ବୁଦ୍ଧିଜୀବୀ ସମ୍ମିଳନୀ

**ଭୁବନେଶ୍ୱର,୧୪।୫ (ମହାଭାରତ)** ‘ପ୍ରଜ୍ଞା ପ୍ରଭାହ’ ଅନୁଷ୍ଠାନ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ,ଅଶୋକ ନଗର ସ୍ଥିତ ହୋଟେଲ ’ଆଡଭେଞ୍ଚର୍’ ର ସମ୍ମିଳନୀ କକ୍ଷ ରେ ‘ଚଳିତ ନିର୍ବାଚନରେ ଭୋଟର ମାନଙ୍କ ଦାୟୀତ୍ୱ ଓ କର୍ତବ୍ୟ’ ସମ୍ପର୍କରେ ଏକ ସଚେତନତା ମୂଳକ ଆଲୋଚନ ଚକ୍ର ଅନୁଷ୍ଠିତ ହୋଇଯାଇଛି. ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ର ବୁଦ୍ଧିଜୀବୀ ମାନେ ଅଂଶଗ୍ରହଣ କରି ନିଜର ବିଚାର ଓ ମତ ଆଦାନ ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ‘ଭାରତ ଜନସଂଖ୍ୟା ଫାଉଣ୍ଡେସନ’ ର ଅଧକ୍ଷ ତଥା ପୂର୍ବତନ ସେନାଧିକାରୀ ଶ୍ରୀ ଅନିଲ ଚୌଧୁରୀ କହିଥିଲେ ଚଳିତ ନିର୍ବାଚନରେ ରାଷ୍ଟ୍ରହିତ କୁ ପ୍ରାଧାନ୍ୟ ଦେଇ ଭୋଟର ମାନେ ଶତ ପ୍ରତିଶତ ମତଦାନ କରନ୍ତୁ,ନଚେତ ଭାରତବାସୀଙ୍କର ଶହ ଶହ ବର୍ଷ ର ସଂଗ୍ରାମ ରୁ ମିଳିଥିବା କଷ୍ଟଲବ୍ଧ ସ୍ୱାଧୀନତା ଭୁଲ୍ ନିର୍ଣ୍ଣୟ ପାଇଁ ନଷ୍ଟ ହୋଇଯିବ। ଏଥି ସହିତ ଭୋଟର ମାନେ ସକ୍ରିୟ ହେଲେ ହିଁ ଦେଶ ତଥା ରାଜ୍ୟ ଗୁଡିକରେ ଦକ୍ଷ ସରକାର ପ୍ରତିଷ୍ଠା ହେଇପାରିବ। ଏହି କାର୍ଯ୍ୟକ୍ରମ ରେ ଅବସର ପ୍ରାପ୍ତ ଶିକ୍ଷାବିତ ଶ୍ରୀ ପଦ୍ମକାନ୍ତ ମିଶ୍ର ଅଧକତା କରିଥିବା ବେଳେ ପ୍ରଜ୍ଞାପ୍ରବାହ ର ରାଜ୍ୟ ସହସଂଯୋଜକ ଶ୍ରୀ ଶିବ ନାରାୟଣ ବାରିକ ମୂଖ୍ୟ ସଂଚାଳକ ଓ ଡାକ୍ତର ଦେବକାନ୍ତ ବେହେରା ଅଥିତି ଭାବେ ଯୋଗ ଦେଇଥିଲେ ।

# ପଦ୍ମଶ୍ରୀ ଡ. ଜିତେନ୍ଦ୍ରୀୟ ହରିପାଲ ଅସୁସ୍ଥ

**ଭୁବନେଶ୍ୱର,୧୪।୫ (ମହାଭାରତ):** ରଙ୍ଗବତୀ ଗୀତର ଗାୟକ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ରୀୟ ହରିପାଲ ସୋମବାର ଅସୁସ୍ଥ ହୋଇପଡ଼ିଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନେଇ ସମାଜିକ ଗଣମାଧ୍ୟମ ’ଏକ୍ସ’ରେ ସୂଚନା ପାଇବା ପରେ ଏନେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ଏକ ଡାକ୍ତରୀ ଦଳ ପ୍ରଥମେ ଘରକୁ ଯାଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରି ଚିକିତ୍ସିତ ହେଉଛନ୍ତି। ଶ୍ରୀ ହରିପାଲଙ୍କ ପରିସ୍ରାନଳୀରେ ସଂକ୍ରମଣ ହୋଇଛି। ଏହାସହ ଅାସନ୍ତାକାଲି ହାର୍ଣ୍ଣିଅା ଅପରେସନ୍ ହେବ ବୋଲି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପଦ୍ମଶ୍ରୀ ହରିପାଲଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ନନ୍ଦକିଶୋର ପ୍ରଧାନ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ସଚିବ ଓ ସମ୍ବଲପୁର ଜିଲ୍ଲାପାଳଙ୍କ ନଜରକୁ ଅାଣିଥିଲେ। ଏହି ସୂଚନା ମିଳିବା ପରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସମ୍ବଲପୁର ମହାନଗର ନିଗମ କମିସନର ବେଦଭୂଷଣ ପଦକ୍ଷେପ ଗ୍ରହଣ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ପଦ୍ମଶ୍ରୀ ଡ. ହରିପାଲଙ୍କ ଘରେ ପହଞ୍ଚିଥିଲେ। ଡାକ୍ତର ଟିକେ କରମାର, ଡାକ୍ତର ଭେଶେଜ ମାଝୀ ତାଙ୍କର ଚିକିତ୍ସା କରୁଛନ୍ତି। ଅାଜି ତାଙ୍କର ଅସ୍ତ୍ରୋପଚାର କରାଯିବା ନେଇ ଜଣାପଡିଛି। ଏକ ଡାକ୍ତରୀ ଟିମ୍ ତାଙ୍କର ସ୍ୱତନ୍ତ୍ର ଚିକିତ୍ସା ପାଇଁ ନିୟୋଜିତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ରଖିଛି। ପଦ୍ମଶ୍ରୀ ଡ. ଜିତେନ୍ଦ୍ରୀୟ ହରିପାଲଙ୍କ ଅସୁସ୍ଥତା ଖବର ପାଇ ଅାଶୁଅାରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ’ଏକ୍ସ’ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ’ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଲୋକପ୍ରିୟ ଗାୟକ ଶ୍ରୀ ଜିତେନ୍ଦ୍ର ହରିପାଲ ଅସୁସ୍ଥତା କାରଣରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବିଷୟରେ ଜାଣି ମୁଁ ଚିନ୍ତିତ। ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହ ଅାଶୁଅାରୋଗ୍ୟ କାମନା କରୁଛି।



# ସ୍କାଉଟସ୍ ଏବଂ ଗାଇଡସ୍‌ଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ

**ଭୁବନେଶ୍ୱର,୧୪।୫ (ମହାଭାରତ):** ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ୩୬ତମ ରାଜ୍ୟ ପୁରସ୍କାର ଉତ୍ସବ ତା୧୪।୦୫।୨୦୨୪ରିଖ ୧୧.୩୦ମିନିଟ୍ ସମୟରେ ରାଜଭବନର ନୂଆ ଅଭିଷେକ ହଲ ପରିସରରେ ଏକ ବର୍ଣ୍ଣାଢ଼୍ୟପୂର୍ଣ୍ଣ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୯୫୦ଜଣ ସ୍କାଉଟ୍, ଗାଇଡ୍, ରୋଭର, ରେଞ୍ଜର, କବ୍, ବୁଲ୍‌ବୁଲ୍, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କ ସମେତ ପ୍ରତ୍ୟେକ ଜିଲ୍ଲାର ସମସ୍ତ ପଦାଧିକାରୀ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ । ଉକ୍ତ ଉତ୍ସବରେ ସଂସ୍ଥାର ମୁଖ୍ୟ ପୃଷ୍ଟପୋଷକ ତଥା ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସ ମହୋଦୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଉପ ସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଡଃ. (ଶ୍ରୀମତୀ) ମିନତୀ ବେହେରା, ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ସନ୍ତୋଷ କୁମାର ଶତପଥୀ, ଆଇଏଏସ, ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର, ରାଜ୍ୟ କମିଶନର (ଗାଇଡ୍) ଡଃ. (ଶ୍ରୀମତୀ) ସିପ୍ରା ନାୟକ, ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସମେତ ମୁଖ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଜିଲ୍ଲା ଓ ରାଜ୍ୟସ୍ତରୀୟ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ରାଜ୍ୟ ଶାଖା ଆନୁକୂଲ୍ୟରେ ବିଗତ ବର୍ଷରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ବିଭିନ୍ନ ସେବା ତଥା ଗୋଷ୍ଠୀ ଉନ୍ନୟନ ମୂଳକ କାର୍ଯ୍ୟ ଦ୍ୱାରା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜର ଉତ୍କର୍ଷତା ବଜାୟ ରଖିଥିବା ବିଷୟରେ ରାଜ୍ୟପାଳ ମହୋଦୟଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ମାନ୍ୟବର ରାଜ୍ୟପାଳ, ଭାରତ ସ୍କାଉଟସ୍ ଓ ଗାଇଡସ୍ ଭଳି ଏକ ବୃହତ ସ୍ୱେଚ୍ଛାସେବୀ ସଂଗଠନ ଅତୀତରେ ବହୁ ସେବାମୂଳକ କାର୍ଯ୍ୟନିର୍ବାହ କରି ପୃଥିବୀରେ ସର୍ବବୃହତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୂପେ ନିଜର ସ୍ଥିତି ବଜାୟ ରଖି ପାରିଛି, ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତଥା ଦୁର୍ଘଟଣା ସମୟରେ ଲୋକଙ୍କ ପାଖରେ ପହଞ୍ଚି ଆବଶ୍ୟକୀୟ ସେବା ଯୋଗାଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛି ଆଉ ଭବିଷ୍ୟତରେ ନିଶ୍ଚିତ ଭାବେ ଏହାକୁ ଅତୁଟ ରଖିବ ବୋଲି ଆଶାବ୍ୟକ୍ତ କରିଥିଲେ । ସ୍କାଉଟ ସଂଗଠନର କାର୍ଯ୍ୟକୁ ବ୍ୟାପକ କରିବା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ହେତୁ ଗ୍ୟାଷ୍ଟ୍ରୋଇଣ୍ଟୋରୋଲୋଜି ଡଃ. ମନୋଜ କୁମାର ସାହୁ ଏବଂ କମାଣ୍ଡାଣ୍ଟ ୪୧ ବାଟାଲିଅନ ଶ୍ରୀ ନରେନ୍ଦର ସିଂହଙ୍କୁ ମାନ୍ୟବର ରାଜ୍ୟପାଳ ସମ୍ମାନ ପତ୍ର ପ୍ରଦାନ କରିଥିଲେ ।

ଏତଦ୍‌ବ୍ୟତୀତ ଜିଲ୍ଲା ସ୍କାଉଟ ଗାଇଡ୍ ସମାବେଶ ପାଇଁ ଏବଂ ସ୍କାଉଟ ଗାଇଡ୍‌ରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଏବଂ ସ୍କାଉଟ ମାଷ୍ଟର, ଗାଇଡ୍‌କ୍ୟାପଟେନ୍ ମାନଙ୍କୁ ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଚିତ□ାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଚଳିତ ବର୍ଷର ପ୍ରୋକ୍ତ ଉତ୍ସବଟି ସଫଳତାର ସହ ସମାପନ ହୋଇଥିଲା । ଆଦର୍ଶ ଆଚରଣ ବିଧି ଲାଗିଥିବାରୁ ସଂସ୍ଥାର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଏହି ସମାରୋହରେ ଅନୁପସ୍ଥିତ ଥିଲେ ମଧ ସମସ୍ତ ପୁରସ୍କୃତ ପ୍ରତିଭା ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



# ଫିଟ୍‌ଜୀର ଲଙ୍ଗ୍ ଟର୍ମ କ୍ଲାସ୍‌ରୁମ ପ୍ରୋଗ୍ରାମ

**ଭୁବନେଶ୍ୱର,୧୪।୫ :** ଜେଇଇ ମେନ୍ ୨୦୨୪ର ସମସ୍ତ ପ୍ରୋଗ୍ରାମରେ ସଫଳତା ହାସଲ କରିଥିବା ଶୀର୍ଷ ୧୦୦ ଅଲ୍ ଇଣ୍ଡିଆ ର୍ୟାଙ୍କ୍‌ରେ ମୋଟ ୨୮ ଜଣ, ଶୀର୍ଷ ୨୦୦ ଅଲ୍ ଇଣ୍ଡିଆ ର୍ୟାଙ୍କରେ ୫୪ ଜଣ ଏବଂ ଶୀର୍ଷ ୫୦୦ ଅଲ୍ ଇଣ୍ଡିଆ ର୍ୟାଙ୍କରେ ୧୩୨ ଜଣ ଫିଟ୍‌ଜୀର ଛାତ୍ରଛାତ୍ରୀ ଅଟନ୍ତି। ଫିଟ୍‌ଜୀର ଲଙ୍ଗ୍ ଟର୍ମ କ୍ଲାସ୍‌ରୁମ୍ ଛାତ୍ରଛାତ୍ରୀମାନେ ଜେଇଇ ମେନ୍ ୨୦୨୪ରେ ଏଆଇଆର୍ ୩, ୧୩ ଓ ୧୬ ନମ୍ବର ସ୍ଥାନ ହାସଲ କରିଛନ୍ତି। ଫିଟ୍‌ଜିର ଅଲ୍ ଇଣ୍ଡିଆ ଟେଷ୍ଟ ସିରିଜ୍‌ର ଜଣେ ଛାତ୍ର ଗଜାରେ ନିଲ୍‌କ୍ରିଷ୍ଣା ନିର୍ମଳ କୁମାର ଜେଇଇ ମେନ୍ ୨୦୨୪ରେ ଅଲ୍ ଇଣ୍ଡିଆ ର୍ୟାଙ୍କ୍ ୧ ହାସଲ କରିଛନ୍ତି। ସେହିପରି ମୋଟ ୧୮ ଜଣ ଫିଟ୍‌ଜୀ ଛାତ୍ରଛାତ୍ରୀ ଜେଇଇ ମେନ୍ ୨୦୨୪ରେ ଫିଟ୍‌ଜୀର ସମସ୍ତ ପ୍ରୋଗ୍ରାମରୁ ନିଜ ନିଜ ରାଜ୍ୟରେ ଟପର ହୋଇଛନ୍ତି। ଫିଟ୍‌ଜୀ ଓଡିଶା କ୍ଲାସରୁମ ପ୍ରୋଗ୍ରାମରୁ ମୋଟ ୩୦ ଜଣ ଛାତ୍ରଛାତ୍ରୀ ଜେଇଇ ମେନ୍ ୨୦୨୪ରେ ୯୯%ରୁ ଅଧିକ ମାର୍କ ରଖିଛନ୍ତି।

ନିଜର ସଫଳତା ସମ୍ପର୍କରେ ଜେଇଇ ମେନ୍ ୨୦୨୪ରେ ଏଆଇଆର -୩୬୬ ହାସଲ କରିଥିବା ଏବଂ ସେଶନ ୧(ଜାନୁଆରୀ)ରେ ଓଡିଶାରୁ ଟପର ହୋଇଥିବା ଫିଟ୍‌ଜୀର ୪ ବର୍ଷିଆ କ୍ଲାସ୍‌ରୁମ ପ୍ରୋଗ୍ରାମ ଆଣ୍ଡ ପିନାକଲ୍ (ଏକାଦଶ-ଦ୍ୱାଦଶ)ର ଜଣେ ଛାତ୍ର ସତ୍ୟେନ୍ଦୁ କର କହିଛନ୍ତି, “ମୁଁ ଜେଇଇ ମେନ୍ ୨୦୨୪ରେ ଭଲ ମାର୍କ ହାସଲ କରି ଆଶ୍ୱସ୍ତ ଓ ଉତ୍ସାହିତ ଅନୁଭବ କରୁଛି। ଏହି ଲକ୍ଷ୍ୟ ଦିଗରେ କଠିନ ପରିଶ୍ରମ କରିଥିବାରୁ ମୁଁ ଭଲ ସ୍କୋର ହାସଲ କରିବି ବୋଲି ନିଶ୍ଚିତ ଥିଲି। ମୋର ଫଳାଫଳ କେବଳ ଫିଟ୍‌ଜୀର ଚମତ୍କାର କୋଚିଂ ମେକାନିଜିମ କାରଣରୁ ସମ୍ଭବ ହୋଇପାରିଛି ଯାହା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସର୍ବୋତମତାକୁ ପରିପ୍ରକାଶ କରୁଛି। ବିଶେଷଜ୍ଞ ଅଧ୍ୟାପକମାନେ ଆମର ବିଷୟବସ୍ତୁ ଓ ଆମର ଉତମ ବୁଝାମଣା ଉପରେ ଯତ୍ନର ସହ କାର୍ଯ୍ୟ କରିଥାନ୍ତି ଏବଂ ସେମାନେ ସବୁ ସମୟରେ ଆମର ସନ୍ଦେହକୁ ଦୂର କରିଥାନ୍ତି।



# ଶାଳୀନତାର ଲକ୍ଷ୍ମଣରେଖା

ସମାଲୋଚନାରେ ଏକ ଶାଳୀନତାର ଲକ୍ଷ୍ମଣରେଖା ରହିଛି । ଏହାକୁ କେହି ଅତିକ୍ରମ କରିବା ଅନୁଚିତ । କିନ୍ତୁ ଦୁଇ ଦଶନ୍ଧି ହେବ ଭାରତୀୟ ରାଜନୀତିରେ ଏହାର ବ୍ୟତିକ୍ରମ ବହୁଳଭାବେ ଦେଖିବାକୁ ମିଳୁଛି । ଫଳରେ ରାଜନୈତିକ ପରିବେଶ କଳୁଷିତ ହେଉଛି । ରାଜନୀତିରେ ବ୍ୟକ୍ତିଗତ ଶତ୍ରୁତା ଏବଂ ଘୃଣାର ସ୍ଥାନ ନାହିଁ । ଆଜି ଯାହାକୁ ସମାଲୋଚନା କରୁଛ କାଲି ତାଙ୍କ ନିକଟତର ହୋଇପାର । ଏବେ ନିର୍ବାଚନ ବେଳେ ଅନେକ ନେତା ଦଳବଦଳ କରି ପ୍ରତିପକ୍ଷ ଦଳକୁ ଯାଉଛନ୍ତି । ବର୍ଷ ବର୍ଷ ଧରି ଯାହାକୁ ସମାଲୋଚନା କରିଆସୁଛନ୍ତି ସେହି ଦଳ ଏବଂ ନେତୃତ୍ୱର ଶରଣାଗତ ହେଉଛନ୍ତି । ତେଣୁ ଅନ୍ୟପ୍ରତି ଅଶାଳୀନ ମନ୍ତବ୍ୟ ଦେବା ପୂର୍ବରୁ ଏ ସମ୍ପର୍କରେ ଚିନ୍ତା କରିବାର ଆବଶ୍ୟକତା ରହିଛି । ଅନେକ ସମୟରେ ଏଭଳି ଅଶାଳୀନ ମନ୍ତବ୍ୟ ନିର୍ବାଚନରେ ମହଙ୍ଗା ପଡ଼ିବାର ନଜିର ମଧ୍ୟ ରହିଛି । ଗୁଜରାଟରେ ନିର୍ବାଚନ ପ୍ରଚାର ବେଳେ ସୋନିଆ ଗାନ୍ଧି ନରେନ୍ଦ୍ର ମୋଦିଙ୍କୁ ମୃତ୍ୟୁର ସୌଦାଗର କହିଥିଲେ । ଏହାର ପରିଣାମ ହେଲା ଜନମତ କଂଗ୍ରେସ ବିରୋଧରେ ଗଲା । ଓଡ଼ିଶାରେ ବିଜେପି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାରକୁ ପୋଡ଼ା ଟ୍ରାନ୍ସଫର ଭାବେ ବର୍ଣ୍ଣନା କରିଥିଲା । ଓଡ଼ିଆବାସୀ ବିଜେପିକୁ ପ୍ରତ୍ୟାଖ୍ୟାନ କଲେ । ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଫଳତାର ଏକ ପ୍ରମୁଖ କାରଣ ହେଲା ସେ କାହାର ନାମ ନେଇ କେବେ କୌଣସି କଟୁ ମନ୍ତବ୍ୟ ଦିଅନ୍ତି ନାହିଁ କିମ୍ବା ସମାଲୋଚନା ନାମରେ ଅଶାଳୀନ ମନ୍ତବ୍ୟ ଦିଅନ୍ତି ନାହିଁ । ଦେଶର ଅନ୍ୟ ରାଜନୈତିକ ଦଳର ନେତାମାନେ ନବୀନ ବାବୁଙ୍କଠାରୁ ଏହା ଶିଖିବା ଉଚିତ । ନିକଟରେ ଝାଡ଼ଖଣ୍ଡର ରାଞ୍ଚିରେ ବିରୋଧୀ ଇଣ୍ଡିଆ ମେଣ୍ଟର ଏକ ସମାବେଶରେ ବିରୋଧୀ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୁଖ୍ୟାତ ଆତଙ୍କବାଦୀ ଓସାମା ବିନ ଲାଡେନ ଏବଂ ହିନ୍ଦୀ ଚଳଚିତ୍ର ଶୋଲେର କଳନାୟକ ଗବ୍ବର ସିଂହ ଚରିତ୍ର ସହ ତୁଳନାରେ କରାଯାଇଛି । ନରେନ୍ଦ୍ର ମୋଦି କେବଳ ବିଜେପିର ନେତା ନୁହଁନ୍ତି, ସେ ହେଉଛନ୍ତି ଦେଶର ନେତା ଏବଂ ଭାରତର ପ୍ରଧାନମନ୍ତ୍ରୀ । ତାଙ୍କ ପ୍ରତି ଏଭଳି ମନ୍ତବ୍ୟ ସ୍ପୃହଣୀୟ ନୁହେଁ । ଏହା ବିଶ୍ୱ ଦରବାରରେ ଭାରତର ଛବିକୁ ମଳିନ କରିବ । ସାରା ବିଶ୍ୱ ଯାହାର ନେତୃତ୍ୱକୁ ସ୍ୱୀକାର କରୁଛି ତାଙ୍କୁ ବିରୋଧୀ ଦଳ ଲାଡେନ ସହ ତୁଳନା କରିବା କଦାପି ଗ୍ରହଣୀୟ ନୁହେଁ । ଅନେକ ନରେନ୍ଦ୍ର ମୋଦିଙ୍କୁ ହିଟଲରଙ୍କ ସହ ତୁଳନା କରନ୍ତି ଯାହଂ। ବାସ୍ତବରେ ହାସ୍ୟାସ୍ପଦ । ମୋଦି ୧୦ ବର୍ଷ ହେବ ଦେଶର ନେତୃତ୍ୱ ନେଲେଣି । ଅନେକ ଆଶଙ୍କା କରୁଥିଲେ ଯେ, ନରେନ୍ଦ୍ର ମୋଦି କ୍ଷମତାକୁ ଆସିଲେ ଭାରତରେ ଏକଛତ୍ରବାଦ ଚାଲିବ, ଗଣତନ୍ତ୍ର ବିପନ୍ନ ହେବ, ମୁସଲମାନ ଭାଇ ଭଉଣୀମାନେ ଦେଶରୁ ବିଦା ହେବେ, ରକ୍ତ ନଦୀ ବୋହିବ, ଆଉ ଦେଶରେ ନିର୍ବାଚନ ହେବନି । କିନ୍ତୁ ମୋଦିଜୀ ଏହାକୁ ଭୁଲ ପ୍ରମାଣିତ କରିଛନ୍ତି । ବରଂ ଅନେକ ପ୍ରସଙ୍ଗରେ ସେ ଜନମତ ଆଗରେ ନତମସ୍ତକ ହୋଇଛନ୍ତି । ଆନ୍ଦୋଳନକାରୀ କୃଷକଙ୍କ ଦାବିକୁ ମାନି ସେ କୃଷି ଆଇନ ପ୍ରତ୍ୟାହାର କଲେ, ସେମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । ଏହାଠାରୁ ବଳି ବଡ଼ କଥା ଆଉ କ'ଣ ଥାଇପାରେ । ଯେଉଁ ଦଳ ଦେଶରେ ଜରୁରୀ ପରିସ୍ଥିତି ଜାରି କରି ଗଣତନ୍ତ୍ରକୁ ବିପନ୍ନ କରିଥିଲା, ସେହି ଦଳ ମୁହଁରେ ଏକଛତ୍ରବାଦ ଶବ୍ଦ ଶୋଭାପାଉନି । ଏକଦା କଂଗ୍ରେସ ନେତା ଦିଗବିଜୟ ସିଂହ ଓସାମା ବିନ ଲାଡେନକୁ ଲାଡେନଜୀ ବୋଲି କହିଥିଲେ । ସେହି ଦଳ ନରେନ୍ଦ୍ର ମୋଦିଙ୍କୁ ଲାଡେନ ସହ ତୁଳନା କରି ହାସ୍ୟାସ୍ପଦ । ନରେନ୍ଦ୍ର ମୋଦିଙ୍କ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ସମସ୍ତେ ଜାଣନ୍ତି । ସେ କେବେ ମୌଳବାଦୀ ଏବଂ ଆତଙ୍କବାଦୀଙ୍କ ସହ ସାଲିସ କରି ନାହାଁନ୍ତି ।

# ମୁଁ ଅଙ୍ଗେ ଲିଭାଇଛି

॥ ଅଜୟ କୁମାର ବେହେରା ॥

କଳାଧନ ଦୁଃଖର କାରଣ ହେଉଛି । ଗଣତନ୍ତ୍ର ରକ୍ଷା ବର୍ତ୍ତମାନ ପାଇଁ ନୂଆ ବୁଦ୍ଧିରେ ହେବା ଦରକାର । ଆମର ବହୁ ଦୁଃଖ ଏବେ ଯାଇଛି । ଆମେ ଖାଇବା ପାଇଁ ଏବେ କଷ୍ଟରେ ନାହୁଁ ବିଦ୍ୟାବୁଦ୍ଧିରେ ସମୟର ମୁକାବିଲା କରୁଛୁ ମାତ୍ର ଭୋଟ ରାଜନୀତି ପାଞ୍ଚବର୍ଷରେ ବନ୍ଧୁ ଶତ୍ରୁ ପଡ଼ୋଶୀ ଶତ୍ରୁତା ଡାକି ଆଣୁଛି । ଅସ୍ୱାଳନ ଲୋକଙ୍କୁ ଅତିଷ୍ଠ କରାଉଥିଲା ଯେଉଁ ଜମିଦାରମାନେ କଂଗ୍ରେସ ଶଶସନରେ ତ୍ରାହି ତ୍ରାହି ରବ ମନରେ କିଛି କଳ୍ପନା କରି ଭାବି ନେଇଥିଲେ ସେମାନେ ପୂର୍ବ ପ୍ରଜାଙ୍କର କଷ୍ଟରେ ହାସ୍ୟ କରୁଥିଲେ ।

ମୋର ଅନେକ ଦିନ ତଳର ସ୍ମୃତି ମନେ ଅଛି । ଆମର ପୁରାତନ ଗୃହ ଜେଜେଙ୍କ ଦ୍ୱାରା ତିଆରି ଘର ଜୀର୍ଣ୍ଣ ହୋଇଯିବା ପରେ ବି ମୋର ଜନ୍ମ ଠାରୁ ୫/୬ ବର୍ଷ ସେ ଘରେ ଝଡ଼ିବର୍ଷାରେ ନଡ଼ା ଛାତରେ ଅନେକ ଛିଦ୍ର ଦେଇ ଜଳ ତଳକୁ ପଡ଼ି ହଇରାଣରେ ମୋର ବୋଉ ପିଲାମାନଙ୍କୁ ମାଆ ବିଲେଇ ପରି ପ୍ରତି ବର୍ଷାଋତୁ ଦିବସରେ ଟିକେ ନିରାପଦ ସ୍ଥାନକୁ ନେଇ ରଖୁଥିଲା । ମୋର ବାପା ସାନବାପାଙ୍କର ଆର୍ଥିକ ସବଳ ନଥିଲା । ଏମିତି ବହୁ କଷ୍ଟରେ ସମୟ କାଟିବାରେ ଦୈବପ ଆଶ୍ରିତ ମୋର ପରିବାର ମାଆ ଚଣ୍ଡୀ ମାଆ ଶାରଳାଙ୍କୁ ବିନତି ହୋଇ ପ୍ରତ୍ୟେକ ବେଳରେ ଡାକୁଥାନ୍ତି । ମୋର ସାନବାପା ଓ ବପାପା ମଞ୍ଚ ଅଭିନେତା ରୂପେ ଭଲ ନାମ କମାଇଥାନ୍ତି । ତତ୍କାଳ ରାଜରାଜୁଡ଼ା ଜମିଦାରଙ୍କ ମହଲରେ ଅଭିନୟ କରି ଅନେକ ପ୍ରଶଂସା ସାଉଟି ଥାନ୍ତି । ପାଖ ଗ୍ରାମରେ ଲହଙ୍ଗା ଗ୍ରାମ ସେଠାରେ ଖ୍ୟାତି ସମ୍ପନ୍ନ ନାଟ୍ୟ ଲେଖକ ଓ ସଂସ୍ଥା ମାଲିକ ୰ଦୟାନିଧି ସ୍ୱାଇଁ ମହୋଦୟ ପିଲାକାଳରୁ ମୋ ବାପା ସାନବାପାଙ୍କୁ ଗଣନାଟ୍ୟରେ ସୁଯୋଗ ଦେଇ ଏକ ପ୍ରକାର ଦକ୍ଷ ଅତି ଦକ୍ଷ କଳାକାର କରିଥିଲେ । ମୋର ବାପା ସାନବାପାଙ୍କର ସେ ଧର୍ମବାପ ପରିଥିଲେ । ସେ ବର୍ଷ ମୋ ସାନ ବାପା ତାଙ୍କର ଦଳରେ ସାମିଲ ହେବାକୁ ପୁନଃ ନିମନ୍ତ୍ରଣ ପାଇଥିଲେ । ମୋ ବାପା ସେ ମହାଶୟଙ୍କୁ ଆମର ଦୟନୀୟ ଗୃହର ଅବସ୍ଥା ଜଣାଇ ତାର ନବନିର୍ମାଣ ପାଇଁ ସହାୟକ ହେବାକୁ ଅନୁରୋଧ କରିଥିଲେ । ସେ ମହାଶୟ ଜଣେ ବଡ଼ଚାଷୀ ଏଣେ ନାଟ୍ୟ ସଂସ୍ଥା ଯୋଗୁଁ ଓଡ଼ିଶାରେ ବହୁ ଖ୍ୟାତି ସମ୍ପନ୍ନ ଓ ସେପରି ଆୟ ବି ତାଙ୍କର ହେଉଥିଲା । ସେ ସମ୍ମତି ପ୍ରଦାନ କରି ଘର ନିର୍ମାଣରେ ସାହାଯ୍ୟ ଦିଆଯିବ କହିଗଲେ ।

ସେତେବେଳେ ମାଟିଘର କାନ୍ଥ ଦେବା ଏକ ସମସ୍ୟା ଘର ପାଖରୁ ମାଟି ଲ ନହେଲେ ଘର କରିବା କଷ୍ଟ କର । ଭଗବାନ ଦୟା କଲେ ଆମ ବାଡ଼ୀର ମାଟି ଉପଯୁକ୍ତ ବୋଲି ଅନୁଭବୀ କନ୍ଥିଆମାନେ ମତ ଦେଲେ । ମାଘରୁ ଜ୍ୟେଷ୍ଠ ଯାଏ ଗୃହ ନିର୍ମାଣ ପାଇଁ ମାଟିଘର ନିର୍ମାଣ ଉପଯୁକ୍ତ ସମୟ । ଏବେଳରେ କାମ ନକଲେ ଅନେକ ଅସୁବିଧା ମଧ୍ୟରେ ଗ୍ରାମରେ ମୂଲିଆ ମିଳିବେ ନାହିଁ । କନ୍ଥର ଶୁଷ୍କତା ଦ୍ରୁତି ହେବନାହିଁ । ଅନ୍ୟ ସମସ୍ୟା କାଦୁଅ ଚକଡ଼କୁ ଜଳ ଅଭାବ ପୋଖରୀ ଶୁଷ୍କ ହୋଇଯାଏ । ମାତ୍ର ଆମର ଗଭୀର କୂପଜଳରେ ଅସରନ୍ତି ଜଳ ଥିବାରୁ ଏ ସମସ୍ୟା ରହିନଥିଲା । ମୂଲିଆ ମଜୁରୀ ପୁରୁଷ ମୂଲିଆ ନାରୀ ମୂଲିଆ ମଧ୍ୟରେ କେତେ ଅଣା ଫରକ ହେଲେ ମାତ୍ର ଦଶ ଅଣା ବାରଅଣା ମଜୁରୀରେ କେତେ ମୂଲିଆ ଆବଶ୍ୟକ ହେଲେ ଆମର ଅର୍ଥବଳ ଦୁର୍ବଳ ଥିବାରୁ ଟର୍ଚ୍ଚ ଲାଇଟର ବ୍ୟାଟ୍ରୀ ମିଳିଲା ନାହିଁ । ଘର ଚାରିପଟରେ କୁମ୍ଭାର ଘରୁ ବଡ଼ ବଡ଼ ଘୁମ ନନ୍ଦ ଆଣି ଲୋକେ ଜଳଭରି ରଖିଲେ । କାଳେ କାହାଘରେ ଅଗ୍ନି ସଂଯୋଗ କିଏ କେତେବେଳେ କରିଦେବ ଏମିତି ଭାବନା ସମସ୍ତଙ୍କୁ ବିବ୍ରତ କରିଥିଲା । ନିଆଁ ନଥାଇ ଧୂଆଁ ନୁହଁ । ଲୋକେ ଅନୁସନ୍ଧାନ ଜାହିର ରଖିଲେ ରାତ୍ରୀରେ ଢ଼ୋଲ ଶବ୍ଦ ବିଭିନ୍ନ ବାଜାଦାରଙ୍କ ଘରଠାରୁ ଶୁଣାଯାଉଥିଲା । ଏକ ବାଦ୍ୟ ଶବ୍ଦର ସଙ୍କେତ ଥିବା ଜଣାପଡ଼ିଲା ତତପର ଗ୍ରାମ ବା ଭୂମିର ଢ଼ୋଲ ବାଦ୍ୟ ଶବ୍ଦ । ଏମିତି ଏମିତି ସନ୍ଦେହ ଅନେକ ଯୋଡ଼ିହୋଇ ଏକ ରକ୍ତ ମୁଖା ପରିସ୍ଥିତି ଉପୁଜିଲା ସେମାନେ ମାତ୍ର ଭୟ ହେଉ ବା ରକ୍ଷା ପାଇବାକୁ ହେଉ ଜଣେ ପ୍ରତିପତ୍ତି ସମ୍ପନ୍ନ ସରପଞ୍ଚଙ୍କ ନାମ କହିଲେ ଉତକ୍ଷିପ୍ତ ଜନତା ତାଙ୍କୁ ରାସ୍ତା ଗଲା ବେଳେ ଧରି କଷ୍ଟ ଦେଲେ ।

ତାପରେ ପୋଲିସଙ୍କର ଦଙ୍ଗା ଦମନ ଗିରଫ ଭୟ ପରିସ୍ଥିତିକୁ ଶାନ୍ତ କରିଥିଲା । ଲୋକେ ଆସ୍ତେ ଆସ୍ତେ ଶାନ୍ତିର ନିଶ୍ୱାସ ମାରିଥିଲେ । ପ୍ରତିଥର ଭୋଟବେଳେ ଏପରି ଆତଙ୍କ ଆସୁଛି ଭୋଟ ପରେ ଭିନ୍ନ ଆତଙ୍କ ରହୁଛି । ଭୟ ଈର୍ଷା ଏବେ ବେଳକୁ ବେଳ ବଳବତ୍ତର ରହିଗଲାଣି । ଲୋକେ ଶିକ୍ଷିତ ପୂର୍ବ ଅପେକ୍ଷା ଅନେକ ମାତ୍ର ଭୟ ହାର ଛାଡ଼ି ପାରିନାହିଁ । ଯୋଗାଯୋଗ ମେଡ଼ିଆ ଗୌନ ଥାଇ ମୁହୂର୍ତ୍ତକରେ ଏକ ଘଟଣାର ପକ୍ଷ ବିପକ୍ଷ ଏକାଠି ମୁକାବିଲା ହୋଇଯାଉଛି ।

କଳାଧନ ଦୁଃଖର କାରଣ ହେଉଛି । ଗଣତନ୍ତ୍ର ରକ୍ଷା ବର୍ତ୍ତମାନ ପାଇଁ ନୂଆ ବୁଦ୍ଧିରେ ହେବା ଦରକାର । ଆମର ବହୁ ଦୁଃଖ ଏବେ ଯାଇଛି । ଆମେ ଖାଇବା ପାଇଁ ଏବେ କଷ୍ଟରେ ନାହୁଁ ବିଦ୍ୟାବୁଦ୍ଧିରେ ସମୟର ମୁକାବିଲା କରୁଛୁ ମାତ୍ର ଭୋଟ ରାଜନୀତି ପାଞ୍ଚବର୍ଷରେ ବନ୍ଧୁ ଶତ୍ରୁ ପଡ଼ୋଶୀ ଶତୃତା ଡାକି ଆଣୁଛି । ଅସ୍ୱାଳନ ଲୋକଙ୍କୁ ଅତିଷ୍ଠ କରାଉଥିଲା ଯେଉଁ ଜମିଦାରମାନେ କଂଗ୍ରେସ ଶଶସନରେ ତ୍ରାହି ତ୍ରାହି ରବ ମନରେ କିଛି କଳ୍ପନା କରି ଭାବି ନେଇଥିଲେ ସେମାନେ ପୂର୍ବ ପ୍ରଜାଙ୍କର କଷ୍ଟରେ ହାସ୍ୟ କରୁଥିଲେ । କିଛି ସୋସାଲିଷ୍ଟ ପାର୍ଟିର ପ୍ରଚାରକ ପାଦରେ ଚାଲି ଚାଲି ମୁହଁରେ କାହାଳୀ ପରି ଚୁଙ୍ଗା ଲଗାଇ ପ୍ରଚାରକର ଗ୍ରାମ ଦାଣ୍ଡରେ ଗଲାବେଳେ ପ୍ରତ୍ୟେକଙ୍କର ଦୁଃଖ ବୁଝି ତାର ପ୍ରତିକାର ଆଗାମୀ ସରକାର ଆସିଲେ ସେମାନେ କରିବେ ଏଇ ଭରଷା ଦେଉଥାନ୍ତି । ସୋସାଲିଷ୍ଟ ପାର୍ଟିର ଏତେ ସମ୍ବଳ ନଥାଏ । ବହୁ କଷ୍ଟରେ କର୍ମୀ ବି ପ୍ରଚାର ପ୍ରସାରକୁ ଆସିଥାନ୍ତି । ସେମାନେ ପ୍ରଚାର ବେଳେ ଗ୍ରାମ ସହରୀରେ ଗରିବଙ୍କ ଘରେ ବକତେ ଭୋଜନ ପାଇଁ ଅନୁରୋଦ ମଧ୍ୟାହ୍ନ ପାଇଁ କରି ଭୋଜନ ବି କରୁଥାନ୍ତି । ତତ୍କାଳ ସୋସାଲିଷ୍ଟ ପାର୍ଟିର ଚିହ୍ନ ଥାଏ ଚାଳଘର, କଂଗ୍ରେସ ଚିହ୍ନ ଥାଏ ଯୋଡ଼ିବଳଦ । ଲୋକ ପ୍ରକୃତ ଉତ୍ପାତ ବୁଝି କଂଗ୍ରେସ ନେତାଙ୍କ ପ୍ରତି ବିମୁଖ ହୋଇ ସେ ଥର ସୋସାଲିଷ୍ଟ ନେତାଙ୍କୁ ଭୋଟ ଦେଇଥିଲେ । କଂଗ୍ରେସ ପ୍ରାର୍ଥୀଙ୍କର ଏକ ଜନ ସମ୍ପର୍କ ସଭା ପରେ କର୍ମୀମାନେ ତାଙ୍କର ପ୍ରାର୍ଥୀଙ୍କ ସହିତ ଦଳୀୟ ସଭାରେ ବଡ଼ ବଡ଼ ବୟାନ ଦେଇଥାନ୍ତି । ତାଙ୍କ ହାତରେ ଏମିତି ଲୋକ ଅଛନ୍ତି, ସେମିତି ଲୋକ ଅଛନ୍ତି ସେ ସାହିରେ ମୋ କଥାରେ ଲୋକ ବସ ଉଠ ହୁଅନ୍ତି । ସରପଞ୍ଚ ନାୟବପଞ୍ଚ ଚୌକିଦାର ସମସ୍ତେ କମଂଗ୍ରେସର ପ୍ରାର୍ଥୀଙ୍କୁ ନେଇ ସ୍ୱର୍ଗରେ ଥୋଇବା ପରି କଥା କହିଥାନ୍ତି । କିନ୍ତୁ ପାଳ ଓଲଟା । ଭୋଟର ଘୋଷଣାରୁ ଜଣାପଡ଼ିବା ପରେ ସେହି ସ୍ୱାର୍ଥନ୍ୱେଷୀମାନେ ଚାଳଘରକୁ ଭୋଟ ଦିଆଯାଇଛି ତାକୁ ଅଗ୍ନିଦଗ୍ଧ କର ଘର ଜଳାଅ ଏପରି ଚକ୍ରାନ୍ତ କରି ସେପରି ଘଟଣା ଘଟିବା ବି ଦେଖାଗଲା । ଖରାଦିନେ ଅସାବଧାନରୁ ନଡ଼ା ଛପର ଘର ଅଗ୍ନି ଦଗ୍ଧହୁଏ । ମାତ୍ର ଏପରି ଘଟଣା ବି କଂଗ୍ରେସ ଦଳ ତରଫରୁ କରାଯାଉଛି । ଏମିତି ହୋଇ ଉଠି ଲୋକେ ରାତ୍ରୀ ଜାଗ୍ରତ ରହି ସର୍ବତ୍ର ପ୍ରହରା ଦେଲେ ଗଲାରେ ଚଲାରେ ଶବ୍ଦ ରାତ୍ରୀ ସାରା ଶୁଣାଗଲା । ଲୁଣ୍ଠନରେ ତେଲ ଭରି ରାତ୍ରୀ ସାରା ବଂଶ ଯାକ ଲୋକ ପାଳିକରି ଗୃହ ଚତୁଃପାର୍ଶ୍ୱ ଜଗିଲେ । ଏକ ସନ୍ଦେହ ବାତା ବରଣ ସମସ୍ତଙ୍କ ସମସ୍ତଙ୍କୁ ହେଲା । ଭୀକାରୀ ଆସିଲେ ତାର ଝୁଲାରେ ଦିଆସିଲି ଅଛିକି ଏମିତି ଖୋଜା ହେଲା । ଆମ ଘରର ସମସ୍ତଙ୍କୁ ରାତି ଦିନ ମାଟି ଭୋଇ ମୂଳଦୁଆ ପକା କାନ୍ଥର ମାଟି ଘର ନିର୍ମାଣ ସ୍ଥାନକୁ ଆଣିବାକୁ ପରିଶ୍ରମ କରିବାକୁ ପଡ଼ିଥିଲା ମୁଁ ଟିକେ ବଡ଼ ହୋଇଥିଲେ ମୋର ଭାଇ ଭଉଣୀ ଦଶ ବର୍ଷ ମଧ୍ୟରେ ଥିଲେ । ମୋର ବାପା ବୋଉ ସାନବାପା ସମସ୍ତେ ବାଡ଼ିର ଖାତ ଖୋଲି ମାଟି ଘର ପାଖକୁ ବୋହି ଜମା କରିବାକୁ ପଡ଼ିଥିଲା । କିଛି ମୂଲିଆ ଲାଗି ତା ପରବର୍ତ୍ତୀ କାମକୁ ଆଗେଇ ନେଉଥିଲେ ଏମିତି ମୂଳଦୁଆମଡ଼ା କାନ୍ଥ ଦିଆ କାମ ଚାଲିଲା । କାନ୍ଥ ଦେବା ପରେ ଦୂଆ ୫ ଦୁଆ ହେଲା ମୂଳଦୁଆରେ ବାଣୀକଟା କାମକୁ ଜଣେ ନାମକରା ଅବଧାନ ଆସି ବାଣୀ କାଟିଥିଲେ ବାପାଙ୍କ ହାତ ମାଗରେ ଘରେ ଛୋଟ ଛୋଟ ହେଉ ନଥିବାରୁ ବିଶ୍ୱକର୍ମା ମାପରେ ୧୭ହାତି ୭ହାତ ଭାଗକୁ ୨୧ ହାତ ଚକଡ଼ାରେ ଘର ନିର୍ମାଣ ସିଦ୍ଧାନ୍ତ ହୋଇ ଜଗବନ୍ଧରେ ଘର ହୋଇଥିଲା । ସେତେବେଳେ ଏହି ମତକୁ ପ୍ରାଧାନ୍ୟ ଦିଆଯାଉଥିଲା । ଦୟାନିଧି ବାବୁ ଦୟାପରବଶ ହୋଇ ଘରର ମଝି ଖୁଣ୍ଟ ଶେଣୀ ଆଦି ପାଇଁ କାଠ ଯୋଗାଇ ଥିଲେ । ଆମ ବାଡ଼ିରୁ ବାଉଁଶ ସଂଗ୍ରହ ହୋଇ ପୂର୍ବରୁ ପୋଖରୀରେ ପକାଇ ପାଗ କରାଯାଇଥିଲା । ଏଇ ବାଉଁଶ କାଠକୁ ଗ୍ରାମର ବିଶ୍ୱକର୍ମା ଗୃହ ନିର୍ମାଣ ପୋଖତ ଜ୍ଞାନଥିବା ୰କାଶୀ ମହାରଣାଙ୍କ ଦ୍ୱାରା ତାଙ୍କର ସହାୟକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ରୁଅ ବନ୍ଧା ବତରା ବୁଣାଟ ହେଲା କମଡ଼ା ଦିଆଯାଇ ଗୃହର ଛାତର ରୂପ ଦିଆଯାଇ ଦୟାନିଧି ବାବୁଙ୍କ ଦତ୍ତ ଛଣରେ ଗୃହ ଆଚ୍ଛାଦିତ ହୋଇ ଗୃହ ରୂପ ନେଲା । ମାତ୍ର ଗୃହ ଚୌକାଠ ଝରକା ଯୋଗାଡ଼ ହେବା ମୁସ୍କିଲ ବୋଧ ଥିଲା । ବହୁ କଷ୍ଟରେ ବାଉଁଶ ତାଟି ଟାଙ୍ଗି ସେ ଘରେ ମୋ ବୋଉ କଷ୍ଟରେ ସମୟ ଆମକୁ ଦେଇ କାଟିଛି । ଘର ଧନଧାନ୍ୟ ଗଛିତ ନାହି ମୂଲିଆଙ୍କ ପରି ମୋର ବାପା ଖଟି ଆମକୁ ଖାଇବାକୁ ଦେଇଛନ୍ତି । ପାଠପଢ଼ା ଖର୍ଚ୍ଚ ତୁଲାଇଛନ୍ତି । ସାନ ବାପା ନାଟ ପାଟିରେ ଅନ୍ୟତ୍ର ଚାଲିଗଲେ ସେ ଏ ମଧ୍ୟରେ ବିପତ୍ନୀକ ହୋଇଯାଇଥିଲେ । ତାଙ୍କର ଏକମାତ୍ର କନ୍ୟା ତାର ମାମୁଁ ଘରେ ରହିଥାଏ । ଏ ମଧ୍ୟରେ ଭୀଷଣ କଷ୍ଟରେ ଆମର ସମୟ କାଟୁଥିବାବେଳେ ହଠାତ୍ ଏଇ ସମୟରେ ଏକ ବଡ଼ ସମସ୍ୟା ସାମୁହିକ ବିପତ୍ତି ଆସିଗଲା । ସେତେବେଳେ ନିର୍ବାଚନ ଆସିଲା । ମୁଖ୍ୟ ରାଜନୈତିକ ଦଳ କଂଗ୍ରେସ ଓ ସୋସାଲିଷ୍ଟ ପାର୍ଟି । ଉଭୟ ବଡ଼ ବଡ଼ ପ୍ରଚାରରେ ଘର ଘର ବୁଲି ଯିବା ବେଳେ ସ୍ଥାନୀୟ ସରପଞ୍ଚ ତାଙ୍କର ଅନୁଗତ୍ୟ ଦେଇ କଂଗ୍ରେସକୁ ଭୋଟ ଦେବ ବାରମ୍ବାର ତାଗିତ କରିଛନ୍ତି ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଧାଇମା ଭୂମିକାରେ ଭକ୍ତକବିଙ୍କ 'ବର୍ଣ୍ଣବୋଧ'

॥ ବିପିନ ବିହାରୀ ରାଉତ ॥

ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ', 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ଆଉ ମଠ ନକର ଆଉ', 'ପଶ୍ଚିମ ଦିଗରେ ବୁଡ଼ଇ ରବି, ଆହାକି ସୁନ୍ଦର ଲୋହିତ ଛବି', 'ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ' - ଏହିପରି ଚମତ୍କାର ଜୀବନ ଆବେଗର ଅତ୍ୟନ୍ତ ବିଲକ୍ଷଣ ପଂକ୍ତି ଗୁଡ଼ିକର ଧାଡ଼ି ଅଗଣିତ କୋଟି କୋଟି ଓଡ଼ିଆଙ୍କ ଜିଭ ଆଗରେ ଏବେ ବି ପ୍ରତିଦିନ ଝଙ୍କୃତ ହେଉଥାଏ । ସମସ୍ତଙ୍କୁ ଏହା ଜଣା ଯେ ଏହି କାଳଜୟୀ ଓ ଶିକ୍ଷା ପ୍ରଦାୟକ ନୈତିକ ଶିକ୍ଷାର ବାର୍ତ୍ତାବହ ତଥା ଜୀବନତତ୍ତ୍ୱର ନୀତିବାଣୀର ମର୍ମସ୍ପର୍ଶୀ ଲେଖନୀ ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଅଦ୍ୱିତୀୟ ସୃଷ୍ଟି 'ବର୍ଣ୍ଣବୋଧ' । ଇତିମଧ୍ୟରେ ଏହାର ପୁର୍ନପ୍ରକାଶ ହେବାକୁ ଯାଉଛି । ପାଖାପାଖି ୧୧୦ ଦଶ ବର୍ଷ ପରେ କୋଟି କୋଟି ଓଡ଼ିଆ ଏହି ହୃଦୟସ୍ପର୍ଶୀ ପୁସ୍ତକକୁ ପୁଣିଥରେ ନୂଆ ରୂପରେ ପଢ଼ିବା ପାଇଁ ଯାଉଛନ୍ତି । ୧୯୦୧ ମସିହାରେ ଏହି ବର୍ଣ୍ଣବୋଧକୁ ଲେଖିଥିଲେ ଭକ୍ତକବି ମଧୁସୂଦନ ରାଓ । ଓଡ଼ିଆ ବର୍ଣ୍ଣବୋଧ ଆମ କେବଳ ସମସାମୟିକ ଜୀବନକୁ ନୁହେଁ ଏପରି କ୍ୱଚିତ ଓଡ଼ିଆ ରହିଥିଲେ ଯେଉଁମାନେ କି ଏହାକୁ କେବଳ ଯେ ନପଢ଼ିଥିବେ ବରଂ ଏହାକୁ ବୁଝି ନଥିବେ । ଓଡ଼ିଆ ମାଟି, ପାଣି, ପବନ, ଓଡ଼ିଆ ଭାବନା, ଜୀବନ ଚେତନା, ପ୍ରାକୃତିକ ନୈସର୍ଗୀକ ସୌନ୍ଦର୍ଯ୍ୟ, ଜୀବନ ନୈତିକ ଶିକ୍ଷା, ନୀତିବାଣୀର ଭାବନା ଏପରି ଅନେକ ଚେତନାରେ ସମ୍ପୂର୍ଣ୍ଣ ଭରପୁର ହୋଇଛି ଏହି ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ ।

କୋଟି କୋଟି ଓଡ଼ିଆଙ୍କ ଦେଢ଼ଶହ ବର୍ଷ ଧରି ସେମାନଙ୍କ ଜୀବନ ପ୍ରାଣର ଏକ ପ୍ରକାର ଆବାହନୀ ଓ ସାମଗ୍ରିକ ଶିକ୍ଷାର ଅମାପ ବାର୍ତ୍ତା ଭରି ରହିଥିବା ଏହି ବର୍ଣ୍ଣବୋଧ ପୁନର୍ବାର ଓଡ଼ିଆରେ ପ୍ରକାଶିତ ହୋଇ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି । ଅନେକ ହୁଏତ ଜାଣିନଥିବେ ବଙ୍ଗଳା ସାହିତ୍ୟର ସାରସ୍ୱତ ନାୟକ ଓ ପ୍ରସିଦ୍ଧ ଲେଖକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବଙ୍ଗଳା ଭାଷା ପାଇଁ 'ବର୍ଣ୍ଣ ପରିଚୟ' ପୁସ୍ତକଟି ଲେଖିଥିଲେ । ବର୍ଣ୍ଣବୋଧ ହେଉଛି ଓଡ଼ିଆ ଭାଷା ସାହିତ୍ୟ, ଜୀବନବୋଧର ଏପରି ଏକ ଜୀବନଦସ୍ତାବିଜ ଯାହାର ପ୍ରତିଟି ଧାଡ଼ି ଅମୃତସ୍ପର୍ଶୀ ଓ କାଳଜୟୀ । ଭକ୍ତକବି ମଧୁସୂଦନ ଏହି ପୁସ୍ତକଟି ମାତ୍ର ଗୋଟିଏ ରାତି ଭିତରେ ପ୍ରସ୍ତୁତ କରିପାରିଥିଲେ ମଧ ଏହାକୁ ସମୃଦ୍ଧ ଓ ତଥ୍ୟଭିତ୍ତିକ କରିବା ପାଇଁ ତାଙ୍କର ଦୀର୍ଘ ସମୟର ପରିଶ୍ରମ କିନ୍ତୁ ରହିଥିଲା । ୧୮୮୫ ମସିହାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପୁସ୍ତକ ପ୍ରକାଶନୀ ସଂସ୍ଥା ମ୍ୟାକମିଲନ ଆଣ୍ଡ କମ୍ପାନୀ ଏହାର ପ୍ରକାଶନ ଦାୟିତ୍ୱ ନେଇଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ରୂପରେ ଏହି ବହିଟି ଅନେକବାର ବିଭିନ୍ନ ସଂସ୍କରଣ ମାଧ୍ୟମରେ ପ୍ରକାଶିତ ହୋଇଛି । ଆପଣ ଯେ କୌଣସି ବଡ଼ ବହି ଦୋକାନ, ଛୋଟ ବହିଦୋକାନ କିମ୍ବା ରାସ୍ତାକଡ଼ର ବହି ଓ ମାଗାଜିନ ପସରା ମେଲାଇଥିବା ବହି ସପରେ ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ କିନ୍ତୁ ନିଶ୍ଚିତ ପାଇବେ । ଏହା ହିଁ ହେଉଛି କୋଟି କୋଟି ଓଡ଼ିଆଙ୍କ ଏହି ଶୀର୍ଣ୍ଣକାୟ ଚଟିବହିଟି ପ୍ରତି ଆବେଗ ଓ ଆକର୍ଷଣର ଡ଼ୋରି । ବର୍ଣ୍ଣବୋଧ ପୁସ୍ତକର ସମସାମୟିକ ଏହି ଭାଷା ବର୍ଣ୍ଣାଳୀର ଅନେକ ସୃଷ୍ଟି ମଧ କୃତବିଦ୍ୟ ଓଡ଼ିଆ ସାହିତ୍ୟ ସ୍ରଷ୍ଟାଙ୍କ ଦ୍ୱାରା ମଧ ସମ୍ଭବ ହୋଇଥିଲା । ତତ୍କାଳୀନ ଓଡ଼ିଆ ଭାଷା ଓ ତତ୍‌ଜନିତ ସାହିତ୍ୟର ଅଭାବକୁ ଲକ୍ଷ୍ୟ ରଖି ଯେଉଁକିଛି ପୁସ୍ତକ ପ୍ରକାଶ ହୋଇଥିଲା ସେ ଗୁଡ଼ିକ ହେଉଛି 'ବର୍ଣ୍ଣଶିକ୍ଷା', 'ବର୍ଣ୍ଣବୋଧକ', 'ବର୍ଣ୍ଣ ନିୟମ', 'ବର୍ଣ୍ଣ ପରିଚୟ', 'ଶିକ୍ଷା ମଞ୍ଜରୀ', 'ବାଳବୋଧିନୀ', 'ପ୍ରଥମ ପାଠ', 'ବର୍ଣ୍ଣ ବିଜ୍ଞାନ' ପ୍ରମୁଖ । ତେବେ ଏ ସବୁ ଭିତରେ ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ସ୍ୱତନ୍ତ୍ରତା ରହିଥିଲା କାରଣ ଏଥିରେ ଭରି ରହିଥିଲା କେବଳ ଶିଶୁ ମାନଙ୍କ ପାଇଁ ନୁହେଁ ସବୁ ବୟସର ଲୋକମାନଙ୍କ ପାଇଁ ଜୀବନ ଶିକ୍ଷା ହେଉ ବା ନୈତିକ ଶିକ୍ଷା, ଆଧ୍ୟାତ୍ମିକ ଶିକ୍ଷା ହେଉ ବା ଭାବଗତ ଶିକ୍ଷା । ଏସବୁ ପରିପୃଷ୍ଟ ହୋଇଥିଲା ବର୍ଣ୍ଣବୋଧରେ ।

ଭକ୍ତକବି ଭାବେ ମଧୁସୂଦନ ରାଓ କୋଟି କୋଟି ଓଡ଼ିଆଙ୍କ ପାଖରେ ଏକ ପ୍ରାତଃ ସ୍ମରଣୀୟ ପରିଚିତ ବ୍ୟକ୍ତିତ୍ୱ । ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଶିକ୍ଷକ ଓ ଭାଷାବିତ । ଓଡ଼ିଆ ଭାଷା ପ୍ରତି ତାଙ୍କର ରହିଥିଲା ଅମାପ ଆବେଗ, ଦୁର୍ବଳତା ଓ ଭଲପାଇବା । ବର୍ଣ୍ଣବୋଧ ଏକ ଏପରି ସରଳ ବୋଧଗମ୍ୟ ଓ ଭାଷା ଆବେଗ ତଥା ନୈତିକ ଶିକ୍ଷା ପ୍ରଦାୟକ ପୁସ୍ତିକା ଯାହାକି ବାସ୍ତବିକ ପ୍ରତିଟି ଓଡ଼ିଆଙ୍କ ଘରେ ଏକ ସଂଗ୍ରହଣୀୟ ଭାଷା ଦସ୍ତାବିଜ ଭାବେ ରହିବା କଥା । ଯେତେବେଳେ ଓଡ଼ିଆ ଭାଷାକୁ ବିଶେଷକରି ବଙ୍ଗଳାର ଆହ୍ୱାନକୁ ସାମ୍ନା କରିବାକୁ ପଡୁଥିଲା 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ ।' ସେହି ଭାଷା ଆହ୍ୱାନକୁ ନିଜ ଭିତରେ ଶାଣିତ ଓ ତୀବ୍ର କରିଥିଲେ ଭକ୍ତକବି । ଓଡ଼ିଆ ଭାଷା, ବନାନ, ବର୍ଣ୍ଣ, ଶବ୍ଦ, ଯୁକ୍ତାକ୍ଷର ସବୁକିଛିକୁ ତଉଲି ଓ ଏହାର ସାମଞ୍ଜସ୍ୟ ରଖି ପ୍ରସ୍ତୁତ ହୋଇଥିବା ସେ ଦିନର ଭକ୍ତକବିଙ୍କ ଏହି ମହାର୍ଘ ବର୍ଣ୍ଣବୋଧ ଏ ଯାବତ୍ ତାହା ଆଗ୍ରହ ଓ ଆବେଗକୁ ଅତୁଟ ରଖିଛି । ଏହା କେବଳ ଓଡ଼ିଆ ଭାଷା, ଶିକ୍ଷା ବା ବର୍ଣ୍ଣମାଳା କିମ୍ବା ଯୁକ୍ତାକ୍ଷର ପ୍ରସ୍ତୁତିର ଏକ ଶିକ୍ଷା ପୁସ୍ତିକା ନୁହେଁ ଏହା ହେଉଛି ଭାବପୂର୍ଣ୍ଣ ପ୍ରକୃତି ହେଉ ବା ଜୀବନଚର୍ଯ୍ୟା, ଆଧ୍ୟାତ୍ମକ ହେଉ ବା ଅମୃତ ନିର୍ଝର । ସବୁକିଛିକୁ ଏହା ଆକର୍ଷଣୀୟ ଭାବରେ ଏପରି ମର୍ମସ୍ପର୍ଶୀ ପ୍ରେରଣା ଦେଇଛି ଯାହାକି ସମ୍ଭବତଃ ଆଉ ଏକ ବର୍ଣ୍ଣବୋଧ ସୃଷ୍ଟି ହୋଇନପାରେ ।

ନିତିଦିନିଆ ଜୀବନରେ ମାମୁଁଘରର ସ୍ମୃତି ରହିଛି ଏହି ବର୍ଣ୍ଣବୋଧରେ - 'ଚକା ଚକା ଭଉଁରୀ, ମାମୁଁଘର ଚଉଁରୀ' । କାଳ ଅନ୍ଧାରର ରାତି ପାହିବା ପରେ ଜଣଙ୍କ ଜୀବନ ଆରମ୍ଭ ହୋଇଥାଏ ସୂର୍ଯ୍ୟୋଦୟରୁ ଆଉ ଏହାକୁ ଆମ ସମସ୍ତଙ୍କ ପାଖରେ କାଉର ରାବ ଦ୍ୱାରା ହିଁ ଜଣାଯାଇଥାଏ ଭକ୍ତକବି ବର୍ଣ୍ଣବୋଧରେ ଲେଖିଛନ୍ତି - 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ' । ଏବେ ତ ପ୍ରଚଣ୍ଡ ଖରାର ନିଦାଘ ରୌଦ୍ରତାପ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି । ଜାଣିଛନ୍ତି ବର୍ଣ୍ଣବୋଧରେ ଏହା ବେଶ ସୁସ୍ପଷ୍ଟ ହୋଇଛି - 'ବୈଶାଖ ମାସେ ବଡ଼ ଖରା, ଅତି ତପତ ହୁଏ ଧରା' । ଜୀବନ ଯାତ୍ରା ପଥରେ ଆମ ମାନଙ୍କ ଉଚିତ କର୍ତ୍ତବ୍ୟର ଶିକ୍ଷଣୀୟ ବାର୍ତ୍ତା ରହିଛି ଏଥିରେ ତାହା ହେଉଛି - 'ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ' । କେବଳ ସେତିକି ନୁହେଁ ପିଲାମାନଙ୍କୁ ଜୀବନ ପ୍ରାରମ୍ଭକୁ ନୈତିକ ଶିକ୍ଷା ଦେଇ ଭକ୍ତକବି ଏଥିରେ ଲେଖିଛନ୍ତି - 'କୁବାକ୍ୟ କେବେ ନକହିବ, ଆଳସ୍ୟ କେବେ ନକରିବ । ମିଥ୍ୟାକୁ ପାପ ବୋଲି ଜାଣି, କହିବ ସଦା ସତ୍ୟବାଣୀ' । ପ୍ରତିଟି ମୁହୂର୍ତ୍ତ ଭଗବାନଙ୍କ ପାଇଁ ସମର୍ପିତ କରି ଜୀବନରେ ଆଧ୍ୟାତ୍ମିକ ତତ୍ତ୍ୱ ଓ ଭାବଧାରାକୁ ଶିଶୁମନରେ ଉଦ୍ରେକ କରିବା ପାଇଁ କବି ରଚନା କରିଛନ୍ତି - 'ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ' ।

ଜାତିର ଆତ୍ମା ଭାବେ ଏକ ମାତୃଭାଷା ହେଉଛି ଜାତି ପାଇଁ ସମ୍ମାନ । ଭାଷା ଏକ ଶାସ୍ତ୍ରୀୟ ସ୍ୱୀକୃତି ଯେ ପାଇଥାଏ ଏହା ପଛରେ ରହିଛି ଓଡ଼ିଆ ଭାଷାର ଗୌରବମୟ ଇତିହାସ । ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଅମୃତ ସୃଷ୍ଟି ବର୍ଣ୍ଣବୋଧ ଏ ଜାତିର, ଏ ଜାତିର ଅସ୍ମିତାର ସର୍ବୋପରି ଭାଷାର ମୂଳପିଣ୍ଡ କହିଲେ ଭୁଲ ହେବନାହିଁ । ଏହି ଶୀର୍ଣ୍ଣକାୟ ଚଟି ବହିଟି କେବଳ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଏକ ନାମ ବାଚକ ପୁସ୍ତିକା ନୁହେଁ ଏହା ଯେଉଁ ଆବେଗ, ଉନ୍ମେଷ, ଜାତି ଓ ଭାଷା ପ୍ରତି ସମର୍ପଣ ଭାବ ସୃଷ୍ଟି କରେ ତାହା କମ ବଡ଼କଥା ନୁହେଁ । ଓଡ଼ିଆ ଭାଷାର ଶ୍ରେଷ୍ଠ ଓ ଗୌରବମୟ କୃତୀ ଓ ସ୍ୱୀକୃତି ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଏହି ବର୍ଣ୍ଣବୋଧ । ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷାରେ ଧାଇମାର ଭୂମିକା ନେଇଥିବା ଭକ୍ତକବିଙ୍କ 'ବର୍ଣ୍ଣବୋଧ' ପ୍ରତିଟି ଓଡ଼ିଆଙ୍କ ଭାଷା ସାହିତ୍ୟର ଜୀବନ ସ୍ପନ୍ଦନ କହିଲେ ଅତ୍ୟୁକ୍ତି ହେବନାହିଁ ।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩,

# ଅବିସ୍ମରଣୀୟ ଅଜାତ ଶତ୍ରୁ

॥ ପିତାମ୍ବର ରାଉତ ॥

ଜନପ୍ରିୟ ନେତା ତଥା ଓଡ଼ିଶା ରାଜନୀତିର ଅନ୍ୟତମ ଅପ୍ରତିଦ୍ୱନ୍ଦ୍ୱୀ ଜନନେତା ସ୍ୱର୍ଗତଃ ନଳିନୀକାନ୍ତ ମହାନ୍ତି ଜଣେ ଏପରି ବ୍ୟକ୍ତିତ୍ୱ ଥିଲେ ଯିଏ କି କେବଳ ତାଙ୍କ ନିର୍ବାଚନ ମଣ୍ଡଳୀ ନୁହେଁ ତମାମ ଓଡ଼ିଶାର ଲୋକପ୍ରିୟ ନେତା ଭାବେ ପରିଗଣିତ ହୋଇଥିଲେ । ଆଜି ସେ ନାହାଁନ୍ତି କିନ୍ତୁ ତାଙ୍କ ହସ ହସ ମୁହଁ, ଦରଦୀ ବ୍ୟବହାର ଏବେ ବି ଭୁଲିବାର ନାହିଁ । କଳିଙ୍ଗର ବରପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସେ ଏକାନ୍ତ ବିଶ୍ୱାସୀ ଓ ଅନୁଗତ ଥିଲେ । ସେଇଥିପାଇଁ ବିଜୁ ବାବୁ କୁହନ୍ତି ନଳିନୀକୁ ଜିତାଇବା ଯାହା ମୋତେ ଜିତାଇବା ତାହା । ୧୯୪୯ ମସିହା ଜାନୁଆରୀ ୨୦ ତାରିଖ ଦିନ ରାଜନଗର ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ଫିରିକି ଦାଣ୍ଡି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଗ୍ରାମ୍ୟ ସ୍କୁଲରେ ପଞ୍ଚମ ଶ୍ରେଣୀ, ମଦନପୁର ମହାବୀର ମଧ ଇଂରାଜୀ ସ୍କୁଲରେ ସପ୍ତମ ଶ୍ରେଣୀ, ପଟ୍ଟାମୁଣ୍ଡାଇ ମନ୍ମଥନାଥ ଉଚ୍ଚ ଇଂରାଜୀ ସ୍କୁଲରେ ଦଶମ ଶ୍ରେଣୀ, କଟକ ଖ୍ରୀଷ୍ଟ ମହାବିଦ୍ୟାଳୟରୁ ସ୍ନାତକ, କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ । ୧୯୬୯ ମସିହାରେ ଛାତ୍ର ରାଜନୀତିରେ ଅଂଶ ଗ୍ରହଣ କରି ୧୯୭୭ ମସିହାରେ ପ୍ରଥମଥର ପାଇଁ ବିଜୁ ବାବୁଙ୍କ ନେତୃତ୍ୱରେ ରାଜନଗର ବିଧାନସଭା କ୍ଷେତ୍ରରୁ ନିର୍ବାଚନ ଲଢ଼ି ବିଜୟ ହୋଇଥିଲେ ।

ବିଜୁ ବାବୁ ମଧ ପରାଜୟର ସମ୍ମୁଖୀନ ହୋଇ ୧୯୭୧ ମସିହାରେ ରାଜନଗର ନିର୍ବାଚନ ମଣ୍ଡଳୀରୁ ଜିତିଥିଲେ । ନଳିନୀ ବାବୁ ରାଜନଗରରୁ ସର୍ବପ୍ରଥମେ ୧୯୭୭ରେ ଜନତା ଦଳରୁ ୧୯୮୦ରେ ଲୋକଦଳରୁ ୧୯୮୪ରୁ ଜନତା ପାର୍ଟିରୁ, ୧୯୯୦ ଓ ୧୯୯୫ରେ ଜନତା ଦଳରୁ, ୨୦୦୦ ବିଜେଡ଼ିରୁ ଓ ୨୦୦୪ରେ କଂଗ୍ରେସ ଦଳରୁ ନିର୍ବାଚନରେ ବିଜୟ ଲାଭ କରିଥିଲେ । ୧୯୯୦ରେ ବିଜୁ ବାବୁଙ୍କ ସରକାରରେ ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ୨୦୦୦ ମସିହାରେ ନବୀନ ପଟ୍ଟନାୟକଙ୍କ ସରକାରରେ ପୂର୍ତ୍ତ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଭାବେ ସେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ । ୧୯୯୦ ମସିହାରେ ତାଙ୍କ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ବିକାଶ ବିଲ ପାରିତ ହୋଇଥିଲା । ଭିତରକନିକା ଅଭୟାରଣ୍ୟକୁ ଜାତୀୟ ମାନ୍ୟତା ପାଇବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଦ୍ୱାରା ଆଜି ବିଶ୍ୱ ମାନଚିତ୍ରରେ ଏକ ଜୈବ ପର୍ଯ୍ୟଟନ କ୍ଷେତ୍ର ଭାବେ ଭିତରକନିକା ପ୍ରସିଦ୍ଧ । ୧୯୭୧ରେ ମହାପ୍ରଳୟଙ୍କାରୀ ବାତ୍ୟା ରାଜନଗରକୁ ଧ୍ୱଂସବିଧ୍ୱଂସ କରିଦେଇଥିଲା । ବିଜୁ ବାବୁଙ୍କ ପରାମର୍ଶକ୍ରମେ ୨୨ ବର୍ଷୀୟ ଯୁବକ ନଳିନୀକାନ୍ତ ଆଗେଇ ଆସିଥିଲେ ଗୋପବନ୍ଧୁଙ୍କ ପରି । ଯୁବସାଥି ମାନଙ୍କୁ ସାଙ୍ଗରେ ଧରି ରାଜନଗରର ପୁନଃ ନିର୍ମାଣରେ ସେ ଲାଗିପଡ଼ିଥିଲେ ।

ରାଜନୀତିରେ ଆଦର୍ଶ, ମାନବିକ ମୂଲ୍ୟବୋଧକୁ ସବୁବେଳେ ସେ ଗୁରୁତ୍ୱ ଦେଉଥିଲେ । ସେ ଯେତିକି ଶାନ୍ତିପ୍ରିୟ ଥିଲେ ସେତିକି ସଂଗ୍ରାମୀ ମଧ ଥିଲେ । ତାଙ୍କ ନୀତି ଥିଲା ଦାନ ହିଁ ଜୀବନ, ସଂଘର୍ଷ ହିଁ ଜୀବନ, କ୍ଷମା, ଧର୍ମର ମେରୁଦଣ୍ଡ, ସାଧନା ନଥିଲେ ସିଦ୍ଧି ନାହିଁ, ନୀରବତା ଶ୍ରେଷ୍ଠ ଅସ୍ତ୍ର, ଦୃଢ଼ ବିଶ୍ୱାସ ରଖି କାମ କଲେ ସଫଳ ମିଳେ । ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କର ସେ ପ୍ରିୟଭାଜନ ଥିଲେ । ସେ ଅତ୍ୟନ୍ତ ମିଷ୍ଟଭାଷୀ ଓ ଅମାୟିକ ବ୍ୟକ୍ତି ଥିଲେ । ତାଙ୍କ ବ୍ୟକ୍ତିତ୍ୱ ଥିଲା ଦଳମତ ଉର୍ଦ୍ଧ୍ୱରେ, ସେ ଥିଲେ ଧର୍ମମୂର୍ତ୍ତିମନ୍ତର ପ୍ରତୀକ । ତାଙ୍କ ସହଧର୍ମିଣୀ ଜ୍ୟୋତ୍ସ୍ନାମୟୀ ମହାନ୍ତି ଜଣେ ଉଚ୍ଚ ଆଦର୍ଶସମ୍ପନ୍ନ ମହିଳା । ନଳିନୀ ବାବୁଙ୍କ ରାଜନୀତିର ଜୟଯାତ୍ରାରେ ସେ ଥିଲେ ମାର୍ଗଦର୍ଶିକା । ଏକମାତ୍ର ପୁତ୍ର ଅଂଶୁମାନ ମହାନ୍ତି ଏବେ ରାଜନୀତିରେ ବେଶ ସକ୍ରିୟ ଓ ତାଙ୍କ ପିତାଙ୍କ ଆଦର୍ଶକୁ ଅନୁସରଣ କରି ରାଜନଗରବାସୀଙ୍କ ସେବାରେ ବ୍ରତୀ ରହିଛନ୍ତି । ବାସ୍ତବରେ ତାଙ୍କ ଅମାୟିକ ବ୍ୟବହାର, ବନ୍ଧୁବତ୍ସଳତା, ସରଳତା, ନିଷ୍ଠାପରତା, ସାହାସିକତା ତାଙ୍କୁ ଚିରକାଳ ଓଡ଼ିଶାବାସୀଙ୍କ ହୃଦୟରେ ସ୍ମରଣୀୟ କରି ରଖିବ । ତାଙ୍କ ସ୍ମୃତିରେ ଯଥାର୍ଥରେ ବିଶିଷ୍ଟ କବି ହେମନ୍ତ ରାଉତଙ୍କ ଭାଷାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି - 'ମରଣ ତୁମକୁ ଜୟ କରିନାହିଁ, ତୁମେ ତାକୁ କଲ ଜୟ । ଅତି ଆପଣାର ମଣିଷଟି ବୋଲି ଦେଇଗଲ ପରିଚୟ । ଫେରିଗଲା ଦିନୁ ମାଟି ମଣିଷର, ମୁହଁରୁ ଲିଭିଛି ହସ । ଗୁହାରି କରୁଛି ବାର ବାର ତୁମେ, ଏ ମାଟିକୁ ଫେରିଆସ । ଅତି ଆପଣାର ମଣିଷଟି ବୋଲି, ଦେଇଥିଲ ପରିଚୟ । ତୁମ ପାଦତଳେ ଢ଼ାଳି ଦେଇ ଅଞ୍ଜୁ ଏହି ଫୁଲ ଏହି ଲୁହ ।'


ଆବାହକ, ଓଡ଼ିଶା ବାୟା ଚଢ଼େଇ ସୁରକ୍ଷା ଅଭିଯାନ, ନିଆଳୀ, କଟକ, ଦୂରଭାଷ : ୯୯୩୭୭୬୨୧୮୭



**ମହାଭାରତ**

# ରାଇଜ କଥା

**ଆଖି ଦେଖୁଥା କାନ ଶୁଣୁଥା**
**ପ୍ରତିଟି ଖବରରେ ଟଳୁଛି ମଥା**






## ହାଇସ୍କର କାଟିଲା କିଏ ? ଚିନ୍ତାରେ ତାଳଦା ଦୀପାଞ୍ଚଳବାସୀ



ଅସ୍ତରଙ୍ଗ, (ମହାଭାରତ): ଅସ୍ତରଙ୍ଗ ଅଞ୍ଚଳ ତାଳଦା ଦୀପାଞ୍ଚଳ ଏକ ବନ୍ୟା ପ୍ରପୀଡ଼ିତ ପଞ୍ଚାୟତ, ଜଗତସିଂହପୁର ଜିଲ୍ଲା ଓ ପୁରୀ ଜିଲ୍ଲା ର କିଛି ଅଞ୍ଚଳ ଏହି ଦ୍ୱୀପ ମଝିରେ ଅବସ୍ଥାନ। ବର୍ଷା ଦିନ ଆସିଗଲେ ଏହି ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଯାଏ। ମହାନଦୀର ବନ୍ୟା ଜଳ ଯେଉଁ ସମୟ ରେ ଦେବୀ ନଦୀ ରେ ପ୍ରବେଶ କରେ ସେହି ସମୟ ରେ ବିରାଟ ବିରାଟ ଘାଇ ସୃଷ୍ଟି ହେବା ସହିତ ଏହି ଅଞ୍ଚଳ ର କୃଷି ଓ ଧନ ଜୀବନ ଉପରେ ବିଶେଷ ପ୍ରଭାବ ପକାଏ। ଏହାକୁ ଦୃଷ୍ଟି ରେ ରଖି ରାଜ୍ୟ ସରକାରଙ୍କ ତରଫରୁ ହାରାହାରି ୧୦କୋଟିରୁ ଉର୍ଦ୍ଧ ଟଙ୍କାରେ ସ୍କର ନିର୍ମାଣ କରିବାକୁ ଯୋଜନା ହୋଇଛି। କିନ୍ତୁ ଏହି ସ୍କର ଗୁଡିକ ଶକ୍ତିଶାଳୀ ପଥର ଓ ବନ୍ଧ ସହିତ ସଂଲଗ୍ନ ହେବା କଥା। ଏହିପରି ସ୍କର ଟିର ନିର୍ମାଣ ହେଲେ ଆଗାମୀ ଦିନ ରେ ବଡ଼ ବଡ ବନ୍ୟା ଜଳ ର ଗତିପଥ କୁ ନିଶ୍ଚିନ୍ତ ରୂପେ ଅଙ୍କୁଶ ଲଗାଯାଇ ପାରିବ।ଆଉ ଆଗଭଳି ବନ୍ୟା ଯୋଗୁ ତାଳଦା ଦୀପାଞ୍ଚଳ ବାସୀ ବିଶେଷ ପ୍ରଭାବିତ ହେବେ ନାହି। ଜଗତସିଂହପୁର ଜଳସେଚନ ବିଭାଗ ତରଫରୁ ନିର୍ମାଣ କରାଯାଉଥିବା ସ୍କର କୁ କୌଣସି କାରଣ ରୁ ଅଧାରୁ କାଟି ଦିଆଯାଇଛି। ଯାହାର କାରଣ ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଥିବା ବେଳେ ଅଞ୍ଚଳ ବାସୀ ବର୍ତ୍ତମାନ ଭୟଭୀତ ଅବସ୍ଥାରେ ରହିଛନ୍ତି। ଯାହାକୁ ନେଇ ତାଳଦା ପଞ୍ଚାୟତ ର ରଘୁନାଥ ନାୟକ, କାଙ୍ଗାଳି ନାୟକ ଓ ଅନ୍ୟ ବୁଦ୍ଧିଜୀବୀ ମାନେ ଅଭିଯୋଗ ଆଣିଛନ୍ତି। ତୁରନ୍ତ ନିର୍ମାଣ ଧୀନ ସ୍କରକୁ ବନ୍ଧ ସମାନରେ ହାଇସ୍କର କରି ନିର୍ମାଣ ନକଲେ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିବା ସହିତ ଜଳସେଚନ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେବେ ।

## ମହିଳା ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦଘାଟିତ



ହାଟଡିହି, (ମହାଭାରତ): ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳର ୩୭ ନମ୍ବର ଜୋନରେ ମହିଳା ମାନଙ୍କୁ ବିଜୁ ଜନତା କାର୍ଯ୍ୟାଳୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟାଳୟ କୁ ବିଜୁ ଜନତା ଦଳର ପାର୍ଥୀ ଅଭିମନ୍ୟୁ ସେଠୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ସାମିଲ ହୋଇ ବିଜୁ ଜନତା ଦଳ କୁ ସମୃଦ୍ଧ କରିବାକୁ ଏକ ହୋଇ କାର୍ଯ୍ୟ କରିବେ ବୋଲି ନିଷ୍ପତି ନେଇଥିଲେ ଏହି ମହିଳା ମାନଙ୍କ ମଧ୍ୟରେ ବିଷ୍ଣୁପ୍ରିୟା ବେହେରା, ପୁଷ୍ପଲତା ନାୟକ, ଟିକିଲି ରାଉତ, କବିତା ରାଣୀ ବେହେରା, ସ୍ୱର୍ଣ୍ଣପ୍ରଭା ଦାସ, ନୟନା ନନ୍ଦ, ମଞ୍ଜୁଳା ଜେନା, ସ୍ୱର୍ଣ୍ଣଲତା କାଣ୍ଡି, ଲକ୍ଷ୍ମୀପ୍ରିୟା ପତି, ରଶ୍ମି ରେଖା ପତି, ନିରୁପମା ସା, ସଂଯୁକ୍ତା ନାୟକ, ପ୍ରଣତି କାଣ୍ଡି ପୁଷ୍ପା ଜେନା, ଇତିଶ୍ରୀ ନାୟକ କୁମୁଦ୍ରି ଜେନାଙ୍କ ସହ ଉକ୍ତ ପଞ୍ଚାୟତ ର ଅନେକ ମହିଳା ମାନେ ଯୋଗ ଦେଇ ଆଗାମୀ ଦିନରେ ବିଜୁ ଜନତା ଦଳକୁ ଅଧିକରୁ ଅଧିକ ଭୋଟ ଦେଇ ଜିତାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

## ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ପ୍ରଚାର ମଇଦାନରେ ଗୋବର୍ଦ୍ଧନ



ହିନ୍ଦୋଳ, (ମହାଭାରତ): ଆଉ ଅଳ୍ପ କିଛି ଦିନ ପରେ ସାଧାରଣ ନିର୍ବାଚନ। ନିର୍ବାଚନକୁ ଆଖି ଆଗରେ ରଖି ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଗାଁ ଗାଁରେ ବିଜେଡ଼ି, ବିଜେପି ଏବଂ କଂଗ୍ରେସ୍ ପକ୍ଷରୁ ଜୋରଦାର ପ୍ରଚାର ପ୍ରସାର ଆରମ୍ଭ କରିଦେଲେଣି। ତାହାରି ଭିତରେ କଂଗ୍ରେସ୍ ବିଧାୟକ ପ୍ରାର୍ଥୀ ତଥା ଯୁବ ଇଞ୍ଜିନିୟର ଗୋବର୍ଦ୍ଧନ ଶେଖର ନାୟକ ମଧ୍ୟ ବାଦ୍ ପଡିନାହାନ୍ତି। ତେବେ ଆଜି ଜାମ୍ବୁଚକଡ଼ା, ଖରଡାଳି, ବାଉଁଶପୋଖରୀ, କନ୍ତାମିଲା କଂଶରା ଆଦି ବିଭିନ୍ନ ସ୍ଥାନରେ କଂଗ୍ରେସ୍ ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଶେଖରଙ୍କ ଜୋରଦାର ପ୍ରଚାର ପ୍ରସାର ଦେଖିବାକୁ ମିଳିଛି। ସ୍ଥାନୀୟ କଳକାରଖାନା,ବେକାରୀ ଏବଂ ଦରଦାମ୍ ବୃଦ୍ଧିକୁ ମୁଦା କରି ଲୋକମାନଙ୍କ ନିକଟରେ ପହଞ୍ଚୁଛନ୍ତି ଯୁବ ଇଞ୍ଜିନିୟର ଗୋବର୍ଦ୍ଧନ। ରାହୁଲ ଗାନ୍ଧୀଙ୍କ ଭରତଯୋଡ ଯାତ୍ରା ଏବଂ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଦ୍ୱାରା ଅନୁପ୍ରାଣିତ ହୋଇ ଯୁବବର୍ଗ, କୃଷକବର୍ଗ ତଥା ମହିଳା ବର୍ଗ ମାନଙ୍କ ମଧ୍ୟରେ ତୀବ୍ର ପରିବର୍ତ୍ତନର ସ୍ୱର୍ ଉଠିଛି ବୋଲି କହିଛନ୍ତି ଗୋବର୍ଦ୍ଧନ। ତେବେ ଚଳିତ ସାଧାରଣ ନିର୍ବାଚନରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ କଂଗେସ ଉପରେ ଲୋକମାନଙ୍କର ଆସ୍ଥା ପ୍ରକଟ ହେବ ଏବଂ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ବିଜୟ ହେବ ବୋଲି ଆଶା ବାନ୍ଧିଛନ୍ତି ଗୋବର୍ଦ୍ଧନ।

## ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

### ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

ପାରାଦ୍ୱୀପ, (ମହାଭାରତ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ତା-୧୩.୦୫.୨୦୨୪ ରିଖ ରେ ପ୍ରକାଶିତ ହୋଇଅଛି । ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ର ଛାତ୍ରଛାତ୍ରୀ ମାନେ ପୂର୍ବବର୍ଷମାନଙ୍କ ପରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଏବଂ ଶତ ପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଦଶମ ଶ୍ରେଣୀର ୮୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୩ ଜଣ ଛାତ୍ରଛାତ୍ରୀ ୯୦% ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ୩୫ ଜଣ ଛାତ୍ରଛାତ୍ରୀ ୮୦% ରୁ ଅଧିକ ଓ ୫୬ ଜଣ ଛାତ୍ରଛାତ୍ରୀ ୭୦% ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଅରୋଶିଖା ପ୍ରିୟଦର୍ଶିନୀ ସର୍ବାଧିକ ୯୭% ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଗତି ଦାସ ୯୬.୪% ଓ ଆର୍ଯ୍ୟନ ଜେନା ୯୫.୨% ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଖ୍ୟାତି ବଢ଼ାଇଛନ୍ତି।



ଗଣିତରେ ଏକାଧିକ ଛାତ୍ରଛାତ୍ରୀ ପୂର୍ଣ୍ଣସଂଖ୍ୟା ୧୦୦ ନମ୍ବର ଲେଖାଏଁ ରଖିଛନ୍ତି ଓ ବିଦ୍ୟାଳୟର ଏହି ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ ନିମନ୍ତେ ଅଧକ୍ଷା ବିନ୍ଦୁଶ୍ରୀ ମହାନ୍ତି ସନ୍ତୋଷ ପ୍ରକାଶ କରିବା ସହିତ କୃତି ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର ଏହି ଉଲ୍ଲେଖନୀୟ ସଫଳତାରେ ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ. ସି. ଶତପଥୀ ଓ ଆଞ୍ଚଳିକ ଉପ ନିର୍ଦ୍ଦେଶିକା ଡ. ସୁଜାତା ସାହୁ ଶୁଭେଚ୍ଛା ଜଣାଇଛନ୍ତି ।

## ବାଲକାଟିରେ ସ୍ୱାଧୀନ ପ୍ରାର୍ଥୀ ସତ୍ୟପ୍ରିୟଙ୍କ ଜୋରଦାର ପ୍ରଚାର



ବାଲିପାଟଣା, (ମହାଭାରତ): ବାଲକାଟି ପ୍ରତାପ ଶାସନ ପଞ୍ଚାୟତ ଅଞ୍ଚଳରେ ଆଜି ଅପରାହ୍ନରେ ସ୍ୱାଧୀନ ପ୍ରାର୍ଥୀ ସତ୍ୟପ୍ରିୟ ବେହେରା ନିଜ ସମର୍ଥିତ କର୍ମୀ ଏବଂ ସମର୍ଥକଙ୍କ ସହିତ ଆଖି ଦୃଶିଆ ପ୍ରଚାର କରିଥିଲେ। ସତ୍ୟପ୍ରିୟ ଫାଣ୍ଡି ଛକ ସ୍ଥିତ ସଙ୍ଗୀତ ସୁଧାକର ବାଲକୃଷ୍ଣ ଦାଶଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଚାର ଆରମ୍ଭ କରିଥିଲେ। ପ୍ରଥମେ ସାପ୍ତାହିକ ହାଟ ବ୍ୟବସାୟୀଙ୍କୁ ଭେଟି ଜୟଦେବର ସ୍ୱାଭିମାନ ଦୃଷ୍ଟିରୁ ତାଙ୍କର କେଟିଲ ଚିହ୍ନରେ ଭୋଟ ଦେବାକୁ କହି ପ୍ରଚାର କରିଥିଲେ। ପୁରୁଣା ଫାଣ୍ଡି ଛକ, ମେଡିକାଲ ଛକ, ସାଇଫନ ଛକ, ପୁରୀ କେନାଲ ବନ୍ଧ ଛକ, ଷ୍ଟେଟ ବ୍ୟାଙ୍କ ଛକ ଏବଂ ରଥିଜେମା ଅଞ୍ଚଳରେ ଭୋଟ ପ୍ରଚାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ନିଶିକାନ୍ତ ପଣ୍ଡାଙ୍କ ସମେତ ସତ୍ୟଭାମାପୁର ପୂର୍ବତନ ସମିତି ସଭ୍ୟ ସନତ ସ୍ୱାଇଁ, ଭରତ ଚନ୍ଦ୍ର ବେହେରା, ସୁଶାନ୍ତ ସ୍ୱାଇଁ ଏବଂ ଅନ୍ୟ ବଳିଷ୍ଠ କାର୍ଯ୍ୟ କର୍ତ୍ତା ପ୍ରମୁଖ ସାମିଲ ଥିଲେ।

## ସାଧାରଣ ଓ ପୁଲିସ ପର୍ଯ୍ୟବେକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ



କେନ୍ଦୁଝର, (ମହାଭାରତ): ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧକ୍ଷତାରେ କେନ୍ଦୁଝର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଆଶିଷ ମୋଦି, ମିନହାଜ ଆଲାମ ଓ ପୋଲିସ ପର୍ଯ୍ୟବେକ୍ଷକ ରୁପିନ୍ଦର ସିଂହ ଜିଲ୍ଲାରେ ନିର୍ବାଚନ ପରିଚାଳନା ନିମନ୍ତେ ନିଯୁକ୍ତ ବିଭିନ୍ନ ନୋଡାଲ ଅଫିସରଙ୍କ ମାନଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟକାରୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଆଇଏଏସ ପ୍ରୋବେସନର ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଙ୍ଗ ଅଫିସର ଓ ଜିଲ୍ଲା ନିର୍ବାଚନ ପରିଚାଳନା ନିମନ୍ତେ ନିଯୁକ୍ତ ପ୍ରମୁଖ ନୋଡ଼ାଲ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ସିବିଏସଇ ପରୀକ୍ଷାରେ ରିଫାଇନେରୀ ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା




ପାରାଦୀପ, (ମହାଭାରତ): ସଦ୍ୟ ପ୍ରକାଶିତ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ବାର୍ଷିକ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳରେ ଡିପିଏସ ପାରାଦୀପ ରିଫାଇନେରି ସ୍କୁଲର ଛାତ୍ରଛାତ୍ରୀମାନେ ପୂର୍ବବର୍ଷ ମାନଙ୍କ ପରି ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ କରିଛନ୍ତି । ଦଶମ ଶ୍ରେଣୀରେ ୭ ଜଣ ୯୫%ରୁ ଅଧ?କ ଏବଂ ୩୦ ଜଣ ୯୦% ରୁ ଅଧିକ ନମ୍ବର ରଖିଛନ୍ତି । ଅନୁଷ୍କା ଖଣ୍ଡେଲୱାଲ ୯୯.୮% ନମ୍ବର ରଖି ସ୍କୁଲ ଓ ରାଜ୍ୟ ସ୍ତରରେ ଟପ୍ପର ହୋଇଥିବା ବେଳେ ଆଦିତି ତିୱାରୀ ୯୮% ଓ ଡି.ଢିପିଥା ୯୭% ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ୩ଟି ସ୍ଥାନ ହାସଲ କରିଛନ୍ତି । ବିଜ୍ଞାନ, ସାମାଜିକ ବିଜ୍ଞାନ, ଗଣିତ ଓ ସଂସ୍କୃତରେ ଏକାଧିକ ଛାତ୍ରଛାତ୍ରୀ ପୂର୍ଣ୍ଣ ସଂଖ୍ୟା ୧୦୦ ନମ୍ବର ଲେଖାଏଁ ରଖିଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନ ବିଭାଗରେ ୪ ଜଣ ୯୫%ରୁ ଅଧିକ, ୧୦ ଜଣ ୯୦%ରୁ ଉର୍ଦ୍ଧ୍ୱ ଓ ୨୧ଜଣ ୮୦%ରୁ ଅଧିକ ନମ୍ବର ରଖୁଛନ୍ତି । ସୁଚିସ୍ମିତା ବେହେରା ୯୭.୨%, ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ବାଣିଜ୍ୟ ବିଭାଗରେ ଶ୍ରେୟା ନାୟକ ୮୮୬ % ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଛନ୍ତି ଏବଂ କଳା ବିଭାଗରେ ଭି. ଶ୍ରିବିଧା ୯୨.୮% ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଛନ୍ତି । ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ଯଗ୍ନେଶ୍ୱର ବୋରା ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ, ଆଇଓସିଏଲ ମ୍ୟାନେଜମେଣ୍ଟ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବିଜେପିର କାର୍ଯ୍ୟକର୍ତ୍ତା କର୍ମଶାଳା ଏବଂ ମିଶ୍ରଣ ପର୍ବ



କେନ୍ଦୁଝର, (ମହାଭାରତ): କେନ୍ଦୁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖେଣ୍ଡେରା ଗ୍ରାମପଞ୍ଚାୟତର ସିଆଳଯୋଡ଼ା ଗ୍ରାମରେ ଗୁମୁରା ମଣ୍ଡଳ ଦ୍ୱାରା ଅୟୋଜିତ ହୋଇଥିବା କାର୍ଯ୍ୟକର୍ତ୍ତା କର୍ମଶାଳା ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ଅତିଥି ଭାବେ ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ସାହିତ କରିବାସହିତ ଡବଲ ଇଞ୍ଜିନ ସରକାର କରିବା ପାଇଁ ଘରେ ଘରେ ଯାଇ ଭୋଟର୍ସ ମାନଙ୍କୁ ବାର୍ତ୍ତା ଦେବା ପାଇଁ କହିଥିଲେ। ଏହି ମିଶ୍ରଣ ପର୍ବରେ ପାଖାପାଖି ୩୦୦ରୁ ଉର୍ଦ୍ଧ ବିଭିନ୍ନ ରାଜନୈତିକ ଦଳର କର୍ମୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟାଧାରାରେ ଅନୁପ୍ରାଣିତ ହୋଇ ବିଜେପିକୁ ସମର୍ଥନ ଜଣାଇ ଦଳ ରେ ଯୋଗଦେଇଥିବା କହିଛନ୍ତି। ଏହି ନବାଗତ ନେତା ମାନେ ଓଡିଶାରେ ବିଜେପିର ସରକାର ଗଢିବା ସହିତ ତୃତୀୟ ଥର ପାଇଁ କେନ୍ଦ୍ର ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ରେ ବିଜେପିର ସରକାର ଗଢିବା ଉଦେଶ୍ୟରେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ଥିବା ଉଲେଖ୍ୟ କରିଛନ୍ତି। କାର୍ଯ୍ୟକ୍ରମ ରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଗୁମୁରା ମଣ୍ଡଳ ସଭାପତି ସୁନିଲ ମହାନ୍ତ, ଝୁମ୍ପୁରା ମଣ୍ଡଳ ସଭାପତି ମହେନ୍ଦ୍ର ପଟ୍ଟନାୟକ, ବୁଥ ଇନଚାର୍ଜ ବୃନ୍ଦାବନ ମହାନ୍ତ, ପୂର୍ବତନ ସରପଞ୍ଚ ଚିକିନା ନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା ପଞ୍ଚାନନ ସାହୁ, ମନରଞ୍ଜନ ମହାନ୍ତ, ମଳୟ ରଞ୍ଜନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

## କାର୍ଯ୍ୟାନୁଷ୍ଠାନ ଦାବୀ କରି ମୁଖ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରସ୍ଥ ହେଲା ବିଜେପି



ଧାମରା, (ମହାଭାରତ): ଚାନ୍ଦବାଲି ବ୍ଲକ ପ୍ରଶାସନର କାର୍ଯ୍ୟଶୈଳୀ ଚରମସୀମାରେ ପହଂଚିଥିବା ବେଳେ ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ବ୍ଲକ ପ୍ରଶାସନ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନ କୌଣସି ନିର୍ଣ୍ଣାୟକ ଭୂମିକା ନେଉ ନଥିବାରୁ ଏହାର ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରି ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଦାବୀ ପତ୍ର ପ୍ରଦାନ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବୀ ଜଣାଇଛନ୍ତି। ଚାନ୍ଦବାଲି ବ୍ଲକରେ କାର୍ଯ୍ୟରତ ଜିଆରଏସ ରୀତାରାଣୀ ମୁଦୁଲି ଗୋପିନାଥପୁର ପଂଚାୟତରେ ୧୦ଜଣ ନାବାଳକ ଏବଂ ନାବାଳିକା ଛାତ୍ରଛାତ୍ରୀଙ୍କର ବୟସ ବଢ଼ାଇ ମନରେଗା କାର୍ଯ୍ୟର ମଷ୍ଟରରୋଲରେ ୮୩ହଜାର ୯୪୪ଟଙ୍କା ତୋଷାରପାତ କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ସଂପକ୍ତ ଜିଆରଏସଙ୍କ ଠାରୁ ଟଙ୍କା ଫେରସ ନିଆଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ସଂପୃକ୍ତ ଜିଆରଏସ ଙ୍କ କାର୍ଯ୍ୟରୁ ନିଲମ୍ବନ କରାଯାଇନାହିଁ।ଏଥିପାଇଁ ଭଦ୍ରକ ଜିଲ୍ଲାପାଳ ତାଙ୍କୁ ସୁରକ୍ଷା ଦେଉଛନ୍ତି। ତୁରନ୍ତ ସଂପୃକ୍ତ ଜିଆରଏସ ରୀତାରାଣି ମୁଦୁଲିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଆଜି ବିଜେପିର ଏକ ପ୍ରତିନିଧି ଦଳ ଭରବଙ୍କନଶ୍ୱର ଠାରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଏକ ଦାବୀପତ୍ର ଦେବା ସହ ତୁରନ୍ତ ସଂପୃକ୍ତ ଜିଆରଏସ ରୀତାରାଣୀ ମୁଦୁଲିଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବାକୁ ଦାବୀ ଜଣାଇଥିଲେ। ଆଜି ଏହି ପ୍ରତିନିଧି ଦଳରେ ବିଜେପିର ନିର୍ବାଚନ ସଂଯୋଜକ ଜୟନ୍ତ ଜେନା, ତୃପ୍ତିମୟୀ ମକଦମ,ବିଶ୍ୱଜିତ ସ୍ୱାଇଁ, ଶରତ ସେନାପତି ହିମାଂଶୁ ଶେଖର ନାୟକ, ପ୍ରକାଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ମୋଟର ସାଇକେଲ୍ ଶୋଭାଯାତ୍ରାରେ କଂଗ୍ରେସ ପ୍ରାର୍ଥୀ

ବାଙ୍କୀ, (ମହାଭାରତ): ବାଙ୍କୀ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ଲଢୁଥିବା କଂଗ୍ରେସ ପ୍ରାର୍ଥୀ ଡକ୍ଟର ଦେବାଶିଷ ପଟ୍ଟନାୟକ ରଗଡି ପଂଚାୟତରେ ମୋଟର ସାଇକେଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହିତ ଘରକୁ ଘର ବୁଲି କଂଗ୍ରେସ ଦଳକୁ ହାତ ଚିହ୍ନରେ ଭୋଟ ଦେବାପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସୀତ ବରଣ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଘନଶ୍ୟାମ ମହାନ୍ତି ପ୍ରଭୃତି ସାମିଲ୍ ହୋଇଥିଲେ । ଯୁବନେତା ଆଶିଷ ମହାପାତ୍ରଙ୍କ ନେତୃତ୍ୱରେ ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି ବାଙ୍କୀ ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକର ମୁଣ୍ଡଳୀ ଗ୍ରାମ ପଂଚାତୟ, ନରାଜ ଗ୍ରାମପଂଚାୟତ, ରାମଦାସପୁର ଗ୍ରାମପଂଚାୟତରେ କଂଗ୍ରେସ ପ୍ରାର୍ଥୀ ଡକ୍ଟର ଦେବାଶିଷ ପଟ୍ଟନାୟକ ମୋଟର ସାଇକେଲ୍ ଶୋଭାଯାତ୍ରାରେ ଯାଇ ଘରକୁ ଘର ବୁଲି ଭୋଟ ପ୍ରଚାର କରିଥିଲେ।

## ସୋଲାର୍ ପ୍ରକଳ୍ପ ଅଚଳ ପରେ ପୋଖରୀ ଭରସା :

# ବର୍ଷ ପରେ ବର୍ଷ ବିତୁଛି, ଜଳସଙ୍କଟ ପିଛା ଛାଡୁନି

ନୟାଗଡ଼, ( ମହାଭାରତ ) : ପିଇବା ପାଣିର ଅଭାବ ଏବେ ନୟାଗଡ଼ ଅଞ୍ଚଳରେ ଜଳ ଜଳ ଦିଶୁଛି। ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପଛପଟ ଲେଖନପୁରବାସୀ ଏବେ ପାଣି ପାଇଁ ନାହିଁ ନଥିବା ହନ୍ତସନ୍ତ ହେଉଛନ୍ତି। ପ୍ରାୟ ୪ ବର୍ଷ ହେଲା ଗାଁକୁ ଜଳଯୋଗାଣ ପାଇଁ ପାଇପ୍ ଲାଇନ୍ ବିଛାଯାଇ ଓଭରହେଡ୍ ଟାଙ୍କି ମଧ୍ୟ ନିର୍ମାଣ କରାଯାଇଛି। ମାତ୍ର ସେଥିରେ ଆଜି ପର୍ଯ୍ୟନ୍ତ ପାଣି ଟୋପାଏ ଆସିନି। ଲୋକ ମାନଙ୍କ ସମସ୍ୟାକୁ ଦେଖି ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ସୋଲାର୍ ପ୍ରକଳ୍ପ ଜରିଆରେ ପାଣି ଯୋଗାଣ କରାଯାଉଥିଲା। ମାତ୍ର ପାଞ୍ଚ ଦିନ ହେଲା ଏହି ପ୍ରକଳ୍ପ ମଧ୍ୟ ଅଚଳ ହୋଇପଡ଼ିଛି। ଫଳରେ ଲେଖନପୁର ବାସୀଙ୍କ ଚିନ୍ତା ବଢ଼ିଯାଇଛି। ଏ ସମ୍ପର୍କରେ ସେମାନେ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଗାଁରେ ୧୫୦ ପରିବାରର ୭୦୦ ଲୋକ ବାସ କରନ୍ତି। ପାନୀୟ ଜଳ ନିମନ୍ତେ ସୋଲାର୍ ଡୁଆଲ୍ ପମ୍ପୁଟି ବାରମ୍ବାର ଅଚଳ ହୋଇପଡୁଛି। ସୋଲାର ଡୁଆଲ୍ ପର ମରାମତି ତଥା ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉନଥିବା ଅଭିଯୋଗ ହୋଇଛି। ଖୋଦ୍ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପଛପଟେ ଥିବା ଗାଁର ଅବସ୍ଥା ଯଦି ଏମିତି, ଅନ୍ୟ ଅଞ୍ଚଳ ଗୁଡ଼ିକରେ ଅବସ୍ଥା କେମିତି ହୋଇଥିବ ତାହା ସହଜରେ ଅନୁମେୟ ଗ୍ରୀଷ୍ମ ପୂର୍ବରୁ ପାନୀୟ ଜଳର ଯେପରି କୌଣସି ସମସ୍ୟା ରହିବ ନାହିଁ, ଏ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଘନଘନ ବୈଠକ କରାଯାଉଛି। ମାତ୍ର ଫଳ ଯାହାକୁ ସେୟା ଜିଲ୍ଲାର ଲେଖନପୁର ଏହାର ହେଉଛି ଏକ ଜ୍ୱଳନ୍ତ ଉଦାହରଣ ସେହିଭଳି ଭାପୁର ବ୍ଲକ୍ର ବିଜିପୁର, ଫତେଗଡ଼, ରାକମା, ଭାପୁର, ପୋଡ଼ାସାହି, ତଳମାଲା, ମାଧପୁର, ପଥରଚକଡ଼ା ଭଳି ଏକାଧିକ ଗାଁରେ ସ୍ଥିତି ଅତ୍ୟନ୍ତ ସଙ୍ଗୀନ ପାଣିରେ ବହୁଳ ମାତ୍ରାରେ ଫ୍ଲୋରାଇଡ୍ ଓ ଆଇରନ୍ ଆସିବା ଯୋଗୁ ଲୋକମାନଙ୍କ ଦାନ୍ତ ଖରାପ ହେବା ସହ କିଡ୍ନି ରୋଗ ବ୍ୟାପୁଥିବା ଅଭିଯୋଗ ହେଉଛି। ସେହିପରି ରଣପୁର ବ୍ଲକ୍ର ବାଉଁଶଗଡ଼ ପଞ୍ଚାୟତର ନୂଆସାହି ଗାଁ, ତାଳକଣି ପଞ୍ଚାୟତର ନରସିଂହପୁର ଓ ଏନ୍ଏସି ୱାର୍ଡ-୧୫ର ମାଥାପଦର ଅଞ୍ଚଳରୁ ମଧ୍ୟ ସମାନ ଅଭିଯୋଗ ଆସୁଛି। ଗଣିଆ ବ୍ଲକ୍ରେ ଦଶିପୁର, ଡଙ୍କାରିସାହି, ଛାମୁଣ୍ଡିଆ, ରାଇଗାଡ଼ିଆ, ରାଜିଙ୍ଗି ଓ ଧୋବାବୋରୋଇ ଆଦି ଗାଁରେ ପାଣି ପାଇଁ କିଡ୍ନି ରୋଗ ବ୍ୟାପୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ପକ୍ଷରୁ ସୂଚନା ମିଳିଛି କି ଆଜି ଗ୍ରାମବାସୀ ଅଚଳ ସୋଲାର୍ ପ୍ରକଳ୍ପ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ଆସନ୍ତାକାଲି ଏହାର ମରାମତି କରାଯିବା ଜିଲ୍ଲାରେ ଯେଉଁଠି ବି ନଳକୂପ ଓ ସୋଲାର୍ ପ୍ରକଳ୍ପ ଅଚଳ ହେଉଥିବା ଅଭିଯୋଗ ଆସୁଛି, ତୁରନ୍ତ ଏହାର ମରାମତି କରାଯାଉଥିବା ସୂଚନା ମିଳିଛି।



## ସାହାରପଡା ବ୍ଲକ ୫ଟି ପଞ୍ଚାୟତ ରେ ବିଜେଡି ପକ୍ଷରୁ ର୍ନିବାଚନୀ ସଭା ଅନୁଷ୍ଠିତ



କେନ୍ଦୁଝର:-(ମହାଭାରତ) ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଦିନ କେନ୍ଦୁଝର ଜିଲ୍ଲା ପାଟଣା ର୍ନିବାଚନ ମଣ୍ଡଳୀର ସ୍ୱାହାରପଡା ବ୍ଲକ୍ ର ୫ ଟି ପଞ୍ଚାୟତ ଉଦୟପୁର, ସିଲିପଦା, ବଡ଼ବିଲ, ତେଣ୍ଡରା ଓ କପୁଣ୍ଡି ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ର୍ନିବାଚନ ସଭାରେ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ଯୋଗ ଦେଇ ରାଜ୍ୟ ର ବିଜୁ ଜନତା ଦଳର ସରକାର ଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ବାସୀ ଙ୍କ ପାଇଁ ଦେଇଥିବା ଇସ୍ତାହାର ବିଷୟରେ କହିବା ସହ ଆଗାମୀ ର୍ନିବାଚନରେ ଯୋଡ଼ି ଶଙ୍ଖ ରେ ଭୋଟ ପ୍ରଦାନ କରି ବିଧାୟକ ଏବଂ ସାଂସଦ ଙ୍କୁ ବିପୁଳ ବିଜୟ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆର୍ଶିବାଦ ଦେବା ପାଇଁ ଆହ୍ୱାନ ଦେଇଥିଲେ।

## ଆନନ୍ଦପୁର ର୍ନିବାଚନ ମଣ୍ଡଳୀରେ ୩୭ ନମ୍ବର ଜୋନ ରେ ବିଜୁ ଜନତା ଦଳର ପ୍ରଚାର ଜୋରଦାର



ଆନନ୍ଦପୁର ର୍ନିବାଚନ ମଣ୍ଡଳୀର ପ୍ରଚାର ଜୋରଦାର ବିଜୁ ଜନତା ଦଳ ପକ୍ଷରୁ ନୂଆ ମୁହଁ କୁ ସମସ୍ତେ ଚାହୁଁ ଥିବା ବେଳେ ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ଲୋକଙ୍କ କଥା ରେ ବିଶ୍ୱାସ ରଖି ନୂଆ ମୁହଁ କୁ ଦଳ ପ୍ରାର୍ଥୀ କରି ବିଜୁ ଜନତା ଦଳ କୁ ଆଶୀର୍ବାଦ ଦେବାକୁ ଆହ୍ୱାନ କରିଛନ୍ତି। ସମସ୍ତ ସଂଗଠକ ଏକ ହୋଇ ଦଳ ରେ କାମ କରୁଛନ୍ତ। ଏହି ର୍ନିବାଚନୀ ରେ ଦଳ ଅଭିମନ୍ୟୁ ସେଠୀ ଙ୍କୁ ପ୍ରାର୍ଥୀ କରିଥିବା ରୁ ସମସ୍ତ ଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ଯାହାକୁ ନେଇ ଆଗାମୀ ସାଧାରଣ ର୍ନିବାଚନ କର୍ମୀ ମାନେ ଯୁବ ବର୍ଗ, ମହିଳା ମାନଙ୍କ ସହୋଜୋଗ ରେ ର୍ନିବାଚନୀ ବୈତରଣୀ କୁ ପାର ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥର ଯୁବକ ମାନେ ଅଭିମନ୍ୟୁ ସେଠୀ ଙ୍କ ପାଇଁ ପ୍ରତି ଦିନ ଗାଁ ଗାଁ କୁ ଯାଇ ଦଳ ର ବିକାଶ ଯୋଜନା କୁ ଲୋକଙ୍କୁ ବେଶ ବୁଝାଉଛନ୍ତି। ମହିଳା ସଶକ୍ତିକରଣ ଦ୍ୱାରା ମାଆ ମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି, ନୂଆ ଓ କାର୍ଯ୍ୟକ୍ରମ ଦ୍ୱାରା ପିଲା ମାନେ ତାଙ୍କର କଳା କୌଶଳ ପ୍ରଦର୍ଶନ କରି ଆଗକୁ ବଢ଼ିବାରେ ବିଜୁ ଜନତା ଦଳର ସରକାର ସାହାଯ୍ୟ କରୁଛି ବୋଲି ଲୋକଙ୍କୁ ବୁଝାଇ ଭୋଟ ଭିକ୍ଷା କରୁ ଛନ୍ତି। ଆଜିର ମାରାଥନ ପ୍ରଚାର ରେ ୩୭ ନମ୍ବର ଜୋନ ରୁ ଶାଳନିଆ ର ବୀରେନ ବିଶ୍ୱାଳଯୋଗେନ୍ଦ୍ର ବେହେରା,ଅମରେନ୍ଦ୍ର ଧଳ ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ,ବିଜୁ ଜନତା ଦଳର କର୍ମୀ ରଞ୍ଜନ ପହି,ପତି ଦେଓ,ସୁରେନ୍ଦ୍ର କାଣ୍ଡି ,ଆନନ୍ଦ ଚରଣ ମହାନ୍ତିବରଦା ପ୍ରସନ୍ତ ନାୟକ,ଗଦାଧର ଦାସ,ଯୁଗଳ କିଶୋର ଦାସ ରମା କାନ୍ତ ନାୟକ,ତାରିଣୀ ସେନାପତି,ଅଭିଜିତ ସେନାପତି, ଅନ୍ତରଜାମି ଖଣ୍ଡେଇ,ଧବଳେଶ୍ୱର ପଟ୍ଟନାୟକ ,ରତ୍ନାକର ବିଶ୍ୱାଳଜଗବନ୍ଧୁ କାଣ୍ଡି ଅରୁଣ ସା ଙ୍କ ଅନେକ ଯୁବ ବିଜୁ ଜନତା ଦଳର କର୍ମୀ ମାନେ ସାମିଲ ହୋଇଥିଲେ।।

## ସରିଲା ପ୍ରଥମ ପର୍ଯ୍ୟାୟ ମତଦାନ

ବିଷମକଟକ(ମହାଭାରତ): ରାୟଗଡା ଜିଲ୍ଲା ବିଷମ କଟକ ର୍ନିବାଚନ ମଣ୍ଡଳୀ ରେ ଶାନ୍ତି ଶୃଙ୍ଖଳା ର ସହ ସରିଛି ଭୋଟ୍ ଗ୍ରହଣ । ସୋମବାର ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଥିଲା। ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟିଂ ସମୟ ଥିଲା ବେଳେ କିଛି ବୁଥ୍ ରେ ସନ୍ଧ୍ୟା ସାତଟା ଯାଏ ଭୋଟିଂ ଚାଲୁ ରହିଥିଲା । ବିଷମ କଟକ ର୍ନିବାଚନ ମଣ୍ଡଳୀ ରେ ମୋଟ ୨୯୩ ଟି ବୁଥ୍ କରାଯାଇଥିଲା । ଗୋଟିଏ ଦୁଇଟି ବୁଥ ରେ ଇଭିଏମ ଅଚଳ ହୋଇଥିବା ବେଳେ ତୁରନ୍ତ ବଦଳାଇ ଭୋଟ୍ ଗ୍ରହଣ କରାଯାଇଥିଲା । ବିଷମ କଟକ ର୍ନିବାଚନ ମଣ୍ଡଳୀ ରେ ମୋଟ ୭୭.୯୩ ପ୍ରତିଶତ ଭୋଟ୍ ପଡିଥିଲା । ଏହି ଆସନ ପାଇଁ ଚାରିଟି ବ୍ଲକ୍ ବିଷମ କଟକ, କଲ୍ୟାଣସିଂହପୁର, କୋଲନରା ଓ ମୁନିଗୁଡ଼ା ବ୍ଲକ୍ ମୋଟ ୮ ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ରେ ସିଲ ହୋଇଛି । ବୁଥ ମାନଙ୍କରେ ଇଭିଏମ୍ ସିଲ୍ ହୋଇ ସେଗୁଡ଼ିକ କଡ଼ା ସୁରକ୍ଷାରେ ରାୟଗଡ଼ା ଜିସିଡି ହାଇସ୍କୁଲରେ ରହିଥିବା ଷ୍ଟ୍ରଙ୍ଗରୁମ୍ ଆଣି ରଖାଯାଇଛି ।ସେଠାରେ ସିସିଟିଭି ସହ ପୁଲିସ ସୁରକ୍ଷା କଡାକଡି କରାଯାଇଛି । ଆସନ୍ତା ଜୁନ ୪ ରେ ଭୋଟ୍ ଗଣତି ହେବ।




## କରଞ୍ଜିଆ ନିର୍ବାଚନ ମଣ୍ଡଳୀର ୯ଟି ପଞ୍ଚାୟତରେ ମନ୍ତ୍ରୀ ବାସନ୍ତୀଙ୍କ ମାରାଥନ ପ୍ରଚାର



କପ୍ତିପଦା -(ମହାଭାରତ ): କପ୍ତିପଦା - କରଞ୍ଜିଆ ର୍ନିବାଚନ ମଣ୍ଡଳୀରେ ଆସନ୍ତା ୨୫ତାରିଖରେ ଭୋଟଗ୍ରହଣ ହେବାକୁ ଥିବାବେଳେ ମଙ୍ଗଳବାର ଦିନ କପ୍ତିପଦା ବ୍ଲକର ୯ଗୋଟି ପଞ୍ଚାୟତ ଯଥା ଲାବଣ୍ୟଦେଇପୁର,ଦେବାନାହାଳି, ରାଣୀପୋଖରୀ, ଶରତ, ସରଡିହା, ନୋଟ, କଳମଗଡିଆ, ରାମଚନ୍ଦ୍ରପୁର ଓ ପଦ୍ମପୋଖରୀ ପଞ୍ଚାୟତରେ ମନ୍ତ୍ରୀ ବାସନ୍ତୀ ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି,ଏହି ପ୍ରଚାରରେ ଶହଶହ ସଂଖ୍ୟାରେ ଲୋକ ଯୋଗଦେଇ ବିଜେଡିର ଜୟଧ୍ୱନି ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କପ୍ତିପଦା ବ୍ଲକ ଚେୟାରମ୍ୟାନ କାହ୍ନୁଚରଣ ସରେନ,ମୟୂରଭଞ୍ଜ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ବିପିନସିଂବଦ୍ରା,ଶରତ ସରପଞ୍ଚ ପଦ୍ମାବତୀ ସିଂ,କପ୍ତିପଦା ବ୍ଲକର କରଞ୍ଜିଆ ର୍ନିବାଚନ ମଣ୍ଡଳୀର ସଂଯୋଜକ ଅମିୟ କୁମାର ବଳ,ଜିଲ୍ଲା ପରିଷଦ ସଭ୍ୟ ମାକୁସିଂ,ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକାରି ଯୋଜନା ମାଧ୍ୟମରେ ପ୍ରଚାର ପ୍ରସାର କରିଥିଲେ,୨୦୧୯ର୍ନିବାଚନରେ ୯ପଞ୍ଚାୟତର ଭୋଟର ବିପୁଳ ସଂଖ୍ୟାରେ ଭୋଟଦେଇ ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମଙ୍କୁ ଜୟଯୁକ୍ତ କରାଇ ଥିଲେ।

## ଜିଲାସ୍ତରୀୟ କାରିଗର ସମାବେଶ, ହସ୍ତଶିଳ୍ପୀ ଓ ବୁଣାକାରଙ୍କ ମଧ୍ୟରେ ଏକତା ବିଷୟରେ ଆଲୋଚନା

ଫୁଲବାଣୀ:କନ୍ଧମାଳ ଜିଲା ଫିରିଙ୍ଗିଆ ଠାରେ ଥିବା ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ କନ୍ଧମାଳ ଜିଲା କାରିଗର ମହାସଂଘର ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଗତ ଫେବୃୟାରୀ ୧୪ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଘୋଷଣା କରାଯାଇଛି। ଯାହାକି ରାଜ୍ୟର ଲକ୍ଷ ଲକ୍ଷ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳାଇ ଦେଇଛି । ରାଜ୍ୟ ସରକାରଙ୍କ ଏହି ଘୋଷଣାକୁ ଐତିହାସିକ ବୋଲି ଶିଳ୍ପୀ ମହାସଂଘ କହିଛି । ମହାସଂଘର ଦୀର୍ଘଦିନର ଆନ୍ଦୋଳନ ପରେ ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଏଭଳି ଏକ ସତନ୍ତ୍ର ଭେଟି ଦେଇଥିବାରୁ ଓଡିଶା ଶିଳ୍ପୀ ମହାସଂଘ ଫିରିଙ୍ଗିଆଠାରେ ଆୟୋଜିତ ଯାଜପୁର ଜିଲା ହସ୍ତଶିଳ୍ପୀ ଓ ବୁଣାକାର ସମାବେଶରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛି ।ସୂଚନା ଥାଉକି, ଗତ ୨୦୧୯ ମସିହା ମାର୍ଚ୍ଚ ମାସ ୫ ତାରିଖରେ ଓଡିଶା ଶିଳ୍ପୀ ମହାସଂଘର ବାରମ୍ବାର ଅନୁରୋଧ ପରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପାଇଁ ମାସିକ ଆର୍ଥିକ ସହାୟତା କଥା ଘୋଷଣା କରିଥିଲେ । ବିଡମ୍ବନାର ବିଷୟ ରାଜ୍ୟ ସରକାରଙ୍କ ଏହି ଘୋଷଣା କାଯ୍ୟକାରୀ ହୋଇ ପାରିନଥିଲା । ହତୋତ୍ସାହ ନହୋଇ ଓଡିଶା ଶିଳ୍ପୀ ମହାସଂଘ ଦୀର୍ଘ ୫ ବର୍ଷ ଧରି ଧାରଣା, ସମାବେଶ ଓ ପତ୍ରାଳାପ ମାଧ୍ୟମରେ ସରକାରଙ୍କୁ ଏହି ଘୋଷଣା କାଯ୍ୟକାରୀ କରିବାକୁ ଦାବୀ ଜଣାଇ ଆସୁଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ଓଡିଶା ଶିଳ୍ପୀ ମହାସଂଘର ଅନୁରୋଧ ରକ୍ଷା କରିଥିଲେ ଓ ଗତ ୧୪ ତାରିଖରେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପାଇଁ ମାମିକ ଆର୍ଥିକ ସହାୟତା ଯୋଜନା ଭଳି ଏକ ବଡ ଉପହାର ଭେଟି ଦେଇଥିଲେ । ଏହି ଯୋଜନା ଅଧୀନରେ ଉଭୟ ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ହସ୍ତଶିଳ୍ପୀ ଏବଂ ବୁଣାକାରଙ୍କୁ ମାସିକ ଆର୍ଥିକ ସହାୟତା ବାବଦକୁ ୨୦୦୦ ଟଙ୍କା ପ୍ରଦାନ କରାଯିବ । ସେହିଭଳି ୮୦ ବର୍ଷରୁ ଅଧିକ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ମାସିକ ୨୫୦୦ଟଙ୍କା ପ୍ରଦାନ କରାଯିବ । ବର୍ଷକୁ ଏକ ଲକ୍ଷ ଟଙ୍କାରୁ କମ ଆୟ କରୁଥିବା ଆର୍ଥିକ ଭାବେ ଦୁର୍ବଳ ବୁଣାକାର ଓ ହସ୍ତଶିଳ୍ପୀଙ୍କ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ଅଟେ । ଖାଲି ସେତିକି ନୁହେଁ, ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବିକାଶ ପାଇଁ ଶିଳ୍ପୀ ମହାସଂଘର ଅନୁରୋଧ କ୍ରମେ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ଗଠନ, ପରିଷଦ ପାଇଁ ଖଣ୍ଡଗିରି ନିକଟରେ ସତନ୍ତ୍ର କାର୍ଯ୍ୟାଳୟର ଉଦଘାଟନ, ମଞ୍ଚେଶ୍ୱର ଉଭୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପାଇଁ ରହଣୀସ୍ଥଳ ବ୍ୟବସ୍ଥା, ହସ୍ତଶିଳ୍ପୀଙ୍କ ବିକାଶ ପାଇଁ ସମସ୍ତ ଜିଲ୍ଲାରେ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଖୋଲାଯିବା ଆଦି ଏକ୍ଷେତ୍ରର ଗୋଟିଏ ଗୋଟିଏ ମାଇଲଖୁଣ୍ଟ ସଦୃଶ । ଏସବୁ କାରିଗର ଓ ବୁଣାକାରଙ୍କ ଏକତା ପାଇଁ ସମ୍ଭବ ହୋଇପାରିଛି ବୋଲି ଓଡିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି କହିଥିଲେ।

## ଡମ୍ବରୁଗଡ ନିକଟରେ ଟ୍ରାକ୍ଟର ଚାପାରେ ନାବାଳକର ମୃତ୍ୟୁ

ବାଉଁଶୁଣୀ: ବାଉଁଶୁଣୀ ଥାନା ଡମ୍ବରୁଗଡ ନିକଟରେ ଟ୍ରାକ୍ଟର ଚାପାରେ ଗୁରୁତର ନାବାଳକର ଚିକିତ୍ସାଧିନ ଅବସ୍ଥାରେ ବାଉଁଶୁଣୀ ଡାକ୍ତରଖାନାରେ ମୃତ୍ୟୁ ହୋଇ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ମଧ୍ୟାହ୍ନ ସମୟରେ ଡମ୍ବରୁଗଡ ଗ୍ରାମର ଜଣେ ୧୬ ବର୍ଷୀୟ ବାଳକ କବୀର ସେଠୀ ସାଙ୍ଗ ମାନଙ୍କ ସହିତ ମହାନଦୀକୁ ସାଇକେଲ ଯୋଗେ ଗାଧୋଇବା ପାଇଁ ଯାଉଥିବା ବେଳେ ମହାନଦୀକୁ ବାଲି ଆଣିବାକୁ ଯାଉଥିବା ଏକ ଟ୍ରାକ୍ଟରରେ ଅଧା ବାଟରୁ ବସିଥିଲେ । ଟ୍ରାକ୍ଟରରେ ଯାଉଥିବା ବେଳେ ସେ ଖସିପଡିଥିଲେ ଓ ତାଙ୍କ ଉପରେ ଟ୍ରାକ୍ଟର ଚକ ଚଢିଯିବା ଫଳରେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଓ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇ ଯାଇଥିବା ସୂଚନା ମିଳିଛି।

## ନାମାଙ୍କନ ଭରିଲେ ଉଦଳା ଜେଏମଏମ ଏବଂ ଦୁଇ ସ୍ୱାଧୀନ ପ୍ରାର୍ଥୀ

ଉଦଳା,(ମହାଭାରତ):ନାମାଙ୍କନର ଶେଷ ଦିନରେ ଶେଷ ମୂହୂର୍ତ୍ତରେ ଉଦଳାରେ ନାମାଙ୍କନ ଭରିଲେ ଜେଏମଏମ ଏବଂ ଦୁଇ ସ୍ୱାଧୀନ ପ୍ରାର୍ଥୀ । ଶେଷ ମୂହୂର୍ତ୍ତରେ ଏକ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ପରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପହଂଚିଥିଲେ ଜେଏମଏମ ପ୍ରାର୍ଥୀ । ଜେଏମଏମ ପ୍ରାର୍ଥୀ ଚକ୍ରଧର ସିଂ ନିଜର ସମର୍ଥକମାନଙ୍କ ଗହଣରେ ଆସି ନାମାଙ୍କନ ଭରିଥିଲେ । ନାମାଙ୍କନ ଭରିବା ସହିତ ଆଗାମୀ ଦିନରେ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେପି ଏବଂ ବିଜେଡିକୁ ଲୋକେ ପ୍ରତ୍ୟାଖ୍ୟାନ କରି ଜେଏମଏମକୁ ଅଧିକ ସମର୍ଥନ ମିଳିବ ବୋଲି କହିଛନ୍ତି ଜେଏମଏମର ବିଧାୟକ ପ୍ରାର୍ଥୀ ଚକ୍ରଧର ସିଂ । ସେହିପରି ଶେଷ ମୂହୂର୍ତ୍ତରେ ଦୁଇ ପ୍ରମୁଖ ରାଜନୈତିକ ଦଳର ଅସନ୍ତୁଷ୍ଟ ଆଶାୟୀମାନେ ମଧ୍ୟ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଛନ୍ତି । ବିଜେପିର ଆଶାୟୀ ପ୍ରାର୍ଥୀ ଥିବା ଅସନ୍ତୁଷ୍ଟ କଲ୍ଲୋଳ ରଞ୍ଜନ ସିଂ ଏବଂ ବିଜେଡି ଦଳର ଅସନ୍ତୁଷ୍ଟ ଆଶାୟୀ ପ୍ରାର୍ଥୀ ମନୋରଞ୍ଜନ ମଲ୍ଲିକ ମଧ୍ୟ ଶେଷ ମୂହୂର୍ତ୍ତରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି । ଦଳ ପାଇଁ କାମ କରୁଥିବା ବେଳେ ଅସନ୍ତୁଷ୍ଟ ହୋଇ ଦଳରୁ ସୁଯୋଗ ନ ମିଳିବାରୁ ଶେଷରେ ଆଜି ଦୁଇ ପ୍ରାର୍ଥୀ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଛନ୍ତି ।

## ୩୦ କେଜି ଗଞ୍ଜେଇ ସହ ବାଇକ୍ ଜବତ, ୨ଜଣ ଗିରଫ

ବାଉଁଶୁଣି: ବୌଦ୍ଧ ଜିଲା ବାଉଁଶୁଣି ପୁଲିସ ପକ୍ଷରୁ ଚଢାଉ କରାଯାଇ ଗଞ୍ଜେଇ ସହ ବାଇକ୍ ଜବତ କରି ୨ ଅଭିଯୁକ୍ତକୁ ଗିରଫ କରିଥିବା ଜଣା ପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଉଁଶୁଣି ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳଙ୍କ ନେତୃତ୍ୱରେ ବାଉଁଶୁଣି ଥାନାର ଏକ ଟିମ୍ ଆଜି ଜୁରାମୁଣ୍ଡା ଗ୍ରାମ୍ୟ ରାସ୍ତା ରେଳ ଧାରଣା ନିକଟରେ ଚଢ଼ାଉ କରି ଏକ ବାଇକରେ ୨ଜଣ ବ୍ୟକ୍ତି ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଉକ୍ତ ବାଇକକୁ ଅଟକାଇ ତନଖି କରିଥିଲେ। ତନଖି ପରେ ବାଇକରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ ।ବାଇକ ସହ ଗଞ୍ଜେଇ ଜବ୍ଦ କରିଥିବା ବେଳେ ଘଟଣାରେ ସଂପୃକ୍ତ ଥିବା ୨ ଜଣ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ସେମାନଙ୍କୁ ଗିରଫ କରିଥିଲେ। ଜବତ ଗଞ୍ଜେଇର ପରିମାଣ ୩୦କେଜି ୩ଶହ ଗ୍ରାମ ହୋଇଥିବା ଜଣା ପଡ଼ିଛି। ଅଭିଯୁକ୍ତମାନେ ହେଲେ ତାଳପଡ଼ା ଗ୍ରାମର ରାଜକୁମାର୍ ଉର୍ମା (୨୪) ଓ ବହିରା ଗ୍ରାମର ପ୍ରକାଶ କଳତା (୩୦) ବୋଲି ବିଭାଗ ପକ୍ଷରୁ ଜଣା ପଡ଼ିଛି।

## ଆଲମଣ୍ଡ ସକ୍ରିୟ ଏବଂ କର୍ମତତ୍ପର ରଖିପାରିବ

**ଭୁବନେଶ୍ୱର,୧୪।୫ :** ଭାରତରେ ଆଗେଇ ଚାଲିଥିବା ସାଧାରଣ ନିର୍ବାଚନ ପର୍ବ, ଯାହା ଅପ୍ରେଲ ୧୯ରୁ ଆରମ୍ଭ ହୋଇଛି ଏବଂ ଜୁନ ୧ ପର୍ଯ୍ୟନ୍ତ ଚାଲିବ ଏହାରି ଭିତରେ ରାଜନୈତିକ ଦଳର ସମସ୍ତ କର୍ମକ□ା ପଦାକୁ ବାହାରିଛନ୍ତି। ଏହି ଧକାଧକି ମଧ୍ୟରେ ଆଲମଣ୍ଡ ଏକ ପ୍ରମୁଖ ଉତ୍ସ ତଥା ସବୁ ପୋଷଣଗୁଡ଼ିକୁ ଧରି ରଖିବାରେ ନିଜକୁ ଆଗକୁ ଆଣିପାରିଛି ଯାହାକି ସେହି କାର୍ଯ୍ୟକ□ା ମାନଙ୍କୁ ସାରା ଦିନ ସ୍ଫୁ□, ଚଳଚଞ୍ଚଳତା ଏବଂ କର୍ମତତ୍ପରତା ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ହାତମୁଠାଏ ଆଲମଣ୍ଡ ଅତି ସହଜ ଭାବରେ ଧରା ଯାଇ ଏହାକୁ ଏସବୁ କାର୍ଯ୍ୟକ୍ରମରେ ଯିବା ସମୟରେ ସହଜରେ ଖାଇ ହୋଇଥାଏ। ଏଭଳି ଏକ ନିର୍ବାଚନୀ ଧାରାର ବ୍ୟସ୍ତବହୁଳତା ମଧ୍ୟରେ ନିଜକୁ ଚଳଚଞ୍ଚଳ, କର୍ମତତ୍ପର, ସ୍ଫୁ□ ସର୍ବୋପରି ନିରୋଗ ରଖିବା ପାଇଁ ଆଲମଣ୍ଡ ଭଳି ଗୋଟିଏ ଅବିଶ୍ୱସନୀୟ ସୁବିଧାଜନକ ପୌଷ୍ଟିକ ସମାଧାନକାରୀ ତତ୍ତ୍ୱ ଉପରେ ନିଶ୍ଚିତ ଭାବରେ ଭରସା ରଖିବା ଏକାନ୍ତ ଆବଶ୍ୟକ। ଏଥିରେ ନିଜ ମତ ପ୍ରକାଶ କରି ରିତିକା ସମାଦ୍ଦାର, ଆଞ୍ଚଳିକ ମୁଖ୍ୟ ଡ଼ାଇଟେଟିକ୍ସ ମ୍ୟାକ୍ସ ହେଲ୍ଥକେୟାର, ନୂଆଦିଲ୍ଲୀ କହିଛନ୍ତି,“ ଏହି ନିର୍ବାଚନୀ ବ୍ୟସ୍ତବହୁଳ ସଂଘର୍ଷପୂର୍ଣ୍ଣ ସମୟ ମଧ୍ୟରେ ଉଚ୍ଚଶକ୍ତି ତଥା କର୍ମତତ୍ପରତା ପରିଚାଳନା କରିବା ସବୁଠାରୁ ପ୍ରାଥମିକ କାର୍ଯ୍ୟ ହୋଇପାରିଛି। ଅନୁକୂଳତମ ପ୍ରାକୃତିକ ଏବଂ ଶରୀର ପୋଷଣକାରୀ ଶକ୍ତି ସ୍ତର ତଥା ଶରୀରକୁ ମୋଟାମୋଟି ଭାବରେ ନିରୋଗତା ପ୍ରଦାନ କରିବା ପାଇଁ ଆଲମଣ୍ଡରେ ଭରି ରହିଛି ଭିଟାମିନ୍ ଇ, ପ୍ରୋଟିନ୍ ତଥା ମାଗ୍ନେସିୟମ ଭଳି ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତାର ବିଶେଷ ଗୁଣ।”

## ହାଟଡିହି ଅବକାରୀ ଥାନା ଦ୍ୱାରା ଦେଶୀ ମୁହୁଲି ପୋଚ ନଷ୍ଟ।



ହାଟଡିହି(ମହାଭାରତ): ଆଜି ହାଟଡିହି ଅବକାରୀ ବିଭାଗ ଦ୍ୱାରା ସୋସ ଥାନା ଅଧୀନ ଢେଙ୍କା , ଡଙ୍ଗା ଚୁଆ, ଅନ୍ଧାରି ଆଦି ସ୍ଥାନ ରୁ ବେଆଇନି ଭାବେ ଦେଶୀ ମଦ ତିଆରି କରା ଯାଉଥିବା ସ୍ଥାନ ଗୁଡ଼ିକ ରୁ ମହୁଲି ପୋଚ ନଷ୍ଟ କରାଯାଉଛି। ଏହି ପୋଚ ନଷ୍ଟ ସମୟରେ ଆନନ୍ଦପୁର ଉପଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ନନ୍ଦିପଦା ଥାନାଏସାଇ ରୋହିତ ରାଜ ହାଟଡିହି ଅବକାରୀ ଥାନା ଅଧିକାରୀଣି ସ୍ମିତା ବେହେରା, ସୁଶାନ୍ତ ରାଉତ, ନିବେଦିତା ମାଝୀ, ସୁରେଶ ବେହେରା ପ୍ରମୁଖ ରହିଥିଲେ।

## କିଡ୍ନୀ ରୋଗରେ ପୀଡିତ ଦୋଳଗୋବିନ୍ଦ ସହାୟତା ପାଇଁ ଆକୁଳ ନିବେଦନ



କଣ୍ଟାପଡ଼ା (ମହାଭାରତ) : କିଏ ଟଙ୍କା ଗଦା ଉପରେ ଶୋଉଛି ତ ଆଉ କିଏ ଅର୍ଥ ଅଭାବରୁ ଜୀବନ ସହ ସଂଗ୍ରାମ କରୁଛି । ଇଏ ହେଉଛି ସ୍ୱାର୍ଥପର ଦୁନିଆରେ ଦଇବର ବିଚିତ୍ର ଲୀଳା । ଦୁର୍ଦ୍ଦିନରେ କଟୁଛି ପରିବାର ଜୀବନ ଯ ସେମିତି ଜଣେ ଅସହାୟ ବ୍ୟକ୍ତି ହେଉଛନ୍ତି କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ଅଧିନରେ ଥିବା ବାଗଲପୁର ପଞ୍ଚାୟତ ଦାମୋଦରପୁର ଗ୍ରାମର ୨୭ ବର୍ଷର ଦୋଳଗୋବିନ୍ଦ ବେହେରା। ଦିନେ ଦୋଳ ଗୋବିନ୍ଦ ଡ୍ରାଇଭିଂ କରି ରୋଜଗାର କରି ଘର ଚଳଉଥିଲେ । ବାପା ,ମାଆ, ସ୍ତ୍ରୀ ଓ ୫ ବର୍ଷର ଝିଅକୁ ନେଇ ହସଖୁସିରେ ଚାଲିଥିଲା ଅଭାବୀ ସଂସାର । ଘରେ ସେ ଏକା ରୋଜଗାରିଆ ଥିଲେ। ହେଲେ ଦିନେ ଦୁଃଖର ପାହାଡ ତାଙ୍କ ଉପରେ ଛିଡିପଡିଲା । କିଛି ବର୍ଷ ତଳେ ଶୀତଦିନ ଖରାରେ ବାହାରେ ସୋଇଥିଲା ବେଳେ ହଠାତ୍ ତାଙ୍କୁ ଫିଡସ୍ ରୋଗ ଆକ୍ରାନ୍ତ ହୋଇ ଅଚେତ ହୋଇଥିଲେ ଦୋଳ ଗୋବିନ୍ଦ। ପରେ ତାଙ୍କୁ ସ୍ଥାନୀୟ ସରକାରୀ ଗୋଷ୍ଠୀ କେନ୍ଦ୍ରକୁ ନେଇଥିଲେ ପରିବାର ଲୋକ ତାପରେ କଟକ ବଡ଼ ମେଡିକାଲ୍ କୁ ସ୍ଥାନାନ୍ତରିତ କରିଥିଲେ ସ୍ଥାନୀୟ ଗୋଷ୍ଠି ସେବା କେନ୍ଦ୍ର । ୨ ଦିନ ଚେତା ଶୂନ୍ୟ ହେବା ପରେ ତୃତୀୟ ଦିନ ଚେତା ଫେରିଥିଲା ଦୋଳ ଗୋବିନ୍ଦଙ୍କର। ସବୁ ପରୀକ୍ଷା ପରେ ଜଣା ପଡିଲା ଯେ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି ଦୋଳଗୋବିନ୍ଦ। ଈଝକଣ କାର୍ଡରେ ଚିକିତ୍ସିତ ହେଉଥିଲେ ବି ଆଗକୁ ଚିକିତ୍ସା ପାଇଁ ବାଧକ ସାଜୁଛି ଅର୍ଥ । ଦୁଇଟି କିଡନୀ ଖରାପ୍ ହେଲା ପରେ ଥରେ ଡ଼ାଇଲାସିଶ ବାବଦରେ ୩ ହଜାର ଟଙ୍କା ଖର୍ଚ୍ଚ ହେଉଛି ଆଉ ଯାହା ଟଙ୍କା ଅଛି କାର୍ଡରେ ତାହା ଏଇ ମେ ମାସରେ ସରିବ। ସରିଯିବା ପରେ ଆଉ ୩ ମାସ କିପରି ତାଙ୍କର ହେବ ସେଇ ଚିନ୍ତାରେ ପଡ଼ିଛନ୍ତି ପରିବାର ଲୋକ ।ସେପଟେ ଅଲିଅଳି ପୁଅକୁ ଏଭଳି ଅବସ୍ଥାରେ ଦେଖି ମାଆ ବାପାଙ୍କ ହୃଦୟ ସବୁବେଳେ କାନ୍ଦୁଛି । ସେ କୌଣସି ପୁଅକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ସେହିପରି ଦୋଳ ଗୋବିନ୍ଦଙ୍କ ସ୍ତ୍ରୀ କ୍ଷୀଣ ପ୍ରଭା ବେହେରା ନିଜ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ସବୁ ସମ୍ଭବ ଚେଷ୍ଟା କରୁଛନ୍ତି ।ଦୈନନ୍ଦିନ ସ୍ୱାମୀଙ୍କୁ ନିଜେ ବୋହି ଡାକ୍ତରଖାନା ନେବା ଆଣିବା କରୁଛନ୍ତି । ସେହିପରି ଆବଶ୍ୟକ ଔଷଧ ଯୋଗାଡ କରିବା ପାଇଁ ସେ ନିତିଦିନ ସଂଘର୍ଷ କରୁଛନ୍ତି ।ତେଣୁ ପୀଡ଼ିତଙ୍କ ସ୍ତ୍ରୀ ସରକାର ଓ ବିଭିନ୍ନ ସଙ୍ଗଠନମାନଙ୍କୁ ସାହାଯ୍ୟ ପାଇଁ ନେହୁରା ହୋଇଛନ୍ତି। ନିମ୍ନରେ ଦିଆ ଯାଇଥିବା ବ୍ୟାଙ୍କ ଅକାଉଣ୍ଟ ଦ୍ୱାରା ନଂ - (+୯୧)୮୦୧୮୧୦୨୬୨୨ ରେ ଦୋଳ ଗୋବିନ୍ଦଙ୍କୁ ସହାଯ୍ୟ କରିପାରିବେ।

# ୫ ଆତଙ୍କବାଦୀ ଲୋକଙ୍କୁ ଖାଦ୍ୟ ମାଗୁଛନ୍ତି: ହାଇ ଆଲର୍ଟରେ ସୁରକ୍ଷା ବାହିନୀ

ଶ୍ରୀନଗର: ଜମ୍ମୁ ଉପକଣ୍ଠରେ ଥିବା ଖେର ପାଲାନୱାଲା ଅଞ୍ଚଳର ଲାଇନ୍ ଅଫ୍ କଣ୍ଟ୍ରୋଲ୍ (ଏଲଓସି) ନିକଟ ଖୁଇ ଗ୍ରାମରୁ ଜଣେ ପାକିସ୍ତାନୀ ଅନୁପ୍ରବେଶକାରୀ ଧରାପଡିଛନ୍ତି। ଜଣାପଡ଼ିଛି କଠୁଆ ଜିଲ୍ଲାର ଅନ୍ତର୍ଜାତୀୟ ସୀମା ନିକଟରେ ବ୍ୟାପକ ସର୍ଚ୍ଚ ଅପରେସନ ପରେ ଏହି ଗିରଫ କରାଯାଇଥିଲା। ଗିରଫ ହୋଇଥିବା ଅନୁପ୍ରବେଶକାରୀଙ୍କୁ କରାଚିର ଜହିର ଖାନ ବୋଲି ଚିହ୍ନଟ କରାଯାଇଛି। ପୋଲିସ ଦଳ ସେ ସନ୍ଦେହଜନକ ଭାବେ ବୁଲୁଥିବା ଦେଖିବାକୁ ପାଇଥିଲେ ଏବଂ ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହି ଅଞ୍ଚଳରେ



୫ ଜଣ ଆତଙ୍କବାଦୀଙ୍କ ସନ୍ଦେହଜନକ ଗତିବିଧି ସମ୍ପର୍କରେ ସୂଚନା ମଧ ମିଳିଛି। ଜାହିର ଖାନ ଦାବି କରିଛନ୍ତି ଯେ ସେ ଜାଣିଶୁଣି ସୀମା ପାର କରିଥିଲେ। ତାଙ୍କୁ ପଚରାଉଚରା ପାଇଁ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଇଥିଲା। ଆଇନର ସମ୍ପୃକ୍ତ ବିଭାଗ ଅଧୀନରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି ଏବଂ ଅଧିକ ତଦନ୍ତ ଚାଲିଛି। ଏକ ପୃଥକ ଘଟଣାରେ କଠୁଆ ଜିଲ୍ଲାର ରାଜବାଗ ଅଞ୍ଚଳର ଜୁଥାନା ଗ୍ରାମରେ ୫ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗ୍ରାମବାସୀ ସୂଚନା ଦେଇଛନ୍ତି। ଖବର ପାଇ ମଙ୍ଗଳବାର ସକାଳେ ପୋଲିସ, ସେନା ଏବଂ ବିଏସଏଫ ଯବାନଙ୍କ ଦ୍ୱାରା ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଆତଙ୍କବାଦ ବିରୋଧୀ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ବିଏସଏଫ ଇନ୍ସପେକ୍ଟର ଜେନେରାଲ ଜମ୍ମୁ ଫ୍ରଣ୍ଟିୟର, ଡି.କେ ବୋରାଙ୍କ ସହ ଜମ୍ମୁ ଜୋନ୍, ଆନନ୍ଦ ଜେନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜିପି) କହିଛନ୍ତି। ଗ୍ରାମବାସୀଙ୍କ କହିବାନୁସାରେ, ସନ୍ଦିଗ୍ଧ ଆତଙ୍କବାଦୀମାନେ ଏକ ଘରେ ପଶି ଖାଦ୍ୟ ମାଗିଥିଲେ। ସୁରକ୍ଷା ବାହିନୀକୁ ସେମାନଙ୍କ ଉପସ୍ଥିତି ବିଷୟରେ ସତର୍କ କରାଯାଇଥିବା ସନ୍ଦେହରେ ସେମାନେ ପରେ ଘଟଣାସ୍ଥଳରୁ ପଳାଇଥିଲେ।

# ରାଜଧାନୀ ଦିଲ୍ଲୀର ୪ଟି ହସ୍ପିଟାଲ୍‌କୁ ମିଳିଲା ବୋମା ଧମକ



ନୂଆଦିଲ୍ଲୀ: ଗତକାଲି ରାଜସ୍ତାନର ୮ଟି ସ୍କୁଲକୁ ବୋମା ଧମକ ମିଳିଥିବା ବେଳେ ଆଜି ରାଜଧାନୀ ଦିଲ୍ଲୀର ଚାରୋଟି ଡାକ୍ତରଖାନାକୁ ବୋମା ଧମକ ମିଳିଛି। ସେହି ହସ୍ପିଟାଲ୍ ୪ଟି ହେଉଛି ଦୀପ ଚାନ୍ଦ ବନ୍ଧୁ ହସ୍ପିଟାଲ, ଜିଟିବି ହସ୍ପିଟାଲ, ଦାଦା ଦେବ ହସ୍ପିଟାଲ, ହେଡଗେୟାର ହସ୍ପିଟାଲ। ଇମେଲ ମାଧମରେ ଏହି ବୋମା ଧମକ ମିଳିଥିବା ସୂଚନା ରହିଛି। ଏ ନେଇ ଦିଲ୍ଲୀ ଅଗ୍ନିଶମ ସେବା କହିଛି ଯେ ବର୍ତ୍ତମାନ ସର୍ଚ୍ଚ ଅପରେସନ ଜାରି ରହିଛି। ଏହି ସମୟରେ ଧମକପୂର୍ଣ୍ଣ ମେଲ କିଏ ଓ କାହିଁକି ପଠାଇଛି ତାହା ଜାଣିବା ପାଇଁ ଦିଲ୍ଲୀ ପୁଲିସ ତଦନ୍ତ ଆରମ୍ଭ କରିଛି। ଜାତୀୟ ରାଜଧାନୀର ଚାରୋଟି ଡାକ୍ତରଖାନାକୁ ପୁଲିସ ଦଳ ପଠାଯାଇଛି। ରବିବାର ଦିନ ଦିଲ୍ଲୀର ୧୦ଟି ଡାକ୍ତରଖାନା ଏବଂ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଇମେଲ ମାଧମରେ ବୋମା ଧମକ ମିଳିଥିଲା। ତେବେ ଏହି ଧମକକୁ ଦିଲ୍ଲୀ ପୁଲିସ ଖାରଜ କରିଦେଇଛି। ମେ ୧ରେ ଦିଲ୍ଲୀ-ଏନସିଆରର ୧୫୦ରୁ ଅଧିକ ବିଦ୍ୟାଳୟକୁ ବୋମା ଧମକ ପଠାଯାଇଥିଲା। ଯାହାପରେ ଏହା ମିଥ୍ୟ ଧମକ ବୋଲି ଜାଣିବାକୁ ମିଳିଥିଲା। ଏହି ଧମକ ପାଇଥିବା ବିଦ୍ୟାଳୟ ମଧରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ (ଡିପିଏସ୍) ଦ୍ୱାରକା ଏବଂ ବସନ୍ତ କୁଞ୍ଜ ୟୁନିଟ୍, ପୂର୍ବ ମୟୂର ବିହାରର ମଦର ମେରି ସ୍କୁଲ୍, ସଂସ୍କୃତ ବିଦ୍ୟାଳୟ, ପୁଷ୍ପ ବିହାରର ଆମିଟି ସ୍କୁଲ୍ ଏବଂ ଦକ୍ଷିଣ ପଶ୍ଚିମ ଦିଲ୍ଲୀର ଡିଏଭି ସ୍କୁଲ୍‌ର ନାମ ରହିଥିଲା। ନୋଏଡା, ଡିପିଏସ୍ ଏବଂ ଆପେଜେ ସ୍କୁଲକୁ ମଧ ସମାନ ଧମକ ଆସିଥିଲା।

# ବାଇକ ସ୍କୁଟି ମୁହାଁ ମୁହିଁ ଧକ୍କା: ୨ ମୃତ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ଘଟଗାଁ ଥାନା ଅନ୍ତର୍ଗତ ସଡ଼ଙ୍ଗବାହାଳି ଗ୍ରାମର ମିତ୍ରଭାନୁ ବେହେରା ବୋଲି ଜଣାପଡିଛି । ଅନ୍ୟ ଜଣେ ସଦର ଥାନା ଅନ୍ତର୍ଗତ ନରଣପୁରସ୍ଥିତ ଗୋପାଳପୁର ଗ୍ରାମର ଯଦୁ ମୁଣ୍ଡା ଜଣାପଡିଛି। ସୂଚନାରୁ ପ୍ରକାଶ ଯଦୁ ମୁଣ୍ଡା ସମ୍ପର୍କୀୟ ଭଉଣୀ ଭବାନୀ ମୁଣ୍ଡା,ଭେଣେଇ ଗୋପବନ୍ଧୁ ମୁଣ୍ଡା,୧ବର୍ଷ ଶିଶୁକନ୍ୟା କୁ ଘଟଗାଁ ଥାନା ଅନ୍ତର୍ଗତ ସଡଙ୍ଗବାହାଳି ସ୍କୁଟି ଯୋଗେ ଆଣିଛଡୁ ଥିବା ସମୟରେ ମିତ୍ରଭାନୁ ବେହେରା ସ୍ତ୍ରୀ ସୁଲେଖା ବେହେରା ମିଶି କୌଣସି କାମରେ ନିଜ ଗ୍ରାମ ତୋଣ୍ଡ ରୁ ଢେଙ୍କିକୋଟ ଅଭିମୁଖେ ଯାଉଥିବା ବେଳେ କପାସପଡା ଛକ ନିକଟ ରେ କପାସପଡା ଛକ ନିକଟରେ ବାଇକ ସହ ସ୍କୁଟି ମୁହାଁ ମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ଯଦୁ ମୁଣ୍ଡାଙ୍କ ମୃତ୍ୟୁ ଘଟି ଥିବା ବେଳେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଁଞ୍ଚି ଉଭୟ ଆହତ ଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରି ଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସାଧିନ ଅବସ୍ଥାରେ ମିତ୍ରଭାନୁ ବେହେରା ଙ୍କ ମୃତ୍ୟୁ ଘଟି ଛି। ସ୍କୁଟି ରେ ଥିବା ସ୍ୱାମୀ ଗୋପବନ୍ଧୁ ,ସ୍ତ୍ରୀ ଭବାନୀ ଙ୍କ ଆସ୍ଥା ଗୁରୁତର ହେବାରୁ ଦୁଇଜଣ ଙ୍କୁ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରିଛନ୍ତି । ଅନ୍ୟ ଜଣେ ଆହତ ସୁଲେଖା ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସିତ ହେଉ ଥିବା ଜଣାପଡିଛି । ଢେଙ୍କିକୋଟ ଫାଣ୍ଡି ରେ ଏକ ମାମଲା ରୁଜୁ କରିବା ସହ ଦୃଘଟଣାର ତଦନ୍ତ ଚଳାଇଛି । ଦୁହିଁଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ରହିଛି।

# ସମର୍ଥକଙ୍କ ଗହଣରେ ଆସି ନାମାଙ୍କନ ପତ୍ର ଦାଖଲ କଲେ ସାରସକଣା ବିଜେଡି ବିଧାୟକ ପ୍ରାର୍ଥୀ

ରାଇରଙ୍ଗପୁର, (ମହାଭାରତ) : ଆଜି ୨୦୨୪ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିବସ ।ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଜେଡି ତରଫରୁ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଏବଂ ସାରସକଣା ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକଙ୍କ ନାମାଙ୍କନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ହଜାର ହଜାର ବିଜେଡି ସମର୍ଥକ, ଯୁବ, ମହିଳା, ଛାତ୍ର, କୃଷକ ବିଶାଳ ପଟୁଆର ଶୋଭାଯାତ୍ରାରେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ଠାରୁ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର ?ୟାଳୟ ପର ?ୟନ୍ତ ଚାଲି ଚାଲି ନିଜର ପ୍ରିୟ ପ୍ରାର୍ଥୀଙ୍କ ଫଟୋ ପ୍ଲାକାର୍ଡ ଧରି ପହଞ୍ଚି ଥିଲେ । ପାରଂପରିକ ବେଶଭୂଷା ପିନ୍ଧି, ଆଦିବାସୀ ନୃତ୍ୟ, ବାଜା, ଢୋଲ, ମାଦଳ ବଜାଇ ଚାଲିଥିଲେ। ପଛରେ ସୁସଜ୍ଜିତ



ରଥରେ ବିଜେଡି ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି ,ରାଇରଙ୍ଗପୁର ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ ଏବଂ ସାରସକଣା ବିଧାୟକ ପ୍ରାର୍ଥୀ ଡାକ୍ତର ଦେବାଶିଷ ମାରାଣ୍ଡି ,ଉପସ୍ଥିତ ରହି ରାଇରଙ୍ଗପୁର ସହର ବାସୀଙ୍କୁ ପ୍ରଣାମ,ଗୁହାରି ଓ ହାତ ହଲାଇ ଶୁଭେଚ୍ଛା ଜଣାଇବା ସହ ଆଶିର୍ବାଦ ଭିକ୍ଷା କରିଥିଲେ । ପରେ ଦୁର୍ଗା ମଣ୍ଡପ ଛକରେ ପ୍ରବାଦ ପୁରୁଷ ବିଜୁପଟନାୟକଙ୍କ ପ୍ରତିମୂର୍ତ୍ତୀରେ ପ୍ରାର୍ଥୀମାନେ ପୁଷ୍ପମାଲ୍ୟ ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ । ପ୍ରାର୍ଥୀଙ୍କ ସହିତ ଷ୍ଟାର ପ୍ରଚାରକ ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଈସାନ ମିଶ୍ର,ଜିଲ୍ଲା ଯୁବ ବିଜେଡ଼ି ସଭାପତି ଅଭିଷେକ ପଟ୍ଟନାୟକ, ମହିଳା ବିଜେଡି ସଭାନେତ୍ରୀ ତନୁଜା ମହାନ୍ତ, ପ୍ରାକ୍ତନ ବିଜୁ ଶକ୍ତି ଉପଦେଷ୍ଟା ଦିପ୍ତୀମାନ ବଳ, ସରକାରୀ ଏପିପି ପଙ୍କଜ ଦାସ, ରାଇରଙ୍ଗପୁର ପୌର ଉପାଧକ୍ଷା ମମିତା ଚୌଧୁରୀ, ଯାମଦା ବ୍ଲକ ଅଧକ୍ଷ ଡୁମୁକା ହେମ୍ବ୍ରମ, ସାରସକଣା ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକ ଏବଂ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀୟ ୪ଟି ବ୍ଲକର ଜନ ପ୍ରତିନିଧି, ବହୁ ନେତୃବୃନ୍ଦ ଓ ସମର୍ଥକ ସାମିଲ ହୋଇଥିଲେ । ବେକରେ ସବୁଜ ରଙ୍ଗର ଶଙ୍ଖ ମାର୍କା ଗାମୁଛା ପକାଇ ଜୟ ନବୀନ, ଜୟ ଶଙ୍ଖ, ଜୟ ଜଗନ୍ନାଥ ଜୟ ବିଜେଡି ନାରାରେ ପ୍ରକମ୍ପିତ ହୋଇଥିଲା ସମଗ୍ର ରାଇରଙ୍ଗପୁର ସହର । ପରେ ସାରସକଣା ବିଧାୟକ ପ୍ରାର୍ଥୀ ଡାକ୍ତର ଦେବାଶିଷ ମାରାଣ୍ଡି ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାଙ୍କ ଠାରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ରାଇରଙ୍ଗପୁର ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ ଉପଜିଲ୍ଲାପାଳ ସରୋଜ ଦାସଙ୍କ ପାଖରେ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

# ସାହାରପଡା ବନପାଳ ଦ୍ୱାରା ଉଦ୍ଧାର ହରିଣର ମୃତ୍ୟୁ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ସାହାରପଡା ବନପାଳ ଅଧିନସ୍ଥ ମଙ୍ଗଳବାର ବେଳସରେଇ ଗ୍ରାମ ରୁ ହରିଣ ଉଦ୍ଧାର କରିଛି । ସୂଚନା ରୁ ପ୍ରକାଶ ସାହାରପଡା ବନପାଳ ବନ କର୍ମଚାରୀ ଦିପକ କୁମାର ରଣା, ପାରା କର୍ମଚାରୀ ବାପି ମାଟିଆ, ନିରଞ୍ଜନ ନାଏକ, ଝାଡେଶ୍ୱର ମହାନ୍ତ ବେଳସରେଇ ଗ୍ରାମ ରୁ ସନ୍ତୋଷ ମହାନ୍ତଙ୍କ ଘରୁ ହରିଣ ଉଦ୍ଧାର କରିଛି । ହରିଣଟି ଆହତ ଥିବାରୁ ବନପାଳ ଦ୍ୱାରା ଚିକିତ୍ସା ଚାଲିଥିବା ସମୟରେ ହରିଣଟି ମୃତ୍ୟୁ ବରଣ କରିଥିବା ବନପାଳର ସୂଚନା ରହିଛି ।

# ବିକାଶର ଲମ୍ବା ତାଲିକା ଧରି ଗାଁ ଗାଁ ରେ ଅରୁଣ

ନୟାଗଡ଼, (ମହାଭାରତ) : ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରଚାରକୁ ବେଳକୁ ବେଳ ଜୋ ?ଦାର୍ କରୁଛି। ବିଜେଡ଼ି ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ଗାଁ ଗାଁ ବୁଲି ନିର୍ବାଚନ ପ୍ରଚାରର ମଙ୍ଗ ସମ୍ଭାଳିଛନ୍ତି। ଆଜି ଅରୁଣ ଗମ୍ଭାରୀଡିହି ପଞ୍ଚାୟତର ଦେଉଳି ଗାଁ ରୁ ପ୍ରଚାର ଆରମ୍ଭ କରି ଇକିରି ପଞ୍ଚାୟତ ନୂଆଗାଁରେ ଶେଷ କରିଛନ୍ତି। ଦେଉଳିରୁ ନୂଆଗାଁ ପର୍ଯ୍ୟନ୍ତ ଯୋଡ଼ି ଶଙ୍ଖରେ ମତଦାନ କରିବାକୁ ଭୋଟର ମାନଙ୍କୁ ନିବେଦନ କରିଛନ୍ତି। ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ଦେଉଳି, ଫାଶିପଡ଼ା, ନନ୍ଦପୁର, ସାମନ୍ତରାପୁର, ଖଇରପଟି, ଆନନ୍ଦାପଲ୍ଲୀ, କେସ୍ତପଡ଼ା, କୋଡ଼ିଏକାହାଣିଆ, ଟାଙ୍ଗୀପାଟଣା, ତେନ୍ତୁଳିଆପଲ୍ଲୀ, ନନ୍ଦିପୁର, ଆଡ଼ବନ୍ଧ ଓ ନୂଆଗାଁ ଆଦି ଗ୍ରାମରେ ପ୍ରଚାର କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ନୟାଗଡ଼ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମରେ ବିକାଶ ଶୀର୍ଷ ସ୍ତରକୁ ଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଦ୍ୱାରା ଜନସାଧାରଣ ଉପକୃତ ହୋଇପାରୁଛନ୍ତି। ବିଜେଡି ସରକାର ଗଠନ କରିଲେ, ପ୍ରଥମ ଦିନରେ ହିଁ ପ୍ରତ୍ୟେକ ଉପଭୋକ୍ତାଙ୍କୁ ଶହେ ୟୁନିଟ୍ ମାଗଣା ବିଜୁଳି ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାସହ ଯୁବବର୍ଗଙ୍କ ପାଇଁ ସ୍ୱତନ୍ତ୍ର ବଜେଟ୍ ସହ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯିବାକୁ ଯୋଜନା ରହିଛି। ୨୦୩୬ ସୁଦ୍ଧା ଓଡ଼ିଶାକୁ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଲାଗି ମୁଖ୍ୟମନ୍ତ୍ରୀ ଅନେକ ଯୋଜନା ପ୍ରସ୍ତୁତ କରିଥିବା ବିଧାୟକ ପ୍ରାର୍ଥୀ ଶ୍ରୀ ସାହୁ କହିଥିଲେ। ପ୍ରଚାର ସମୟରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ପୌରପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ଓ ଜିଲ୍ଲା ପରିଷଦ ସଭ୍ୟ ସରୋଜ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ପାର୍ଥୀପତ୍ର ଦାଖଲ କଲେ ବିଜେଡି ପାର୍ଥିନି ସୁଜାତା ସାହୁ

ଦଶରଥପୁର, (ମହାଭାରତ) : ସାଧାରଣ ନିର୍ବାଚନ ପାଇଁ ଆଜି ପାର୍ଥୀପତ୍ର ଦାଖଲର ଶେଷ ଦିନ ହୋଇଥିବା ବେଳେ ଏହି ପରିପ୍ରେକ୍ଷୀରେ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଯୁଜନତା ଦଳ ପକ୍ଷରୁ ସୁଜାତା ସାହୁ ନିଜର ହଜାର ହଜାର ସମର୍ଥକ ମାନଙ୍କ ସହ ଆଜି ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ସୁଜାତା ସାହୁଙ୍କ ନିଜ ଘର ଦଶରଥପୁର ବ୍ଲକରେ ହୋଇଥିବାରୁ ଦଶରଥପୁର ବ୍ଲକରୁ ଆଜି ହଜାର ହଜାର ସମର୍ଥକ ମାନେ ସୁଜାତାଙ୍କ ପାର୍ଥି ପତ୍ର ଦାଖଲ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ଏହି ପରିପ୍ରେକ୍ଷୀରେ ଯାଜପୁର କାଳିମେଘା ଠାରେ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କର୍ମୀ ମାନଙ୍କୁ ଉଦବୋଧନ ଦେଇ ରାଜ୍ୟରେ ଦୀର୍ଘ ୨୫ ବର୍ଷ ଧରି ବିଜୁ ଜନତା ଦଳ ଶାସନ କରି ଆସିଥିବା ବେଳେ ଯାଜପୁରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଅଗ୍ରାଧିକାର ଦେଇଆସିଛନ୍ତି ବୋଲି କହିବା ସହ ଚଳିତ ନିର୍ବାଚନରେ ବିଜୁ ଜନତା ଦଳ ପ୍ରାର୍ଥୀନୀ ସୁଜାତା ସାହୁ, ସାଂସଦ ପ୍ରାର୍ଥୀନୀ ଶର୍ମିଷ୍ଠା ସେଠି ଉଭୟଙ୍କୁ ଯୋଡି ଶଙ୍ଖ ଚ୍ହିନରେ ବିପୁଳ ବ୍ୟବଧାନରେ ବିଜୟୀ କରିବାକୁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ପରେ ସୁଜାତା କାଳିମେଘା ଠାରୁ ଏକ ବିରାଟ ପଟୁଆରରେ ଗରିଆପୁର, ବଡବଜାର, ମାର୍କେଟ ଛକ ଦେଇ ଜିଲ୍ଲାପାଳ ଅଫିସରେ ପହଁଞ୍ଚିଥିଲେ। ହଜାର ହଜାର ସଂଖ୍ୟାରେ ଛାତ୍ର, ଯୁବକ, ମହିଳା କର୍ମୀ ମାନଙ୍କୁ ନେଇ ବାଜା ବାଣ ରୋଶଣିରେ ଆସି ଉପଜିଲ୍ଲାପାଳଙ୍କ ନିକଟରେ ସୁଜାତା ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ହଜାର ହଜାର କର୍ମୀଙ୍କୁ ଦେଖି ସୁଜାତାଙ୍କ ଆତ୍ମବଳ ବୃଦ୍ଧି ପାଇଥିବା ବେଳେ କର୍ମୀ ମାନେ ବେଶ ଉତ୍ସାହିତ ଥିବାର ଲକ୍ଷ କରାଯାଇଥିଲା । ଆଜିର ଏହି ଶୋଭାଯାତ୍ରାରେ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଯାଜପୁର ପ୍ରାକ୍ତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ବରିଷ୍ଠ ବିଜେଡି ନେତା ବଳଭଦ୍ର ଦାସ, ଦଶରଥପୁର ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ ମହାନ୍ତି, ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ଦଶରଥପୁର ବ୍ଲକ ପ୍ରାକ୍ତନ ଉପାଧକ୍ଷ ରଞ୍ଜନ ପୃଷ୍ଟି, ଜିଲ୍ଲା ପରିଷଦ ସଭ୍ୟ ପାର୍ଥ ସାରଥୀ ମହାପାତ୍ର, କନିକାପଡା ପୂର୍ବତନ ସମିତିସଭ୍ୟ ରାକେଶ କୁମାର ସାହୁ, ଯୁବନେତା ସଞ୍ଜୟ ରାୟ,ଇଂ ତିମିରକାନ୍ତ ସେନାପତି,ଅଜିତ ସାମଲ, ହିମାଂଶୁ ନାୟକଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ସାମିଲ ହୋଇଥିବା ଦେଖିବା ପାଇଁ ମିଳିଥିଲା ।

# ଜମୁଛି ନିର୍ବାଚନ ପ୍ରଚାର ପ୍ରଦୀପ ଓ ମନ୍ମଥଙ୍କ ଜୋନ ସ୍ତରୀୟ ବାଇକ ରାଲି

ବେଗୁନିଆ, (ମହାଭାରତ): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବେଗୁନିଆ ନିର୍ବାଚନ ମଣ୍ଡଳୀରେ ପ୍ରଚାର ମଧ ଜୋରଦାର ଭାବେ ଜମିବାରେ ଲାଗିଛି। ସାଂସଦ ପ୍ରାର୍ଥି ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥି ପ୍ରଦୀପ କୁମାର ସାହୁ ୨୬ ନମ୍ବର ଜୋନର ପ୍ରତ୍ୟେକ ଗ୍ରାମକୁ ବାଇକ ରାଲି ସହ ଯାଇ ବିଜେଡ଼ି ଦଳର ଚିହ୍ନ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଜନ ସାଧାରଣଙ୍କ ପାଖରେ ପହଂଚି ନିବେଦନ କରିଛନ୍ତି। ସୋମବାର ଦିନ ପୂର୍ବାହ୍ନରେ ୨୨ ନମ୍ବର ଜୋନର ସାରୁଅ, ବାଘମାରୀ, ସିମୋର, ବଡ ବେରଣା, ପୋଡ଼ାଡିହ, ପଙ୍ଗାରସିଂହ ଓ କଣ୍ଟାବାଡ ଆଦି ପଂଚାୟତର ପ୍ରତ୍ୟେକ ଗ୍ରାମରେ ବିଜେଡ଼ି ଦଳର ସମର୍ଥକ ଓ କର୍ମୀମାନେ ମନ୍ମଥ ଓ ପ୍ରଦୀପଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟ ହାସଲ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଏଥିରେ ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ସମାଜସେବୀ ସୁଶାନ୍ତ କୁମାର ମହାପାତ୍ରଙ୍କ ସମେତ ସରପଂଚ/ସମିତି ସଭ୍ୟ ମାନେ ଯୋଗ ଦେଇଥିଲେ ।

# ଡକାୟତି ବିଫଳ, ୫ ଗିରଫ

ଅନୁଗୋଳ, (ମହାଭାରତ): ଡକାୟତି ପାଇଁ ଯୋଜନା କରୁଥିବା ବେଳେ ୫ ଡକାୟତଙ୍କୁ ମାଡ଼ି ବସିଲା ଅନୁଗୋଳ ପୁଲିସ । ସେମାନଙ୍କ ନିକଟରୁ ହାତ ତିଆରି ବୋମା ସହ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ କରାଯାଇଛି। ସୂଚନା ଯେ ବିଳମ୍ବିତ ରାତିରେ ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ହାଟ ପଡ଼ିଆରେ ଏକ ଡକାୟତ ଗ୍ୟାଙ୍ଗ କିଛି ଯୋଜନା କରୁଥିବା ଖବର ପାଇଥିଲା ପୁଲିସ । ଖବର ପାଇ ସେହି ସ୍ଥାନକୁ ଘେରାଉ କରି ପୁଲିସ ୫ ଜଣ ଡକାୟତଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୫ ଟି ହାତ ତିଆରି ବୋମା, କଟୁରି ସମେତ ଲୁହା ରଡ଼ ଓ ଛୁରୀ ଜବତ କରା ଯାଇଥିଲା । ପଚରାଉଚରା ବେଳେ ସେମାନେ ରାତିରେ ଯାଉଥିବା ରଡ଼ ବୋଝେଇ ଟ୍ରକ ଲୁଟ କରିବାକୁ ଯୋଜନା କରୁଥିବା ଜଣା ପଡ଼ିଛି । ଗିରଫ ଅଭିଯୁକ୍ତମାନେ ନୂଆହତା ଗ୍ରାମର ରିପନ ବେହେରା, ବବୁଲୁ ବେହେରା, ଦେବଗଡ଼ ଜିଲ୍ଲା କଣ୍ଡୋଳ ଗ୍ରାମର ଅଭୟ କୁମାର ସାହୁ, ଢେଙ୍କାନାଳ ଜିଲ୍ଲା ଝାରବନ୍ଧ ଗ୍ରାମର ଚନ୍ଦନ ସାହୁ ଓ ଗଂଜାମ ଜିଲ୍ଲା ରମ୍ଭା ଅଂଚଳର ବଳରାମ ବେହେରା ବୋଲି ଜଣାପଡିଛି। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ଏକ ବୋଲେରୋ ଗାଡି, ଦାମୀ ମୋବାଇଲ ଓ ଟଙ୍କା ମଧ ଜବତ କରା ଯାଇଛି।

# ନୟାଗଡ଼ ଜିଲ୍ଲାରେ ଧାନ ବିହନ ବିକ୍ରି ପ୍ରକ୍ରିୟା ଆରମ୍ଭ

ନୟାଗଡ଼, (ମହାଭାରତ) : ଆରମ୍ଭ ହେଲା ସରକାରୀ ଧାନ ବିହନ ବିକ୍ରି। ଆଜି ଜିଲ୍ଲା କୃଷି କାର୍ଯ୍ୟାଳୟ ବିହନ ବିଭାଗ ପକ୍ଷରୁ ଏହାକୁ ଡିଲର ମାନଙ୍କ ନିକଟକୁ ପଠାଇ ଦିଆଯାଇଛି। ସେମାନଙ୍କ ଠାରୁ ଚାଷୀମାନେ ନିଜର ଆବଶ୍ୟକତା ଅନୁଯାୟୀ ବିହନ ନେଇପାରିବେ ଏ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। କେଉଁ ବିହନ କେତେ ଟଙ୍କାରେ ବିକ୍ରି ହେବ, କେତେ ରିହାତି ମିଳିବ, ଏ ନେଇ ଏକ ସାରଣୀ ପ୍ରସ୍ତୁତ କରାଯାଇ ଡିଲର ମାନଙ୍କୁ ଦିଆଯାଇଛି। ସୁରୁଖୁରୁରେ ଚାଷୀମାନେ ଯେପରି ବିହନ ପାଇବେ ସେ ନେଇ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଏହାସହ ଏଥର ଏକାଧିକ ନୂଆ କିସମର ଧାନ ବିହନ ଚାଷୀମାନଙ୍କ ପାଇଁ ଅଣାଯାଇଛି। ଜିଲ୍ଲା ବିହନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୩୨ଟି ସମବାୟ ସମିତି ଓ ୭୫ ଜଣ ବେସରକାରୀ ଡିଲ ?ଙ୍କ ଜରିଆରେ ଖରିଫ୍ ଋତୁରେ ୬ ହଜାର କ୍ୱିଣ୍ଟାଲ୍ ବିହନର ଆବଶ୍ୟକ ?ତା ରହିଛି। ବର୍ତ୍ତମାନ ସୁଦ୍ଧା ବିଭାଗ ନିକଟରେ ୫,୫୦୦ କ୍ୱିଣ୍ଟାଲ୍ ବିହନ ମହଜୁଦ୍ ରହିଛି। ବାକି ୫୦୦ କ୍ୱିଣ୍ଟାଲ୍ ଖୁବ୍ ?ଶୀଘ୍ର ଆସିଯିବ ବୋଲି ଜଣାପଡ଼ିଛି। ଚାଷୀ ମାନଙ୍କୁ ନୂଆ ଓ ପୁରୁଣା ଦୁଇ କିସମର ବିହନ ଯୋଗାଇ ଦିଆଯିବ ଚାଷୀମାନେ ସେମାନଙ୍କର ପସନ୍ଦ ଓ ଚାହିଦା ମୁତାବକ ବିହନ କିଣିପାରିବେ ବର୍ତ୍ତମାନ ଚାଷୀମାନଙ୍କ ପାଇଁ ୧୦ ପ୍ରକାର କିସମର ବିହନ ୧୦୦୧, ମସୁରୀ, ପୂଜା, ୧୦୭୫, ସ୍ୱର୍ଣ୍ଣ ସବ୍-୧, ମୃଣାଳିନୀ, କଳାଚମ୍ପା, ହସନ୍ତ, ଶାରଳା ଓ ୧୧୫୩ ଉପଲବ୍ଧ



ରହିଛି। ପୂର୍ବରୁ ୨୦ କେଜି ବସ୍ତାରେ ଏହି ବିହନ ବିକ୍ରି ହେଉଥିଲା। ମାତ୍ର ଚଳିତ ବର୍ଷ ୧୦ କେଜିଆ ବସ୍ତାରେ ଏହି ବିହନ ବିକ୍ରି କରାଯିବ। ଯେଉଁ ଚାଷୀମାନେ ୨୦ କେଜିର ବସ୍ତା କିଣିବାକୁ ସକ୍ଷମ ହୋଇପାରୁନଥିଲେ, ସେମାନେ ବର୍ତ୍ତମାନ ୧୦ କେଜିଆ ବସ୍ତା ବିହନର ଫାଇଦା ନେଇପାରିବେ। ୨୦ କେଜି ବିହନର ଦର ୬୮୭.୪୦ ଟଙ୍କା ରହିଥିବା ବେଳେ ଚାଷୀମାନଙ୍କୁ ନୂଆ କିସମରେ ୩୧୭.୪୦ ଟଙ୍କା ଓ ପୁରୁଣା କିସମରେ ୨୮୭.୪୦ ଟଙ୍କା ରିହାତି ମିଳିପାରିବ। ସେହିପରି ୧୦ କେଜି ବିହନର ଦର ୪୦୭.୪୦ ଟଙ୍କା ରହିଥିବା ବେଳେ ନୂଆ କିସମରେ ୧୬୨.୭୦ ଟଙ୍କା ଓ ପୁରୁଣାରେ ୧୪୭,୭୦ ଟଙ୍କା ରିହାତି ପାଇପାରିବେ ଓ ଚାଷୀମାନେ ଯେତେ ବିହନ ଆବଶ୍ୟକ ନେଇପାରିବେ । ମାତ୍ର ସେମାନଙ୍କୁ କେବଳ ୩ ହେକ୍ଟର ପାଇଁ ଆବଶ୍ୟକ ହେଉଥିବା ୧.୫ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ବିହନ ରିହାତିରେ ମିଳିପାରିବ। ମରୁଡ଼ି, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ତଥା ରୋଗପୋକ ଦାଉ ସତ୍ତ୍ୱେ ଭଲ ଅମଳ ଦେଇପାରିବା ଭଳି ବିହନ ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ ବନ୍ଦୋବସ୍ତ କରାଯାଇଛି। ନୟାଗଡ଼ରେ ଚାଷୀମାନେ ଧନିଚା ଚାଷକୁ ବେଶ୍ ଗୁରୁତ୍ୱ ଦେଉଥିବା ବେଳେ ଜମିରେ ସବୁଜ ସାର ଉପଲବ୍ଧ ନିମନ୍ତେ ରିହାତି ଦରରେ ସମ୍ପୃକ୍ତ ହିତାଧିକାରୀ ମାନଙ୍କୁ ଧନିଚା ବିହନ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

ଭୁବନେଶ୍ୱର, ବୁଧବାର ୧୫, ମଇ ୨୦୨୪
Bhubaneswar, Wednesday 15, May 2024
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ପାଣ୍ଡ୍ୟାଙ୍କୁ ନେବା ମୁଡ୍‌ରେ ନଥିଲେ ରୋହିତ ଓ ମୁଖ୍ୟ ଚୟନକର୍ତ୍ତା !

ନୂଆଦିଲ୍ଲୀ, ୧୪।୫: ଆଇପିଏଲ ୨୦୨୪ ପ୍ଲେଅଫକୁ ଯିବାର ସ୍ୱପ୍ନ ମୁମ୍ବାଇ ଇଣ୍ଡିଆନ୍ସର ଭାଙ୍ଗି ଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ପ୍ରଥମ ଦଳ ଭାବେ ପ୍ଲେଅଫ ଦୌଡ଼ରୁ ବାଦ ପଡ଼ିଥିଲା। ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ମୁମ୍ବାଇ ରୋହିତ ଶର୍ମାଙ୍କୁ ହଟାଇ ପାଣ୍ଡ୍ୟାଙ୍କୁ କମାଣ ଦେବା ମାତ୍ରେ କ୍ରିକେଟ ପଣ୍ଡିତମାନେ ବିପର୍ଯ୍ୟୟର ଆଶଙ୍କା କରି ସାରିଥିଲେ। ତେବେ କୌତୁହଳର ବିଷୟ ହେଲା, ପ୍ଲେଅଫକୁ ଯୋଗ୍ୟତା ଅର୍ଜନ କରି ପାରି ନଥିବା ମୁମ୍ବାଇ ଟିମର ୪ ପ୍ରମୁଖ ଖେଳାଳି ଭାରତ ପାଇଁ ଟି-୨୦ ବିଶ୍ୱକପ ଖେଳିବେ। ଅଧିନାୟକ ରୋହିତ ଶର୍ମା, ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟ କୁମାର ଯାଦବ ଓ ଯଶପ୍ରୀତ ବୁମ୍ରା।



ସମୟ ଅତିକ୍ରମ କରିବା ସହ ମୁମ୍ବାଇ ଇଣ୍ଡିଆନ୍ସରେ କ୍ୟାପ୍ଟେନ୍ସି ବଦଳକୁ ନେଇ ଚାଲିଥିବା ବିବାଦ ଥମି ଯିବ ବୋଲି ସମସ୍ତେ ଆଶା କରିଥିଲେ କିନ୍ତୁ ଏପରି କିଛି ବି ହୋଇ ନାହିଁ ରିପୋର୍ଟ ଅନୁସାରେ, ହାର୍ଦ୍ଦିକଙ୍କ ଆଇପିଏଲ ପ୍ରଦର୍ଶନ ଓ କ୍ୟାପ୍ଟେନ୍ସି ଷ୍ଟାଇଲକୁ ନେଇ ରୋହିତ ଆଦୌ ସନ୍ତୁଷ୍ଟ ନାହାନ୍ତି ସେ ଟି-୨୦ ବିଶ୍ୱକପରେ ହାର୍ଦ୍ଦିକଙ୍କୁ ସାମିଲ କରିବା ସପକ୍ଷରେ ନଥିଲେ। ରୋହିତଙ୍କ ସହ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ମଧ୍ୟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟିମ ଇଣ୍ଡିଆର ୧୫ ଜଣିଆ ଦଳରେ ସାମିଲ କରିବାକୁ ଚାହୁଁ ନଥିଲେ। ଶେଷ ମୁହୂର୍ତ୍ତରେ ହାର୍ଦ୍ଦିକଙ୍କର ବିକଳ୍ପ ଅଲରାଉଣ୍ଡର ନ ମିଳିବାରୁ ତାଙ୍କୁ ୧୫ ଜଣିଆ ଦଳରେ ରଖା ଯାଇଥିଲା ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି ଆଇପିଏଲ ୨୦୨୪ରେ ହାର୍ଦ୍ଦିକଙ୍କ ପ୍ରଦର୍ଶନ ଆଦୌ ଆଶାଜନକ ନାହିଁ। ୧୩ଟି ମ୍ୟାଚ୍‌ରେ ସେ ୧୪୪.୯୩ ଷ୍ଟ୍ରାଇକ ରେଟରେ କେବଳ ୨୦୦ ରନ କରିଛନ୍ତି। ୧୩ ମ୍ୟାଚ୍‌ରେ ତାଙ୍କ ନାଁରେ ୧୧ ୱିକେଟ ରହିଛି। ହେଲେ ତାଙ୍କ ବୋଲିଂ ଇକୋନୋମି ୧୦.୫୯ ଏହି ପ୍ରଦର୍ଶନକୁ ଦେଖି ରୋହିତ ଓ ଅଗରକର ତାଙ୍କୁ ଟିମରେ ରଖିବାକୁ ଚାହୁଁ ନଥିଲେ ବୋଲି ରିପୋର୍ଟରେ କୁହାଯାଇଛି।

ଏହି ରିପୋର୍ଟରେ ଆହୁରି ଦାବି କରାଯାଇଛି ଯେ ଚାପର ବଶବର୍ତ୍ତୀ ହୋଇ ତାଙ୍କୁ ଟି-୨୦ ବିଶ୍ୱକପ ଦଳରେ ରଖାଯାଇଛି। ସେହିପରି ଟି-୨୦ ବିଶ୍ୱକପରେ ରୋହିତ ଶର୍ମା ଟି-୨୦ କ୍ରିକେଟକୁ ମଧ୍ୟ ଅଲବିଦା କହିପାରନ୍ତି ବୋଲି ରିପୋର୍ଟରେ ଦାବି କରିଛନ୍ତି। ବିଶ୍ୱକପ ଦଳ ଘୋଷଣା ହେବା ପରେ ରୋହିତ ଓ ଅଗରକର ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସମୟରେ ହାର୍ଦ୍ଦିକଙ୍କୁ ଦଳରେ ରଖିବା ନେଇ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ। ଏହାର ଜବାବରେ ଅଗରକର କହିଥିଲେ ଯେ ହାର୍ଦ୍ଦିକଙ୍କ ବଦଳ ଖେଳାଳି ଚୟନ କରିବାରେ ଚୟନକର୍ତ୍ତାଙ୍କ ପାଖରେ କୌଣସି ବିକଳ୍ପ ନଥିଲା। ତାଙ୍କ ସମକକ୍ଷ ଦକ୍ଷତାର ଖେଳାଳି ନଥିବାରୁ ତାଙ୍କୁ ଦଳରେ ରଖାଯାଇଛି।

# ଆଇପିଏଲ୍‌ରୁ ଗୁଜରାଟ ବିଦା

ନୂଆଦିଲ୍ଲୀ, ୧୪।୫: ଗୁଜରାଟ ଟାଇଟାନ୍ସ ଏବଂ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ଆଇପିଏଲ ୨୦୨୪ର ୬୩ତମ ମ୍ୟାଚ ଖେଳାଯିବାର ଥିଲା। କିନ୍ତୁ ଏହି ମ୍ୟାଚ୍‌କୁ ବର୍ଷା ଧୋଇଦେଇଥିଲା ଏହି ବାତିଲ ହୋଇଥିବା ମ୍ୟାଚ ସହିତ ଗୁଜରାଟକୁ ପ୍ଲେ ଅଫ ରେସ୍‌ରୁ ହଟାଇ ଦିଆଯାଇଥିଲା ଗୁଜରାଟ ବାଦ୍ ପଡିଥିବାରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଲାଭଦାୟକ ହୋଇଛି।

ଆଇପିଏଲ ୨୦୨୪ରେ ଗୁଜରାଟ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହାପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ପଞ୍ଜାବ କିଙ୍ଗ୍ସର ଦଳ ପ୍ଲେ ଅଫ ରେସ୍‌ରୁ ବାଦ ପଡିଥିଲେ। ଗୁଜରାଟ ବାଦ୍ ପଡ଼ିବା ହେତୁ ଆରସିବି ପାଇଁ ସବୁଠାରୁ ବଡ ଲାଭ ହେଉଛି ଯେ ବର୍ତ୍ତମାନ ପ୍ଲେ ଅଫ ପାଇଁ ଗୋଟିଏ ଦଳ ପାଇଁ ପ୍ରତିଯୋଗିତା ହ୍ରାସ ପାଇଛି। ବର୍ତ୍ତମାନ ଚେନ୍ନାଇ ସୁପର କିଙ୍ଗ୍ସ, ଲକ୍ଷ୍ନୌ ସୁପର ଜିଆଣ୍ଟସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ଆରସିବିକୁ ପ୍ଲେ ଅଫ ଯିବାକୁ ପଡିବ।



# ଆହତ ସତ୍ତ୍ୱେ ଟସ୍କିନଙ୍କୁ ମିଳିଲା ବଡ଼ ଦାୟିତ୍ୱ



ଢାକା, ୧୪।୫: ପାର୍ଶ୍ୱ ଯନ୍ତ୍ରଣା ପାଇଁ ଚିକିତ୍ସାଧୀନ ଥିବା ସତ୍ତ୍ୱେ ପେସ୍ ବୋଲର ଟସ୍କିନ ଅହମଦ ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ବାଂଲାଦେଶ ଦଳରେ ସ୍ଥାନ ପାଇଛନ୍ତି ତାଙ୍କୁ ଦଳର ଉପଅଧିନାୟକ କରାଯାଇଛି ଗତ ସପ୍ତାହରେ ଜିମ୍ବାୱେ ବିପକ୍ଷ ୫ମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ପୂର୍ବରୁ ସେ ଆଘାତପ୍ରାପ୍ତ ହୋଇଥିଲେ ପୂର୍ବରୁ ଏହି ୨୯ ବର୍ଷୀୟ ସିରିଜରେ ଭଲ ପ୍ରଦର୍ଶନ କରିଥିଲେ ସେ ୪ଟି ଗେମ୍ ଖେଳି ୪.୫୬ ଇକୋନୋମି ରେଟ୍‌ରେ ୮ ଉଇକେଟ ଦଖଲ କରିଥିଲେ। ନଜମୁଲ ହୋସେନ ଶାନ୍ତୋଙ୍କୁ ୧୫ଜଣିଆ। ବାଂଲାଦେଶ ଦଳର ଅଧିନାୟକ ମନୋନୀତ କରାଯାଇଛି। ଦଳରେ ବହୁ ଅଭିଜ୍ଞ ଖେଳାଳିଙ୍କୁ ନିଆଯାଇଛି। ବର୍ତ୍ତମାନ ଖରାପ ଫର୍ମରେ ରହିଥିଲେ ସୁଦ୍ଧା ଓପନର ଲିଟନ ଦାସଙ୍କୁ ଦଳରେ ନିଆଯାଇଛି। ଷ୍ଟାର ଅଲ୍ ରାଉଣ୍ଡର ଶକିବ ଅଲ୍ ହସନ ହେଉଛନ୍ତି ଦଳର ସବୁଠାରୁ ବରିଷ୍ଠ ଖେଳାଳି। ୨୦୦୭ରୁ ଏହି ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ସେ ପ୍ରତ୍ୟେକଟିରେ ଅଂଶଗ୍ରହଣ କରି ଆସିଛନ୍ତି। ଜୁନ ୭ରେ ଟେକ୍ସାସର ଡଲାସଠାରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ସହ ବାଂଲାଦେଶ ଏହାର ଅଭିଯାନ ଆରମ୍ଭ କରିବ। ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡ୍ସ ଓ ନେପାଳ ସହ ବାଂଲାଦେଶ ଗ୍ରୁପ୍ ଡିରେ ସ୍ଥାନ ପାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ର ମାନଦଣ୍ଡ ଅନୁସାରେ ଅନ୍ତର୍ଜାତୀୟ ଟି୨୦ ଟିମ୍ ର୍ୟାଙ୍କିଙ୍ଗକୁ ଭିତ୍ତି କରି ବାଂଲାଦେଶ କ୍ରମାଗତ ୯ମ ଥର ବିଶ୍ୱକପ୍ ଖେଳିବାକୁ ଯାଉଛି।

ବାଂଲାଦେଶ ଦଳ: ନଜମୁଲ ହୋସେନ ଶନ୍ତୋ (ଅଧିନାୟକ), ଟସ୍କିନ ଅହମଦ (ଉପଅଧିନାୟକ), ଲିଟନ ଦାସ, ସୌମ୍ୟ ସରକାର, ତାନଜିଦ ହସନ, ଶକିବ ଅଲ୍ ହସନ, ତୋହିଦ ହ୍ରିଦୟ, ମହମୁଦୁଲ୍ଲା ଜାକର ଅଲ୍ଲୀ, ତନଭିର ଇସ୍‌ଲାମ୍, ମେହେଦି ହସନ, ରିଶାଦ ହୋସେନ, ମୁସ୍ତାଫିଜୁର ରହମନ, ଶୋରିଫୁଲ୍ ଇସ୍‌ଲାମ୍, ତାନଜିମ୍ ହସନ ଟ୍ରଭେଲିଂ ରିଜର୍ଭସ: ହସନ ମେହମୁଦ, ଅଫିଫ ହୋସେନ।

## ଗାଳି ପରେ ଆଲିଙ୍ଗନ


ନୂଆଦିଲ୍ଲୀ, ୧୪।୫: ବିବାଦର ଅନ୍ତ ଘଟିଲା। କେ ଏଲ୍ ରାହୁଲ ଏବଂ ସଞ୍ଜୀବ ଗୋଏଙ୍କାଙ୍କ ମଧ୍ୟରେ ସବୁକିଛି ଠିକ୍ ଅଛି ସାମ୍ନାକୁ ଆସିଥିବା ଉଭୟଙ୍କ ଫଟୋରୁ ଏହା ସ୍ପଷ୍ଟ ହୋଇଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଉକ୍ତ ଫଟୋରେ ଦୁହେଁ ପରସ୍ପରକୁ ଆଲିଙ୍ଗନ କରିଥିବା ଦେଖାଯାଉଛି। ଲକ୍ଷ୍ନୌ ଏହାର ଆଗାମୀ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିଛି। ଏହାପୂର୍ବରୁ ଅଧିନାୟକ ଏବଂ ମାଲିକଙ୍କ ମଧ୍ୟରେ ଦେଖାଯାଇଥିବା ବିବାଦ ଶେଷ ହୋଇଛି ବୋଲି କୁହାଯାଉଛି। ତେବେ ଏଲ୍‌ଏସ୍‌ଜି ଫ୍ରାଞ୍ଚାଇଜ୍ ମାଲିକ ଗୋଏଙ୍କା ଅଧିନାୟକ ରାହୁଲଙ୍କୁ ନିଜ ଘରକୁ ରାତ୍ରିଭୋଜନ ଲାଗି ନିମନ୍ତ୍ରଣ ଦେଇଥିଲେ ମନମାଳିନ୍ୟକୁ ଦୂରରେ ରଖି ରାହୁଲ ପହଞ୍ଚିବା ପରେ ଗୋଏଙ୍କା ତାଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ ଏହାର ଫଟୋ ଭାଇରାଲ ହେଉଛି। କହିରଖୁଛୁ, ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ପରାଜିତ ହେବା ପରେ ଲକ୍ଷ୍ନୌ ମାଲିକ ଅଧନାୟକଙ୍କୁ ଗାଳି କରିଥିଲେ। ମଇଦାନରେ ସେ ରାହୁଲଙ୍କୁ ଅନେକ କିଛି କହୁଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଥିଲା ପରେ ଏହାକୁ କ୍ରିକେଟ ପ୍ରେମୀଙ୍କ ସହ ରାହୁଲଙ୍କ ପ୍ରଶଂସକମାନେ ପସନ୍ଦ କରି ନ ଥିଲେ।

**ଟି-୨୦ ବିଶ୍ୱକପ୍ ନିୟମ**

# ଦ୍ୱିତୀୟ ସେମିଫାଇନାଲ ପାଇଁ ରିଜର୍ଭ ଦିବସ ନାହିଁ

କୋଲକାତା: ଟି-୨୦ ବିଶ୍ୱକପ ଜୁନରୁ ଆରମ୍ଭ ହେବ । ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଆୟୋଜିତ ହେବାକୁ ଥିବା ବିଶ୍ୱକପ ପାଇଁ ଅଧିକାଂଶ ଦଳ ସେମାନଙ୍କ ଟିମ୍ ଘୋଷଣା କରି ସାରିଛନ୍ତି। ଏଥର ବିଶ୍ୱକପରେ ଫାଇନାଲ ପର୍ଯ୍ୟନ୍ତ ୫୫ଟି ମ୍ୟାଚ୍ ହେବ କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି। ଦ୍ୱିତୀୟ ସେମିଫାଇନାଲ ପାଇଁ ରିଜର୍ଭ ଦିବସ ରଖାଯାଇ ନାହିଁ ।

କ୍ରିକବଜ୍ ସମ୍ବାଦ ଅନୁଯାୟୀ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏବଂ କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ (ସିଡବ୍ଲୁଆଇ) ଦ୍ୱିତୀୟ ସେମିଫାଇନାଲ୍ ପାଇଁ ୨୫୦ମିନିଟ୍ ଅତିରିକ୍ତ ସମୟ ରଖିବାକୁ ନିଷ୍ପତ୍ତି ନେଇଛି ଯାହାଫଳରେ ମ୍ୟାଚ୍ ସେହି ଦିନ ଶେଷ ହୋଇପାରିବ ଅର୍ଥାତ୍ ମ୍ୟାଚ୍ ପାଇଁ ଅତିରିକ୍ତ ୪ ଘଣ୍ଟା ସମୟ ଦିଆଯାଇଛି ଯାହା ଦ୍ୱାରା ଦଳଗୁଡିକ କ୍ରମାଗତ ଖେଳିବା, ଭ୍ରମଣ ଏବଂ ପୁନର୍ବାର ଖେଳିବାକୁ ପଡ଼ିବ ନାହିଁ। ବାସ୍ତବରେ, କେଣସି ଦଳ ଫାଇନାଲ ପୂର୍ବରୁ ଯାତ୍ରା ପାଇଁ କେବଳ ଗୋଟିଏ ଦିନ ରହିବେ। ଏଭଳି ପରିସ୍ଥିତିରେ ସେମିଫାଇନାଲ ଏବଂ ଫାଇନାଲ ମଧ୍ୟରେ ବହୁତ କମ୍ ସମୟ ରହିବ ଏହି କାର୍ଯ୍ୟସୂଚୀ ନେଇ କ୍ରମାଗତ ଭାବରେ ପ୍ରଶ୍ନ ଉଠିଥିଲା। ଯାହା ପରେ ଆଇସିସି ଏହି ନିଷ୍ପତ୍ତି ନେଇଛି।



ବାସ୍ତବରେ, ପ୍ରଥମ ସେମିଫାଇନାଲ ଜୁନ୍ ୨୬ରେ ତ୍ରିନିଦାଦରେ ଖେଳାଯିବାକୁ ଧାର୍ଯ୍ୟ କରାଯାଇଛି। ଏହା ସ୍ଥାନୀୟ ସମୟ ରାତି ସାଢ଼େ ୮ଟାରୁ ଖେଳାଯିବ ଭାରତୀୟ ସମୟ ଅନୁଯାୟୀ ଏହି ମ୍ୟାଚ୍ ତାପରଦିନ ସକାଳ ୬ ଟାରୁ ଆରମ୍ଭ ହେବ ପ୍ରଥମ ସେମିଫାଇନାଲ ପାଇଁ ଆୟୋଜକମାନେ ଏକ ରିଜର୍ଭ ଦିବସ ରଖିଛନ୍ତି ଯଦି ଏହି ସ୍ଥାନରେ ବର୍ଷା ହୁଏ, ତେବେ ଆସନ୍ତା ଜୁନ୍ ୨୭ରେ ମ୍ୟାଚ୍ ଶେଷ ହେବ ।

ଦ୍ୱିତୀୟ ସେମିଫାଇନାଲ ଗୁଆନାଠାରେ ଖେଳାଯିବ ଏଠାରେ ପରିସ୍ଥିତି ଟିକିଏ ଅଲଗା। ଏହା ଜୁନ୍ ୨୭ରେ ସ୍ଥାନୀୟ ସମୟ ପୂର୍ବାହ୍ନ ସାଢ଼େ ୧୦ରୁ ଖେଳାଯିବ। ଭାରତୀୟ ସମୟ ରାତି ସାଢ଼େ ୮ଟାରୁ ଏହା ଖେଳାଯିବ। ଏହି ମ୍ୟାଚ୍ ସେହି ଦିନ ଯେ କେଣସି ମୂଲ୍ୟରେ ଶେଷ ହେବାକୁ ପଡିବ ଏହା ପରେ, ୨୮ ଜୁନ୍ ଯାତ୍ରା ଦିବସ ହେବ।ଜୁନ ୨୯ରେ ଫାଇନାଲ ଖେଳାଯିବ। ଗୁଆନାଠାରେ ଭାରତ ଦ୍ୱିତୀୟ ସେମିଫାଇନାଲ ଖେଳିପାରେ ବୋଲି ଆଶା କରାଯାଉଛି ଜୁନ୍ ମାସରେ କାରିବିଆନ୍ ଦେଶରେ ଉତ୍ତାପ ଏବଂ ବର୍ଷା ହେବାର ସମ୍ଭାବନା ଅଛି। ଏଭଳି ପରିସ୍ଥିତିରେ ମ୍ୟାଚ୍‌ରେ ବର୍ଷା ହେବାର ଆଶଙ୍କା ରହିବ ବୋଲି ଅସ୍ୱୀକାର କରାଯାଇପାରିବ ନାହିଁ।

## ବଲ୍ ଚୋରି କରୁଥିଲେ ପ୍ରଶଂସକ

ନୂଆଦିଲ୍ଲୀ, ୧୪୫: ଆଇପିଏଲ୍ ୨୦୨୪ ଏହାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୭୦ଟି ଲିଗ ମ୍ୟାଚ ମଧ୍ୟରୁ ୬୩ଟି ଖେଳାଯାଇଛି। ପ୍ରଶଂସକମାନେ ଏପର୍ଯ୍ୟନ୍ତ ଆଇପିଏଲକୁ ବହୁତ ଉପଭୋଗ କରିଛନ୍ତି।ଅନେକ ଲୋକ ଟିଭିରେ ଟୁର୍ନାମେଣ୍ଟ ମ୍ୟାଚ ଦେଖୁଥିବାବେଳେ କିଛି ଲୋକ ମ୍ୟାଚ ଦେଖିବା ପାଇଁ ଷ୍ଟାଡିୟମରେ ମଧ ପହଞ୍ଚିଛନ୍ତି ଏସବୁ ମଧ୍ୟରେ ସୋସିଆଲ



ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି ଏଥିରେ ଜଣେ ପ୍ରଶଂସକ ବଲ ଚୋରି କରିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ଏହି ଭାଇରାଲ ଭିଡିଓରେ ଦେଖିବାକୁ ମିଳେ, କୋଲକାତା ନାଇଟ ରାଇଡର୍ସ ଜର୍ସି ପିନ୍ଧିଥିବା ଜଣେ ପ୍ରଶଂସକ ଷ୍ଟାଡିୟମ ଭିତରେ ଥିବା ବଲ ଚୋରି କରିବାକୁ ଚେଷ୍ଟା କରୁଥିଲେ କିନ୍ତୁ ପୋଲିସ ଏହି କାର୍ଯ୍ୟ କରିବା ସମୟରେ ପ୍ରଶଂସକଙ୍କୁ ଧରିଥିଲା ଏହାକୁ ଧରିବା ପରେ ପୋଲିସ ପ୍ରଶଂସକଙ୍କ ପ୍ୟାଣ୍ଟରୁ ବଲ ବାହାର କରି ଖେଳ ପାଇଁ ପଡ଼ିଆକୁ ଫିଙ୍ଗି ଦେଇଥିଲା କୋଲକାତା ନାଇଟ ରାଇଡର୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ସମୟରେ ଏହି ଘଟଣା ଘଟିଥିଲା।

# ଆର୍‌ସିବି ଛାଡି ଇଂଲଣ୍ଡ ଫେରିଲେ ଦୁଇ ଖେଳାଳି

ନୂଆଦିଲ୍ଲୀ, ୧୪।୫: ଆଇପିଏଲ ୨୦୨୪ର ପ୍ଲେ ଅଫ ପର୍ଯ୍ୟାୟ ପୂର୍ବରୁ ଇଂଲଣ୍ଡର ଅନ୍ୟ ୨ ଖେଳାଳି ଆଇପିଏଲ ୨୦୨୪କୁ ବିଦାୟ ଦେଇଛନ୍ତି। ରାଜସ୍ଥାନ ରୟାଲ୍ସର ଓପନିଂ ବ୍ୟାଟ୍ସମ୍ୟାନ ଜୋସ ବଟଲର ଆରଆର କ୍ୟାମ୍ପକୁ ବିଦାୟ ଦେଇଛନ୍ତି ବର୍ତ୍ତମାନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବ୍ୟାଟ୍ସମ୍ୟାନ ୱିଲ ଜ୍ୟାକ ଏବଂ ବୋଲର ରିସ ଟୋପଲି ମଧ ଆଇପିଏଲ ୨୦୨୪ ଛାଡି ଇଂଲଣ୍ଡକୁ ଫେରୁଛନ୍ତି ଆରସିବି ପକ୍ଷରୁ ଏକ ଭିଡିଓ ମାଧ୍ୟମରେ ଏହା ନିଶ୍ଚିତ ହୋଇଛ ଜ୍ୟାକ ଏବଂ ଟୋପଲି ବେଙ୍ଗାଲୁରୁ ଦଳ ଛାଡି ଇଂଲଣ୍ଡ ଦଳର ଏକ ଅଂଶ ହେବାକୁ ଯାଉଛନ୍ତି।



ଆରସିବି ଜାରି କରିଥିବା ଭିଡିଓ ଜାରି କରିଛି ଏହି ଭିଡିଓରେ ସମସ୍ତ ଖେଳାଳି ଏବଂ ସପୋର୍ଟ ଷ୍ଟାଫ ଡ୍ରେସିଂ ରୁମରେ ବସିଛନ୍ତି ସମସ୍ତେ ଜ୍ୟାକ ଏବଂ ଟୋପଲିଙ୍କ ପାଇଁ କରତାଳି ଦେଇଥିଲେ ଏବଂ ଉଭୟ ଇଂଲଣ୍ଡ ଖେଳାଳିମାନେ ସିଜିନ୍‌ରେ ସେମାନଙ୍କର ସ୍ମୃତିକୁ ଶବ୍ଦରେ ପ୍ରକାଶ କରିଥିଲେ। ଜ୍ୟାକ ୨୦୨୪ରେ ଆରସିବି ପାଇଁ ନିଜର ଆଇପିଏଲ ଡେବ୍ୟୁ କରିଥିଲେ। ଏହି ସିଜନରେ ସେ ୮ଟି ମ୍ୟାଚରେ ହାରାହାରି ୩୨.୮୬ରେ ୨୩୦ ରନ କରିଛନ୍ତି ଅନ୍ୟପକ୍ଷରେ ଚଳିତ ସିଜନରେ ୪ଟି ମ୍ୟାଚରେ ରିସ ଟୋପଲି ମାତ୍ର ୪ ଉଇକେଟ ନେଇଛନ୍ତି।

ଟି-୨୦ ବିଶ୍ୱକପ ୨୦୨୪ ପୂର୍ବରୁ ଇଂଲଣ୍ଡ ଏବଂ ପାକିସ୍ତାନ ମଧ୍ୟରେ ୪ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ ଏହା ମେ ୨୨ ରୁ ୩୦ ପର୍ଯ୍ୟନ୍ତ ଚାଲିବ ଏହି ସିରିଜ ପାଇଁ ମୋଏନ ଅଲି (ସି,ସକେ), ଜନି ବେୟାରଷ୍ଟୋ (ପିବିକେଏସ୍), ସାମ କୁରାନ (ପିବିକେଏସ୍) ଏବଂ ଫିଲ ସଲ୍ଟ(କେକେଆର୍) ମଧ୍ୟ ଇଂଲଣ୍ଡ ଦଳରେ ଆଇପିଏଲ ୨୦୨୪ରେ ଖେଳୁଛନ୍ତି ପାକିସ୍ତାନ ଏବଂ ବିଶ୍ୱକପ ବିପକ୍ଷ ସିରିଜ ପାଇଁ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଏହି ଖେଳାଳିମାନେ ଆଗାମୀ କିଛି ଦିନ ମଧ୍ୟରେ ଇଂଲଣ୍ଡକୁ ଫେରିପାରିବେ। ଏଭଳି ପରିସ୍ଥିତିରେ ମେ ୧୮ ମ୍ୟାଚ୍ ଉଭୟଙ୍କ ପାଇଁ କର ବା ମର ସ୍ଥିତି ସୃଷ୍ଟି କରିଛି ବିଶେଷ କଥା ହେଉଛି ଏହି ମ୍ୟାଚ୍ ଜିତିବା ଦ୍ୱାରା ମଧ୍ୟ ବେଙ୍ଗାଲୁରୁ ଯୋଗ୍ୟତା ଅର୍ଜନ କରିପାରିବ ନାହିଁ, କାରଣ ବେଙ୍ଗାଲୁରୁ ପରବର୍ତ୍ତୀ ମ୍ୟାଚ୍ ଜିତିଲେ ମଧ୍ୟ ଏହା ମାତ୍ର ୭ ଟି ମ୍ୟାଚ୍ ଜିତିବାକୁ ସକ୍ଷମ ହେବ। ଏଭଳି ପରିସ୍ଥିତିରେ ଆରସିବିକୁ ନେଟ୍ ରନ୍ ହାର ଉପରେ ନଜର ରଖିବାକୁ ପଡ଼ିବ।

# ଅନିମେଶଙ୍କୁ ସ୍ୱର୍ଣ୍ଣ: ରୌପ୍ୟ ପାଇଲେ ଶ୍ରାବଣୀ, ପ୍ରଜ୍ଞା, ସ୍ୱାଧୀନ

ଭୁବନେଶ୍ୱର.୧୪।୫: କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୨୭ତମ ଜାତୀୟ ବରିଷ୍ଠ ଫେଡେରେସନ୍ ଦୌଡ଼କୁଦରେ ସୋମବାର ଓଡ଼ିଆ ଖେଳାଳି ଚମକ ଦେଖାଇଛନ୍ତି। ଅନିମେଶ କୁଜୁରୁ ପୁରୁଷ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ଜିତିଥିଲା ବେଳେ ମହିଳାରେ ରୌପ୍ୟ ପାଇଛନ୍ତି ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ। ସେହିଭଳି ୧୦୦ ମିଟର ବାଧା ଦୌଡ଼ରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ମଧ୍ୟ ରୌପ୍ୟ ପଦକ କରାୟତ୍ତ କରିଛନ୍ତି। ଅନିମେଶ (୨୦.୬୨ ସେକେଣ୍ଡ) ବ୍ୟକ୍ତିଗତ ଶ୍ରେଷ୍ଠ ସହ ପ୍ରଥମ ସ୍ଥାନରେ ରହିଛନ୍ତି ଆନ୍ଧ୍ରପ୍ରଦେଶର ନାଲୁବୋଥୁ ଶାନୁମାଗା (୨୦.୯୭ ସେକେଣ୍ଡ) ଦ୍ୱିତୀୟ ଓ ମହାରାଷ୍ଟ୍ରର ଜୟ ଶାହ (୨୧.୩୧) ତୃତୀୟ ସ୍ଥାନରେ ରହିଛନ୍ତି।

ମହିଳା ୨୦୦ ମିଟରେ ଶ୍ରାବଣୀ (୨୩.୮୯ ସେକେଣ୍ଡ) ମାତ୍ର ୦.୦୪ ସେକେଣ୍ଡ ପାଇଁ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଛନ୍ତି। କର୍ଣ୍ଣାଟକର ଉନ୍ନତି ଆଇୟାପ୍ପା ବୋଲାଣ୍ଡ (୨୩.୮୫ ସେକେଣ୍ଡ) ରୌପ୍ୟ ଓ ଗୁଜରାଟର ଦେବ୍ୟାନିବା ମହେନ୍ଦ୍ରସିନ (୨୪.୧୪ ସେକେଣ୍ଡ) କାଂସ୍ୟ ପାଇଛନ୍ତି। ୧୦୦ ମିଟର ବାଧା ଦୌଡ଼ରେ ପ୍ରଜ୍ଞା (୧୩.୪୦ ସେକେଣ୍ଡ) ରୌପ୍ୟ କରାୟତ୍ତ କରିଥିଲା ବେଳେ ତାମିଲନାଡୁର ନିତ୍ୟା ରାମରାଜ





(୧୩.୧୪ ସେକେଣ୍ଡ) ସ୍ୱର୍ଣ୍ଣ ଓ ପଶ୍ଚିମବଙ୍ଗର ମେମିତା ମଣ୍ଡଳ (୧୩.୬୪ ସେକେଣ୍ଡ) କାଂସ୍ୟ ହାତେଇଛନ୍ତି। ହାଇ ଜମ୍ପରେ ସ୍ୱାଧୀନ ମାଝି ରୌପ୍ୟ ପାଇଥିଲେ। ସେ ୨.୦୯ ମିଟର ଡେଇଁ ଏହି ପଦକ କରାୟତ୍ତ କରିଛନ୍ତି। କର୍ଣ୍ଣାଟକର ଚେତନ ବାଲସୁବ୍ରମନ୍ୟମ (୨.୦୯ ମିଟର) ସ୍ୱର୍ଣ୍ଣ ଏବଂ ଆନ୍ଧ୍ରପ୍ରଦେଶର ସାଇକ ମୋହିଦିନ (୨.୦୫ ମିଟର) କାଂସ୍ୟ ପାଇଥିଲେ। ତେବେ ଅନ୍ୟ ଜଣେ ଓଡ଼ିଆ। ନିଖିଳ ଦାସ (୨.୦୫ ମିଟର) ଚତୁର୍ଥ ସ୍ଥାନରେ ରହି ଅଳ୍ପରେ ପଦକରୁ ବଞ୍ଚିତ ହୋଇଥିଲେ। ଶ୍ରାବଣୀ କହିଛନ୍ତି ଯେ, ଅଲିମ୍ପିକ୍ସ ବର୍ଷ ଚାଲିଛି। ମୁଁ ପୂର୍ବରୁ ଅଲିମ୍ପିକ୍ସରେ ୨୦୦ ମିଟରରେ ଭାଗ ନେଇଛି। ଏବେ ଶ୍ରେଷ୍ଠ ଦେବା ଲାଗି ପରିଶ୍ରମ କରୁଛି ଈଶ୍ୱରଙ୍କ ଆଶୀର୍ବାଦ ରହିଲେ ପୁଣି ଥରେ ଅଲିମ୍ପିକ୍ସରେ ଭାଗ ନେଇପାରିବି। ଏବେ ପ୍ରତିଯୋଗିତା ଆରମ୍ଭ ହେଉଛି। ମୋ ଶରୀର ଠିକ୍‌ରେ କାମ କରିନି। ସେଥିପାଇଁ ସ୍ୱର୍ଣ୍ଣରୁ ବଞ୍ଚିତ ହେଲି। କିନ୍ତୁ ପ୍ରଦର୍ଶନରେ ଖୁସି ଅଛି। କାରଣ ଏହା ମୋର ଚଳିତ ଋତୁ ସମୟ। ମୋ ପାଖରେ ଥିବା ପ୍ରତିଭାର ଶତ ପ୍ରତିଶତ ଦେଇପାରୁନି ବୋଲି ମୁଁ ଅନୁଭବ କରୁଛି। ଏବେ ଯିଏ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ସେ ଜଣେ କ୍ରୀଡ଼ାବିତ୍ ପରିବାରରୁ ଆସିଛନ୍ତି। ତାଙ୍କ ମା ପ୍ରମିଳା ଆୟାପ୍ପା ଏସୀୟ ବିଜେତା ଏବଂ ଜଣେ ଅଲିମ୍ପିଆନ। ପ୍ରମିଳାଙ୍କ ସହ ମୁଁ ଯେତେବେଳେ ବେଙ୍ଗାଲୁରୁରେ ଅଭ୍ୟାସ କରୁଥିଲି। ସେତେବେଳେ ଉନ୍ନତିଙ୍କୁ ମାତ୍ର ୩ ବର୍ଷ ହୋଇଥିଲା ଏବେ ସେ ମୋତେ ଭଲ ସମୟ ନେଇ ଅତିକ୍ରମ କରିପାରିଛନ୍ତି। ସେହିପରି ବାଧାଦୌଡ଼ରେ ରୌପ୍ୟ ପାଇଥିବା ପ୍ରଜ୍ଞା କହିଛନ୍ତି, ପ୍ରତିଯୋଗିତା ପୂର୍ବରୁ ବହୁତ କଷ୍ଟ କରିଥିଲି। ତେଣୁ ଭଲ ଫଳ ଆଶାରେ ଥିଲି।ଦୁର୍ଭାଗ୍ୟବଶତଃ ତିନିଟି ହର୍ଡଲ୍ସ ଖରାପ ହେବାରୁ ମୋର ସ୍ୱର୍ଣ୍ଣ ପଦକ ହାତଛଡ଼ା ହୋଇଗଲା ଏଥିପାଇଁ ବହୁତ ଦୁଃଖିତ ଆଗକୁ ଭଲ କରିବାକୁ ଚେଷ୍ଟା କରିବି।

ଅନିମେଶ କହିଛନ୍ତି ଯେ, ଛତିଶଗଡ଼ ଅମ୍ବିକାପୁରସ୍ଥିତ ସୈନିକ ସ୍କୁଲରେ ପଢୁଥିଲା ବେଳେ ଦୌଡ଼କୁଦ କଣ ଜାଣି ନଥିଲି କେବଳ ଫୁଟବଲ୍ ଖେଳୁଥିଲୁ ଦୌଡ଼ ପ୍ରତି କେଣସି ଆଗ୍ରହ ନଥିଲା। ହେଲେ କରୋନା ସମୟରେ ଫୁଟବଲ୍ ଖେଳ ବନ୍ଦ ହୋଇଗଲା କରୋନା ସମୟରେ ସାଙ୍ଗମାନେ ରାଜ୍ୟ ପ୍ରତିଯୋଗିତାରେ ଖେଳିବାକୁ କହିଲେ ଏହିଠାରେ ଜାତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଥିଲି। ୨୦୨୨ରେ ଏକ ପ୍ରତିଯୋଗିତାରେ ଭାଗ ନେଉଥିଲା ବେଳେ ମାର୍ଟିନ କୋଏଙ୍କୁ ଦେଖିଥିଲି ସେ କିଏ ମୁଁ ଜାଣି ନଥିଲି ବିଦେଶୀ ବୋଲି ତାଙ୍କ ପାଖକୁ ଗଲି କଥାବାର୍ତ୍ତା ବେଳେ ତାଙ୍କୁ ସିଧାସଳଖ କହିଲି ମୁଁ ଆପଣଙ୍କଠୁ ପ୍ରଶିକ୍ଷଣ ନେବାକୁ ଚାହୁଁଛି। ସେ ରାଜି ହେଲେ ଏବଂ ଓଡ଼ିଶା ଆସିବାକୁ କହିଲେ ତାପରଠୁ ମୁଁ ଓଡ଼ିଶାରୁ ଖେଳୁଛି ଏଠାରେ ଓଡ଼ିଶା ସରକାର ସବୁ ପ୍ରକାର ସହଯୋଗ କରୁଛନ୍ତି। ଆଜି ଭଲ ଆରମ୍ଭ ଉପରେ ମନୋନିବେଶ କରିଥିଲି ପରିବେଶ ବି ବହୁତ ଭଲ ଥିଲା। ମୋର ସବୁ ଶକ୍ତି ଲଗାଇ ଦେଇଥିଲି। ଏବେ ଅଲିମ୍ପିକ୍ସ ଉପରେ ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି ଅନିମେଶ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ